R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୫
ତିଥି: ଅଷ୍ଟମୀ
୨୦ ଅଗଷ୍ଟ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 315
20 August 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସୁବର୍ଣ୍ଣରେଖାରେ ମଧ୍ୟମରୁ ବଡ଼ ବନ୍ୟା

ଭୁବନେଶ୍ୱର/ବାଲେଶ୍ୱର, ୧୯ ।୮ (ସବ୍ୟୁ): ବୈତରଣୀ, ବ୍ରାହ୍ମଣୀରେ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସୁଥିବା ବେଳେ ସୁବର୍ଣ୍ଣରେଖାରେ

### ରାଜଘାଟରେ ବିପଦ ସଙ୍କେତ ଉପରେ ପ୍ରବାହିତ

### ଉତ୍ତର ବାଲେଶ୍ୱରର ୪ ବ୍ଲକକୁ ବିପଦ

### ବ୍ରାହ୍ମଣୀ, ବୈତରଣୀରେ ଖସୁଛି ଜଳସ୍ତର

ବନ୍ୟା ଆସୁଥିବା ଖବର ଶୁଣି ବାଲେଶ୍ୱରବାସୀଙ୍କ ନିଦ ହଜିଯାଇଛି । ଦୀଘ ୧୫ଦିନରୁ ଅଧିକ ହେବ ବନ୍ୟା



ଜଳ ମାଡ଼ିଯିବାରୁ ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାର ୭ ଲକ୍ଷରୁ ଉର୍ଦ୍ଧ୍ୱର୍ ଲୋକ ପ୍ରଭାବିତ ହୋଇଛନ୍ତି । ଏବେ ପୁଣି ସୁବର୍ଣ୍ଣରେଖା ନଦୀରେ ମଧ୍ୟମରୁ ବଡ଼ ଧରଣର ବନ୍ୟା ମାଡ଼ି ଆସୁଛି ।

ଉପରମୁଣ୍ଡ ଅର୍ଥାତ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଛି । ଆଉ ଏହାର ପ୍ରଭାବରେ ଫୁଲିବାରେ ଲାଗିଛି ସୁବର୍ଣ୍ଣରେଖା ନଦୀ । ବଢୁଛି ଜଳସ୍ତର। ଏପରିକି ବିପଦ ସଙ୍କେତ ଟପିଯାଇଛି ନଦୀର ଜଳସ୍ତର । ଫଳରେ ଏବେ ଉତ୍ତର ବାଲେଶ୍ୱରରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ସୁବର୍ଣ୍ଣରେଖା ନଦୀର ବନ୍ୟା ଆସିଲେ ଉତ୍ତର ବାଲେଶ୍ୱରର ବସ୍ତା, ବାଲିଆପାଳ, ଭୋଗରାଇ ଏବଂ ଜଳେଶ୍ୱର ବ୍ଲକ ପ୍ରଭାବିତ ହେବ । ଏହି ଚାରି ବ୍ଲକର ତଳିଆ ଅଞ୍ଚଳକୁ ନେଇ ବଢ଼ିଛି ଚିନ୍ତା । ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ ମିଟର ରହିଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ନଦୀର ଜଳସ୍ତର ୧୧.୩୦ ମିଟରରେ ପ୍ରବାହିତ ହେଉଛି। ଅର୍ଥାତ ବିପଦ ସଙ୍କେତ ଠାରୁ ପ୍ରାୟ ୧ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ବୁଧବାର ରାତି ସୁଦ୍ଧା ଏହି ଜଳସ୍ତର ଆହୁରି ଅଧିକ ବୃଦ୍ଧି ପାଇବ । ଲଗାତାର ଜଳସ୍ତର ବଢୁଥିବାରୁ (୯ ପୃଷ୍ଠାରେ)

# ଦେଶରେ ଚିନି ମୂଲ୍ୟ ଆକାଶଛୁଆଁ




ନୂଆଦିଲ୍ଲୀ, ୧୯।୮ : ଦେଶରେ ଏବେ ଚିନିର ମୂଲ୍ୟ ଆକାଶଛୁଆଁ ହୋଇଛି। ଆଗକୁ ପାର୍ବଣରୁତୁ ଆସୁଥିବାରୁ ମିଠାର ଚାହିଦା ରହିଛି। ମାତ୍ର ଚିନିର ମୂଲ୍ୟ ବୃଦ୍ଧି ଯୋଗୁଁ ଏବେ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳୁଛି। ବିଶେଷକରି ଆଖୁ ଗୁଡିକ ଇଥାନଲ ପାଇଁ

- ଅଗଷ୍ଟ ସୁଦ୍ଧା ବଢ଼ିଲାଣି ୨୦%
- ଆଗକୁ ପାର୍ବଣ, ଚିନ୍ତାରେ ଖାଉଟି
- ଇଥାନଲ ଲାଗି ଆଖୁ ବ୍ୟବହାର ଯୋଗୁଁ ବଢୁଛି ଦର


ବ୍ୟବହାର ହେଉଥିବାରୁ ଏଭଳି ସଙ୍କଟ ସୃଷ୍ଟି ହୋଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାର ଏବେ ଇଥାନଲକୁ ପେଟ୍ରୋଲରେ ମିଶାଇ ବଜାରକୁ ଛାଡୁଛନ୍ତି।

ଦେଶରେ ପ୍ରର୍ଯ୍ୟାପ୍ତ ପରିମାଣରେ ଆଖୁଚାଷ ହୋଇଛି। ମାତ୍ର ଶତାଧିକ ଡିଷ୍ଟିଲାରୀ ସଂସ୍ଥା ଏବେ ଇଥାନଲ କାର୍ଯ୍ୟକ୍ରମରେ ବ୍ୟସ୍ତ ଅଛନ୍ତି। ସରକାର ପୂର୍ବରୁ ମଧ ରପ୍ତାନୀ ଉପରେ କଟକଣା ଲଗାଇଛନ୍ତି। ଇ-୨୦ର ଟାର୍ଗେଟ ଲାଗି ଇଥାନଲ ଉତ୍ପାଦନକୁ ବୃଦ୍ଧି କରାଯାଉଛି। କୋଲାପୁର ଓ ମହାରାଷ୍ଟ୍ର ହେଉଛି ଦେଶର ପ୍ରମୁଖ ଚିନି ବାଣିଜ୍ୟ କେନ୍ଦ୍ର। ଏଠାରେ ଅଗଷ୍ଟ ଆରମ୍ଭରୁ ଚିନି ମୂଲ୍ୟରେ ୨୦% ବୃଦ୍ଧି ହୋଇଛି। ଅଗଷ୍ଟରେ ୧ କ୍ୱିଣ୍ଟାଲ ଚିନିର ମୂଲ୍ୟ ୫୩୫୦ ଟଙ୍କା ରହିଛି। ସେହିଭଳି ପଞ୍ଜାବରେ ଖୁଚୁରା ବଜାରରେ ଚିନି ମୂଲ୍ୟ ୬୫ ଟଙ୍କାରେ ପହଞ୍ଚିଛି। ମୁମ୍ବାଇ ଓ ଭୋପାଲରେ ମଧ ଚିନି କେଜି ପ୍ରତି ୫୮ରୁ ୬୩ ଟଙ୍କା ରହିଛି। ଆଗକୁ ଗଣେଶ ଚତୁର୍ଥ , ଦଶହରା ଓ ଦୀପାବଳୀ ଥିବାରୁ କିଭଳି (୯ ପୃଷ୍ଠାରେ)

# ଡକ୍ଟର ଆଶୁତୋଷ ପରିଡ଼ା ପାଇବେ ୪୭ତମ ଶାରଳା ପୁରସ୍କାର







### 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପାଇବେ ଦୁର୍ଗା ଚରଣ ରଣବୀର, ଦାମୋଦର ବେହେରା

ଭୁବନେଶ୍ୱର, ୧୯ ।୮ (ସବ୍ୟୁ) : ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ର ସାମାଜିକ ଶାଖା'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟି ର ପୂର୍ବତନ ବୈଜ୍ଞାନିକ ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ। ପ୍ରଭା ପବ୍ଲିକେଶନ ଦ୍ୱାରା ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ (୯ ପୃଷ୍ଠାରେ)

### କଟକ ବଡ ମେଡିକାଲ, ରାଉରକେଲା ହନୁମାନ ବାଟିକା ପ୍ରକଳ୍ପ ପୁନଃବିକାଶ କାର୍ଯ୍ୟ ସମୀକ୍ଷା

# ଏସ୍‌ସିବିରେ ଆଉ ଏକ ମେଡ଼ିସିନ୍ ବ୍ଲକ୍ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯ ।୮ (ସବ୍ୟୁ) : କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ



- ବିଶ୍ୱସ୍ତରୀୟ ଏସ୍‌ସିବି ମେଗା ପ୍ରକଳ୍ପ: ୪ଟି କ୍ଲିନିକାଲ ବ୍ଲକ
- ବହୁତଳ କାର ପାର୍କିଂ କାର୍ଯ୍ୟ ଶୀଘ୍ର ସାର
- ଆଧୁନିକ ଶୈଳୀରେ ରୂପାନ୍ତରିତ ହେବ ହନୁମାନ ବାଟିକା

ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି ।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ୍ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ (୯ ପୃଷ୍ଠାରେ)

# ଦାରା ସିଂ ମୁକ୍ତି ପ୍ରସଙ୍ଗରେ ରାଜ୍ୟକୁ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍

ନୂଆଦିଲ୍ଲୀ,୧୯।୮(ଏଜେନ୍ସି): ଅଷ୍ଟ୍ରେଲିଆ ମିଶିନାରୀ ଗ୍ରାହାମ ଷ୍ଟେନସ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ଦାରା ସିଂର ମୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଓଡ଼ିଶା ଷ୍ଟେଟ ସେଣ୍ଟେନ ରିଭ୍ୟୁ ବୋର୍ଡକୁ ତାଗିଦ କରିଛନ୍ତି। ରିଭ୍ୟୁ ବୋର୍ଡ କାହିଁକି ରିପୋର୍ଟ ଦାଖଲ କରିବାରେ କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ମାମଲାରେ ଦାରା ସିଂ ୨୬ ବର୍ଷ ଜେଲ କାଟିବା ପରେ ଓଡ଼ିଶା ଷ୍ଟେଟ ସେଣ୍ଟନ ରିଭ୍ୟୁ ବୋର୍ଡ କାହିଁକି ସମୀକ୍ଷା କରିଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

୧୯୯୯ରେ ଗ୍ରାହାମ ଷ୍ଟେନସ ଓ ତାଙ୍କ ଦୁଇ ପୁଅଙ୍କୁ ହତ୍ୟା ପାଇଁ ଆଜୀବନ ସଜା ଦାରା ସିଂ ଭୋଗୁଛନ୍ତି। ତେବେ ସେ ତାଙ୍କ ଆଜୀବନ ଦଣ୍ଡାଦେଶକୁ କୋହଳ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାତ୍ର ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ବିଚାରପତି ମନୋଜ ମିଶ୍ର ଓ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ (୯ ପୃଷ୍ଠାରେ)

# ଏଣିକି ହ୍ୱାଟ୍ସଆପ୍‌ରେ ରାଜସ୍ୱ ଅଭିଯୋଗ ସମାଧାନ

ଭୁବନେଶ୍ୱର, ୧୯ ।୮ (ସବ୍ୟୁ): ଆମ ସାଥୀ ହ୍ୱାଟ୍ସ ଆପ୍ ଚାଟବଟ ମାଧ୍ୟମରେ ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ ହୋଇଛି । ଏହି ବ୍ୟବସ୍ଥା ଦ୍ୱାରା ରାଜସ୍ୱ ସେବା ଜନସାଧାରଣଙ୍କ ଆହୁରି ନିକଟତର ହେବା ସହ ସ୍ୱଚ୍ଛ, ପାରଦର୍ଶୀ ତଥା ଉତ୍ତରଦାୟୀ ରାଜସ୍ୱ ପ୍ରଶାସନ ସୁନିଶ୍ଚିତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଆପକୁ ଲୋକାର୍ପଣ ଏହା କହିଛନ୍ତି ।

ଲୋକସେବା ଭବନଠାରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ନାଗରିକମାନଙ୍କୁ




ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଦାଖଲ ଓ ତାହାର ସ୍ଥିତି ଅନୁସରଣ ପାଇଁ ଏକ ସରଳ, ସୁବିଧାଜନକ ଓ ସ୍ୱଚ୍ଛ ଡିଜିଟାଲ ବ୍ୟବସ୍ଥା ଭାବେ "ଆମ ସାଥୀ' ହ୍ୱାଟ୍ସ ଆପ୍ ଚାଟବଟ୍ ମାଧ୍ୟମରେ ରାଜସ୍ୱ (୯ ପୃଷ୍ଠାରେ)

### ଏମ୍ଏମ୍‌ଡିଆର୍ ସଂଶୋଧନକୁ ନବୀନଙ୍କ ବିରୋଧ

# ରାଜ୍ୟ ଅଧିକାର ଲାଗି ଶେଷ ନିଃଶ୍ୱାସ ଯାଏଁ ଲଢ଼ିବି

ଭୁବନେଶ୍ୱର,୧୯।୮(ସବ୍ୟୁ): ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ଆଇନ (ଏମ୍ଏମ୍‌ଡିଆର୍)ର ସଂଶୋଧନକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତିବାଦ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଏକ ବାର୍ତ୍ତା ଦେଇ କହିଛନ୍ତି ଯେ, ଏହି ମାଟି ଆମର, ଏହି ଖଣିଜ ସମ୍ପଦ ମଧ୍ୟ ଆମର, ଓଡ଼ିଶାକୁ ଦୁର୍ବଳ କରିବାକୁ ଚାଲୁଥିବା ଷଡଯନ୍ତ୍ର ଓ ବରଦାସ୍ତ କରାଯିବ ନାହିଁ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅଧିକାର ପାଇଁ ଲଢ଼େଇ ଜାରି ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ୨୦୦୦ ମସିହାରେ ସେ ଶାସନ ଦାୟିତ୍ୱ ନେଲା ବେଳେ ଓଡ଼ିଶା ଅର୍ଥନୀତି ଅତ୍ୟନ୍ତ ଖରାପ ସ୍ଥିତିରେ ଥିଲା। ଓଭରଡ୍ରାଫ୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା। ୨୦୨୪ରେ ଯେତେବେଳେ ସରକାର ପରିବର୍ତ୍ତନ ହେଲା ସେତେବେଳକୁ ୫୦ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡିଥିଲୁ। ଦୃଢ଼ ଆର୍ଥିକ ପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇଥିଲା। ଭିତ୍ତିଭୂମି ବିକାଶ ସହ ଅନେକ ଜନକଲ୍ୟାଣ (୯ ପୃଷ୍ଠାରେ)

### ଅନ୍‌ଲାଇନ ଟ୍ୟାକ୍ସି ଚାଳକ ସଂଘ ଆନ୍ଦୋଳନ

# ରଣକ୍ଷେତ୍ର ପାଲଟିଲା ମାଷ୍ଟରକ୍ୟାଣ୍ଟିନ

ଭୁବନେଶ୍ୱର, ୧୯ ।୮ (ସବ୍ୟୁ) : ଅନ୍‌ଲାଇନ ଟ୍ୟାକ୍ସି ଚାଳକ ସଂଘ ଆନ୍ଦୋଳନ ତୃତୀୟ ଦିନରେ ବୁଧବାର ମାଷ୍ଟରକ୍ୟାଣ୍ଟିନରେ ସେମାନେ ଆଇନ ଅମାନ୍ୟ କରିଥିଲେ । ଯାହା ଫଳରେ ପୋଲିସ ଲାଠିଚାର୍ଜ କରିଥିଲା । ଆନ୍ଦୋଳନକାରୀଙ୍କ ଢେଲାପଥର ମାଡରେ ୧୪ରୁ ଉର୍ଦ୍ଧ୍ୱର୍ ପୋଲିସ ଆହତ ହୋଇଥିବା ବେଳେ ଲାଠିମାଡରେ ୪୦ରୁ ଉର୍ଦ୍ଧ୍ୱ ଟ୍ୟାକ୍ସିଚାଳକ ଆହତ ହୋଇଛନ୍ତି । ଆନ୍ଦୋଳନକାରୀ ଟ୍ୟାକ୍ସିଚାଳକ ୧୪ଟି ଆମବସ୍‌କୁ ଭଙ୍ଗାରୁଜା କରିଥିବା ବେଳେ ରାସ୍ତାରେ ଯାଉଥିବା କେତେକ କାର୍ ଓ ଅଟୋଚାଳକଙ୍କୁ ମାଡ ମାରିବା ସହ ତାଙ୍କ ଗାଡି ଭଙ୍ଗାରୁଜା କରିଥିଲେ । ଦୁଇଘଣ୍ଟା ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ



ସଂଘର୍ଷ ହୋଇଥିଲା । କେବଳ ଆମବସ୍ ନୁହେଁ, ପୋଲିସ ଗାଡିକୁ ଟେକାମାରି ମଧ ଚୁରମାର କରିଛନ୍ତି ଆନ୍ଦୋଳନକାରୀ। ପୋଲିସ ୮୦ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଛି ।

ଯାତ୍ରୀଭଡା ବୃଦ୍ଧି ସମେତ ୭ଦଫା ଦାବି ନେଇ ଓଲା, ଉବେର ଓ ରାପିଡୋ ଗାଡିଚାଳକମାନେ ସୋମବାର ଠାରୁ ତାଙ୍କ ଆନ୍ଦୋଳନ ଆରମ୍ଭ କରିଥିଲେ। ଦୁଇଦିନ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିବା ବେଳେ ତୃତୀୟ ଦିନରେ ବୁଧବାର ଆଇନ ଅମାନ୍ୟ କଲେ । ମାଷ୍ଟରକ୍ୟାଣ୍ଟିନ, ଲୋୟର ପିଏମ୍‌ଜି ପ୍ରଭୃତି ଜନପଥରେ ଶହ ଶହ ସଂଖ୍ୟାରେ ଟ୍ୟାକ୍ସି, ଅଟୋ, ବାଇକ୍ ପ୍ରଭୃତି ରାସ୍ତା ଉପରେ ରଖି ଆନ୍ଦୋଳନ କରିଥିଲେ । ଜନପଥ ଓ ରେଳ ଷ୍ଟେସନରୁ ଏୟାରପୋର୍ଟ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଦିନ ୧୦ଟାରୁ ସେମାନେ ରାସ୍ତାରୋକ କରି ଆନ୍ଦୋଳନ କରୁଥିବା ବେଳେ ପୋଲିସ ସେମାନଙ୍କୁ ନିୟନ୍ତ୍ରଣ କରିପାରି ନଥିଲା । ଶେଷକୁ ରାପିଡ୍ ଆକ୍ସନ ଫୋର୍ସ ପହଞ୍ଚିଥିଲେ । ସେମାନଙ୍କୁ ବୁଝାସୁଝା କରି ପୋଲିସ ବିଫଳ ହେଲା । ଏପରିକି ସେମାନଙ୍କ ମଧ୍ୟରେ ଅଧଘଣ୍ଟାଏରୁ ଉର୍ଦ୍ଧ୍ୱର୍ ସମୟ ଠେଲାପେଲା ଲାଗି ରହିଲା । ଠେଲାପେଲାରେ ଉତ୍‌କ୍ଷିପ୍ତ ହୋଇ ଅନ୍‌ଲାଇନ୍ ଟ୍ୟାକ୍ସିଚାଳକ ଆନ୍ଦୋଳନକାରୀମାନେ ପୋଲିସ ଉପରକୁ ଟେକା ପଥର ମାଡ କରିଥିଲେ। କେବଳ ପୋଲିସ ନୁହଁନ୍ତି ପଥଚାରୀ, ମିଡିଆ କର୍ମଚାରୀଙ୍କୁ ମଧ ଆକ୍ରମଣ କରିଥିଲେ । ମାଷ୍ଟରକ୍ୟାଣ୍ଟିନ ଛକ ଉପରେ ଶହ ଶହ ସଂଖ୍ୟାରେ ଅଟୋ ରଖି ଚାଳକମାନେ ଆନ୍ଦୋଳନ କରୁଥିବାରୁ ପରିସ୍ଥିତି ଅଣାୟତ୍ତ ହେଲା । ପୋଲିସ ସେମାନଙ୍କ ଉପରକୁ ପାଣିମାଡ କରିବା କ୍ଷଣି ଅପରପକ୍ଷରୁ ଟେକାପଥର ବର୍ଷା ହେଲା । ଟେକାପଥର ମାଡରେ ୧୪ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହେବା ପରେ ର୍ୟାପିଡ୍ ଆକ୍ସନ ଫୋର୍ସ ଆନ୍ଦୋଳନକାରୀଙ୍କୁ (୯ ପୃଷ୍ଠାରେ)

# ଓଡ଼ିଶାକୁ ୩ ରେଳ ପ୍ରକଳ୍ପ

ଭୁବନେଶ୍ୱର, ୧୯ ।୮ (ସବ୍ୟୁ) : ଓଡ଼ିଶାକୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍‌ରେ ମୋଟ୍ ୪ ରେଳ ପଥ ସମ୍ପ୍ରସାରଣ ପ୍ରକଳ୍ପ ଅନୁମୋଦନ ହୋଇଛି। ଫଳରେ ରେଳବାଇ ନେଟ୍‌ୱାର୍କରେ ୪୧୦ କିମି ବୃଦ୍ଧି ଘଟିବ। ପ୍ରକଳ୍ପ ପାଇଁ ୯୪୫୦ କୋଟି ଟଙ୍କା ବ୍ୟୟ କରାଯିବ । ଏଥିଲାଗି



### ଅଶ୍ୱିନୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖି ଧନ୍ୟବାଦ ଜଣାଇବା ସହ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଶିଳ୍ପ ଏବଂ ଉପକୂଳବର୍ତ୍ତି ଜିଲ୍ଲାଗୁଡ଼ିକରେ ରେଳ ସଂଯୋଗୀକରଣରେ ବଡ ସୁଧାର ଆସିବ। କୋଇଲା, ଲୁହାପଥର, ସିମେଣ୍ଟ ଓ ଇସ୍ପାତ ପରିବହନ ଆହୁରି ସହଜ ହେବ। ଓଡ଼ିଶାର ଅର୍ଥନୀତି ଅଧିକ ମଜଭୁତ ରହିବ। ବିଶେଷକରି ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦିପୁର, ଗଡକୁଜଙ୍ଗ ଜଗନ୍ନାଥ ମନ୍ଦିର, ଧବଳେଶ୍ୱର ମନ୍ଦିର, ଶାରଳା ମନ୍ଦିର ଓ ଲଳିତଗିରିର ବୌଦ୍ଧ ଐତିହ୍ୟକୁ ଏହା ସଂଯୋଗ କରୁଥିବାରୁ (୯ ପୃଷ୍ଠାରେ)

## ଇତିହାସ

୧୮୨୮ - କୋଲକାତାରେ ରାଜା ରାମମୋହନ ରାୟଙ୍କ ବ୍ରହ୍ମ ସମାଜର ପ୍ରଥମ ଅଧିବେସନ ଆୟୋଜିତ ।

୧୯୯୫- ପୁରୁଷୋତ୍ତମ ଏକ୍ସପ୍ରେସ୍ ଓ କାଳିନ୍ଦୀ ଏକ୍ସପ୍ରେସ୍ ମଧ୍ୟରେ ଦୁର୍ଘଟଣା ଘଟି ପ୍ରାୟ ୩୫୦ ଜଣଙ୍କ ମୃତ୍ୟୁ ।

୧୮୨୭- ରୋନାଲ୍ଡ ରସ୍‌ଙ୍କ ଦ୍ୱାରା କୋଲକାତାରେ ମ୍ୟାଲେରିଆ ବାହକ ଏନୋଫିଲିସ୍ ମଶାର ଚିହ୍ନଟ ।

୧୯୧୩- ପ୍ରଥମ ପାଇଲଟ୍ ଭାବେ ଫ୍ରାନ୍ସର ଏଡଲ୍ଫ ପେଗୋଡ୍ ପାରାଚ୍ୟୁଟ୍ ଜରିଆରେ ବିମାନରୁ ଓହ୍ଲାଇଲେ ।

୧୯୮୮- ଭାରତ ଓ ନେପାଳ ଭୂକମ୍ପରେ ୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ।

୧୯୯୧- ପ୍ରସିଦ୍ଧ ଓଡିଆ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ଦେହାନ୍ତ ।

୨୦୧୧- ପ୍ରସିଦ୍ଧ ଭାରତୀୟ ଇତିହାସବିତ୍ ଏବଂ ଶିକ୍ଷାବିତ୍ ରାମ ଶରଣ ଶର୍ମାଙ୍କ ପରଲୋକ ।

୨୦୧୮- ପ୍ରଥମ ମହିଳା ରେସଲର ରୂପେ ଭାରତୀୟ ଖେଳାଳି ବିନେଶ ଫୋଗାଟ୍‌ଙ୍କୁ ଜାକର୍ତ୍ତା ଏସୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ।

## ସଦ୍‌ଭାବନା ଦିବସ



ସମଗ୍ର ଭାରତବର୍ଷରେ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ "ସଦ୍‌ଭାବନା ଦିବ ଭାବେ ପାଳନ କରାଯାଇଥାଏ । ଏହି ଦିବସ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱ ରାଜୀବ ଗାନ୍ଧୀ ( ୨୦ ଅଗଷ୍ଟ ୧୯୪୪ – ୨୧ ମଇ ୧୯୯୧ )ଙ୍କ ଜନ୍ମଦିନ ସ୍ମୃତିରେ ଆୟୋଜିତ ହୋଇଥାଏ । "ସଦ୍‌ଭାବନା" ଶବ୍ଦର ପ୍ରକୃତ ଅର୍ଥ ହେଉଛି ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ଓ ଭାଷାଗତ ଭେଦଭାବ ଭୁଲି ସମସ୍ତ ମାନବସମାଜ ମଧ୍ୟରେ ଶାନ୍ତି, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଏବଂ ପାରସ୍ପରିକ ବିଶ୍ୱାସ ଗଢ଼ିତୋଳିବା । ଭାରତକୁ ଏକବିଂଶ ଶତାବ୍ଦୀର ଆଧୁନିକତାର ପଥରେ ଆଗେଇ ନେବାରେ ରାଜୀବ ଗାନ୍ଧୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ବିଶେଷ ଅବଦାନ ରହିଛି । ସେ ଦେଶରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଟେଲିକମ୍ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ । ଯୁବସମାଜକୁ ସଶକ୍ତ କରିବା ପାଇଁ ଭୋଟଦାନ ବୟସ ସୀମାକୁ ୨୧ରୁ ୧୮ ବର୍ଷକୁ ହ୍ରାସ କରିଥିଲେ ଏବଂ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଜବାହର ନବୋଦୟ ବିଦ୍ୟାଳୟର ସ୍ଥାପନ କରିଥିଲେ । ସଦ୍‌ଭାବନା ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହିଂସାର ପଥ ପରିତ୍ୟାଗ କରି ଆଲୋଚନା ଓ ସମ୍ବିଧାନିକ ପଦ୍ଧତିରେ ସମସ୍ତ ମତଭେଦକୁ ଦୂର କରିବା ଏବଂ ଜାତୀୟ ସଂହତି ପ୍ରତିଷ୍ଠା କରିବା । ଏହି ଅବସରରେ ଦେଶର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଏହାସହ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଓ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ "ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର"ରେ ସମ୍ମାନିତ ମଧ୍ୟ କରାଯାଏ, ଯାହା ଆମର ଯୁବପିଢ଼ିକୁ ଏକ ସମାବେଶୀ, ଶାନ୍ତିପୂର୍ଣ୍ଣ ଓ ଆଧୁନିକ ଭାରତ ଗଠନ ପାଇଁ ସଦାସର୍ବଦା ପ୍ରେରଣା ଯୋଗାଇଥାଏ ।

## ମାଟିରୁ ବିଜୁଳି

ଜାପାନର ଜଣେ ଇଞ୍ଜିନିୟର ସାତୋଶୀ ନାକାଗାୱା ମାଟି ଏବଂ ଖାତରୁ ବିଜୁଳି ପ୍ରସ୍ତୁତ କରିବାର ଏକ ଅଭିନବ କୌଶଳ ବିକଶିତ କରିଛନ୍ତି । ଯେଉଁଥିରେ ମାଟି ଭିତରେ ଜିଙ୍କ୍ ଓ କପର ଇଲେକ୍ଟ୍ରୋଡ୍ ଲଗାଇ ମାଟିରେ ଥିବା ଆର୍ଦ୍ରତା ଓ ଆୟନ୍ ସାହାଯ୍ୟରେ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି । ଏହି ପ୍ରଯୁକ୍ତିବିଦ୍ୟାରେ ୧,୫୦୦ କାଠ ବାକ୍ସରେ ମାଟି ଓ ଖାତ ଭରି ୮୦୦ ଏଲଇଡି ଲାଇଟ୍ ଜଳାଯାଉଥିବା ବେଳେ ୨,୦୦୦ କଣ୍ଟେନର ବିଶିଷ୍ଟ ଅନ୍ୟ ଏକ ସେଟ୍‌ଅପ୍‌ରୁ ୧୦୦ ୱାଟ୍ ବିଜୁଳି ଉତ୍ପାଦନ କରାଯାଉଛି । ଯାହା ଦ୍ୱାରା ରାଇସ୍ କୁକର୍ ଭଳି ଛୋଟ ଛୋଟ ଇଲେକ୍ଟ୍ରୋନିକ୍ ଉପକରଣ ମଧ୍ୟ ଚାଲିପାରୁଛି । ଇଞ୍ଜିନିୟର ନାକାଗାୱାଙ୍କ ଅନୁଯାୟୀ ସୌର କିମ୍ବା ପବନ ଶକ୍ତି ଭଳି ଏହି ପ୍ରକ୍ରିୟା ପାଣିପାଗ ଉପରେ ନିର୍ଭର କରେ ନାହିଁ । ଦୂରଦୂରାନ୍ତ ଅଞ୍ଚଳରେ ଛୋଟ ସେନ୍ସର ଓ କମ୍ ଶକ୍ତି ଆବଶ୍ୟକ କରୁଥିବା ଯନ୍ତ୍ରାଂଶ ଚଳାଇବାରେ ଏହା ବେଶ୍ ସହାୟକ ହୋଇପାରିବ । ଯଦିଓ ବିଶେଷଜ୍ଞମାନଙ୍କ ମତରେ ଏହି ସିଷ୍ଟମ୍‌ରୁ ଉତ୍ପାଦିତ ବିଜୁଳି ସାଧାରଣ ବ୍ୟାଟେରୀ ତୁଳନାରେ ଯଥେଷ୍ଟ କମ୍, ତଥାପି ବଡ଼ ଧରଣର ବିଦ୍ୟୁତ୍ ଉତ୍ପାଦନ ବଦଳରେ ସ୍ଥାନୀୟ କ୍ଷୁଦ୍ର ଆବଶ୍ୟକତା ପୂରଣ କରିବା ପାଇଁ ଏହା ଏକ ପ୍ରଭାବଶାଳୀ ବିକଳ୍ପ ସାବ୍ୟସ୍ତ ହୋଇପାରିଛି ।



## ବିକ୍ରାନ୍ତଙ୍କ କମ୍ ବ୍ୟାକ

ବଲିଉଡ୍ ଅଭିନେତା ବିକ୍ରାନ୍ତ ମେସୀ ତାଙ୍କର ନୂତନ ୱେବ୍ ସିରିଜ୍ 'ମୁସାଫିର କାଫେ'କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ତେବେ ଏକ ଚାଟ ଶୋରେ ତାଙ୍କର ଅଭିନୟରୁ ବିରତି ନେବା ଏବଂ ପୁଣି କାମକୁ ଫେରିବା ବିଷୟରେ ଏକ ରୋଚକ ଖୁଲାସା କରିଛନ୍ତି । ବିରତି ଘୋଷଣା କରିବା ପରେ ପରେ ତାଙ୍କର ତିନୋଟି ପ୍ରୋଜେକ୍ଟ ଆସିବା ବିଷୟରେ ବିକ୍ରାନ୍ତ କହିଥିଲେ ଯେ କ୍ରମାଗତ ୧୮ ଘଣ୍ଟା କାମ କରିବା, ପୁରସ୍କାର ଜିତିବା ଏବଂ ପୁଅର ଜନ୍ମ ପରେ ତାଙ୍କର ସମସ୍ତ ସ୍ମୃତି କେବଳ ଫୋନ୍ ଜରିଆରେ ହିଁ ସୀମିତ ରହିଯାଇଥିଲା । ଯାହା ତାଙ୍କୁ ଆଦୌ ଭଲ ଲାଗିନଥିଲା । ତାଙ୍କ ଅନୁପସ୍ଥିତିରେ ପୁଅ 'ପାପା' କହିବା, ଦାନ୍ତ ଉଠିବା ଏବଂ ଚାଲିବା ଶିଖିବା ଦେଖି ସେ ହୃଦୟଙ୍ଗମ କରିଥିଲେ ଯେ ପରିବାରଠାରୁ ଦୂରରେ ରହି ଏପରି ସଫଳତା ପାଇବାର କୌଣସି ଅର୍ଥ ନାହିଁ । ଯାହା ପାଇଁ ସେ ୭ ମାସ ଘରେ ସମୟ ବିତାଇଥିଲେ । ହେଲେ ପରେ ପୁଣି ଅଭିନୟକୁ ଫେରିବାର ନିଷ୍ପତ୍ତି ନେଇଥିଲେ । ସୂଚନାଯୋଗ୍ୟ, ଡିସେମ୍ବର ୨୦୨୪ରେ ବିକ୍ରାନ୍ତ ଅଭିନୟରୁ ବିରତି ନେବାର ଘୋଷଣା କରିଥିଲେ ମଧ୍ୟ ସେ 'ଆଁଖୋଁ କି ଗୁସ୍ତାଖିୟାଁ', 'ଓ ରୋମିଓ', 'ପ୍ରୀତମ ଆଣ୍ଡ ପେଡ୍ରୋ' ଏବଂ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିଥିବା ଉପନ୍ୟାସ ଆଧାରିତ ୱେବ୍ ସିରିଜ୍ 'ମୁସାଫିର କାଫେ'ରେ ବେଦିକା ପିଣ୍ଟୋ ଓ ମହିମା ମାକୱାନାଙ୍କ ସହ ଅଭିନୟ କରିଛନ୍ତି ।



## ବିପର୍ଯ୍ୟୟ ବେଳେ ଆତ୍ମରକ୍ଷା

ଚୀନ୍‌ରେ ପର୍ଯ୍ୟଟକମାନେ ଟଙ୍କା ଖର୍ଚ୍ଚ କରି ବନ୍ୟା ଓ ସାମୁଦ୍ରିକ ଝଡ଼ର କୃତ୍ରିମ ଅନୁଭୂତି ନେବା ପାଇଁ ଏକ ସ୍ୱତନ୍ତ୍ର ସେଣ୍ଟରକୁ ଗସ୍ତ କରୁଛନ୍ତି । ଯେଉଁଠାରେ ପ୍ରବଳ ପବନ, ବର୍ଷା ଏବଂ ହଠାତ୍ ପାଣି ମାଡ଼ିଆସିବାର ପରିବେଶ ସୃଷ୍ଟି କରାଯାଇ ଲୋକଙ୍କୁ ଏପରି ବିପଦପୂର୍ଣ୍ଣ ପରିସ୍ଥିତିର ସାମ୍ନା କରିବା ଏବଂ ସୁରକ୍ଷିତ ରହିବାର କୌଶଳ ଶିଖାଯାଉଛି । ହାଙ୍ଗଝୋଉଠାରେ ଅବସ୍ଥିତ ଏହି ସେଣ୍ଟରରେ ପ୍ରବେଶ କରିବା ପାଇଁ ପ୍ରାୟ ୧୨ ହଜାର ଟଙ୍କାର ଟିକେଟ୍ ନେବାକୁ ପଡୁଥିବାବେଳେ ଏଠାରେ ଘଣ୍ଟାପ୍ରତି ୧୬୫ କିଲୋମିଟର ବେଗରେ ପବନ ବୋହାଇବା ସହ ଭୂତଳ ପାର୍କିଂରେ ବନ୍ୟା ଭଳି ଦୃଶ୍ୟ ତିଆରି କରାଯାଏ । ଯାହାକୁ ଲୋକମାନେ ହେଲମେଟ୍ ଓ ସ୍ୱତନ୍ତ୍ର ପୋଷାକ ପିନ୍ଧି ସାମ୍ନା କରିଥାନ୍ତି । ଜଣେ ମହିଳା ପର୍ଯ୍ୟଟକଙ୍କ କହିବା ଅନୁଯାୟୀ ସିମୁଲେସନ୍ ସମୟରେ ପାଣି ତାଙ୍କ ତଣ୍ଟି ଯାଏଁ ପହଞ୍ଚିଯାଇଥିଲା । ଏହାସହ ଫ୍ଲାସ୍ ଫ୍ଲଡ୍‌ର ତୀବ୍ର ସ୍ରୋତ ତାଙ୍କୁ ଭସାଇ ନେଇ କଂକ୍ରିଟ୍ ଖୁଣ୍ଟରେ ପିଟିବା ଯୋଗୁଁ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା । ସେପ୍ଟେମ୍ବର ୨୦୨୪ରୁ ଆରମ୍ଭ ହୋଇଥିବା ଏହି ସେଣ୍ଟରକୁ ଏପର୍ଯ୍ୟନ୍ତ ୧.୬ ଲକ୍ଷରୁ ଅଧିକ ଲୋକ ପରିଦର୍ଶନ କରିସାରିଛନ୍ତି । ଯେଉଁଠାରେ ମନୋରଞ୍ଜନ ସହ ବିପତ୍ତି ସମୟରେ ଆତ୍ମରକ୍ଷାର ଗୁରୁତ୍ୱପୂର୍ଣ୍ଣ ଉପାୟ ମଧ୍ୟ ଶିକ୍ଷା ଦିଆଯାଉଛି ।



## ଶବକୁ କରାଯାଏ ୧୦୮ ଖଣ୍ଡ

ଅରୁଣାଚଳ ପ୍ରଦେଶର ମୋନ୍‌ପା ସମ୍ପ୍ରଦାୟରେ ଅନ୍ତିମ ସଂସ୍କାରର ଏକ ପ୍ରାଚୀନ ପରମ୍ପରା ରହିଆସିଛି । ଏହି ପରମ୍ପରାରେ ମୃତଦେହକୁ ୧୦୮ ଖଣ୍ଡ କରି ନଦୀରେ ଭସାଇ ଦିଆଯାଉଥିଲା, ଯାହାକୁ ମାଛ ଏବଂ ଅନ୍ୟାନ୍ୟ ଜଳଚର ଜୀବମାନେ ଆହାର ଭାବେ ଗ୍ରହଣ କରୁଥିଲେ । ମାନବ ଶରୀରକୁ ପ୍ରକୃତିକୁ ଫେରାଇ ଦେବାର ବିଶ୍ୱାସ ସହ ଜଡ଼ିତ ଏହି ରୀତିନୀତି ମୁଖ୍ୟତଃ ତୱାଙ୍ଗ ଅଞ୍ଚଳରେ ପ୍ରଚଳିତ ଥିଲା । ଯେଉଁଠାରେ 'ଆମ୍ପା' ନାମକ ଜଣେ ବ୍ୟକ୍ତି ଶବକୁ ଲୋକଙ୍କଠାରୁ ଦୂରକୁ ନେଇ ଗୋଟିଏ ଗୋଟିଏ କରି ୧୦୮ ଖଣ୍ଡ ନଦୀରେ ପକାଉଥିଲେ । ବୌଦ୍ଧ ଧର୍ମରେ ୧୦୮ ସଂଖ୍ୟାର ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି । ଅବଶ୍ୟ ଏହି ସମ୍ପ୍ରଦାୟରେ ମୃତଦେହ ଦାହ କରିବା, କବର ଦେବା ଏବଂ ପକ୍ଷୀଙ୍କ ପାଇଁ ଖୋଲାରେ ଛାଡ଼ିଦେବାର ଅନ୍ୟାନ୍ୟ ପରମ୍ପରା ମଧ୍ୟ ରହିଛି । ତେବେ ସମୟ ସହ ଏହି ୧୦୮ ଖଣ୍ଡ କରିବାର ପ୍ରଥା ଧୀରେ ଧୀରେ ବନ୍ଦ ହୋଇଛି । ୨୦୧୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଦୋର୍ଜୀ ଖାଣ୍ଡୁ ମଧ୍ୟ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ସମାପ୍ତ କରିବାକୁ ନିବେଦନ କରିଥିଲେ । ଯାହା ଫଳରେ ଆଜି ଏହା ସମଗ୍ର ମୋନ୍‌ପା ସମ୍ପ୍ରଦାୟରେ ଏକ ସକ୍ରିୟ ପରମ୍ପରା ଭାବେ ଗ୍ରହଣ କରାଯାଉନାହିଁ ।



## ସୋସିଆଲ କୋଟ୍ସ



ବିବିୟନ ନିଜ ଇଚ୍ଛାରେ ଇସଲାମ ଆପଣାଇଥିଲେ । ହେଲେ ଲୋକମାନେ ମୋ ଉପରେ ଆଙ୍ଗୁଠି ଉଠାଇଥିଲେ, ଯାହା ମୋତେ କଷ୍ଟ ଦେଇଥିଲା ।

ନୁରେନ୍ ଅଲୀ, ବିବିୟନଙ୍କ ପତ୍ନୀ



ବର୍ତ୍ତମାନର ପିଢି ନିଜ କାମକୁ ନେଇ ଖୁବ ସିରିଏସ୍ । ଆଗରୁ ପରିସ୍ଥିତି ଭିନ୍ନ ଥିଲା । ଷ୍ଟାରଙ୍କ ଭିତରେ ଖୁବ ଗର୍ବ ଦେଖିବାକୁ ମିଳୁଥିଲା ।

ରାମ କପୁର, ଅଭିନେତା



ଅନେକ ସମୟରେ ସମସ୍ତେ ପଚାରନ୍ତି କି ବିଗ୍‌ବସ ୧୮ ସ୍କ୍ରିପ୍‌ଟେଡ୍ ଥିଲା କି । ଯାହା ବିଗ୍‌ବସ ଉପରେ ବଡ ପ୍ରଶ୍ନ ଉଠାଇଥାଏ ।

ମନବୀର ଗୁରଜାର, ବିଗ୍‌ବସ୍ ଉଇନର



**ମେଷ:** ମନସ୍ତାପ, କାର୍ଯ୍ୟରେ ସମସ୍ୟା, ଦ୍ରବ୍ୟଲାଭ, ବ୍ୟବସାୟରେ କଷ୍ଟ, ଦୂରଯାତ୍ରା, ସମ୍ପତ୍ତିଲାଭ, ଶତ୍ରୁସମସ୍ୟା, ଅଯଥା ଅଶାନ୍ତି, ଶରୀର ଅସୁସ୍ଥ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** କର୍ମକ୍ଷେତ୍ରେ ଶାନ୍ତି, ସ୍ୱଜନ ବିରୋଧ, ଅର୍ଥଲାଭ, ଦାମ୍ପତ୍ୟଖୁସି, ଦେବଦର୍ଶନ, ସ୍ୱାସ୍ଥ୍ୟଲାଭ, ଦୂରଯାତ୍ରାରେ ସଫଳ, ବନ୍ଧୁଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ମହାଲକ୍ଷ୍ମୀ ।

**ମିଥୁନ:** ଅର୍ଥଲାଭ, ଯାତ୍ରା ସଫଳ, ଶୁଭଖବର, ବ୍ୟବସାୟରେ ସ୍ୱଳ୍ପଲାଭ, ଦ୍ରବ୍ୟପ୍ରାପ୍ତି, ଶତ୍ରୁ ପରାଜିତ, ପାରିବାରିକଖୁସି, ସନ୍ତାନଲାଭ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ନାରାୟଣ ଭଗବାନ ।

**କର୍କଟ:** ଶୁଭଖବର, ବାଣିଜ୍ୟରେ ଲାଭ, ଦୂରଯାତ୍ରା ସଫଳ, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳ, ଶତ୍ରୁସମସ୍ୟାରୁ ମୁକ୍ତି, ବ୍ୟକ୍ତିସହାୟତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ସିଂହ:** ମାନସିକ ଅସ୍ଥିରତା, ଧନବ୍ୟୟ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶୁଭଖବର, ପାରିବାରିକ ବିରୋଧ, ସନ୍ତାନସମସ୍ୟା ମଘା, ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଅର୍ଥଲାଭ, ମାନସିକଶାନ୍ତି, ବନ୍ଧୁଲାଭ, ଦୂରଯାତ୍ରା, ଅନୁଷ୍ଠାନରୁ ଖୁସି, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ସମ୍ପର୍କବୃଦ୍ଧି, ନୂତନ କର୍ମନିଯୁକ୍ତି, ସନ୍ତାନଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଗଣେଶ ।

**ତୁଳା:** ହତୋତ୍ସାହ, କିଛି କାର୍ଯ୍ୟରେ ସମସ୍ୟା, ଦାମ୍ପତ୍ୟକଳହ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଲାଭ, ଦେବଭକ୍ତି, ସନ୍ତାନସମସ୍ୟା, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କରଭଗବାନ ।

**ବିଛା:** ଯାତ୍ରାରେ ବିଳମ୍ବ, ସ୍ୱାସ୍ଥ୍ୟ ସମସ୍ୟା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ସମ୍ପତ୍ତିବିବାଦ, ଦେବଦର୍ଶନ, ବ୍ୟକ୍ତି ସହାୟତା, ଉତ୍ସବକୁ ନେଇ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା-ନୃସିଂହ ଭଗବବାନ ।

**ଧନୁ:** ମାନସିକ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ସମ୍ମାନଲାଭ, ଦେବକାର୍ଯ୍ୟ ସଫଳ, ପିତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ, ସମସ୍ୟା ସମାଧାନ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମକର:** କିଛି କାର୍ଯ୍ୟରେ ବିରୋଧ, ଶୁଭକାର୍ଯ୍ୟରେ ଧନବ୍ୟୟ, ଲୋକସମ୍ପର୍କ ବୃଦ୍ଧି, ଦେବଦର୍ଶନ, ମାନସିକଶାନ୍ତି, ଦାମ୍ପତ୍ୟଖୁସି, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଉତ୍ସବକୁ ନେଇ ଖୁସି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**କୁମ୍ଭ:** ଅର୍ଥଲାଭ, ସ୍ୱାସ୍ଥ୍ୟଚିନ୍ତା, ପାରିବାରିକ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ଈଶ୍ୱରଭକ୍ତି, ସମ୍ମାନହାନି, ସନ୍ତାନଲାଭ, ଅଯଥାଖର୍ଚ୍ଚ, ବ୍ୟବସାୟରେ ଉନ୍ନତି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୭, ଆରାଧନା-ମା' ମଙ୍ଗଳା ।

**ମୀନ:** ସାମାନ୍ୟଲାଭ, ବନ୍ଧୁଗୃହେ ଯାତ୍ରା, ଦ୍ରବ୍ୟଲାଭ, ସନ୍ତାନଲାଭ, ବନ୍ଧୁବିରୋଧ, ଉତ୍ସବକୁ ନେଇ ଚିନ୍ତିତ, ଶତ୍ରୁସମସ୍ୟା, ନୂତନ ଖବର, ଗୃହେ ସହଯୋଗ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ଶ୍ରାବଣ ଶୁକ୍ଳପକ୍ଷ ଅଷ୍ଟମୀ**
**୨୦.୮.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଜଟଣୀରେ ପ୍ରସ୍ତାବିତ ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ

## ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ବଜେଟ୍‌ରୁ ଯୋଗାଇବେ ଓଡ଼ିଶା ସରକାର

ଭୁବନେଶ୍ୱର, (ସବ୍ୟୁ) : ଜଟଣୀ ଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି ।ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି । ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି । ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି । ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି। ତେବେ, ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ ।ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି । ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।



ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କ ସଂସଦୀୟ କ୍ଷେତ୍ରର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରୁଛନ୍ତି

## ଅଶାନ୍ତ ହେଉଛି ଧର୍ମଶାଳା, ବିଗୁଡୁଛି ଆଇନ ଶୃଙ୍ଖଳା

# ବଡ଼ଚଣା ପୋଲିସକୁ ମାଡ଼ ଓ ଗାଡି ଭଙ୍ଗାରୁଜା, ଛଡ଼ାଇନେଲେ ଅପହରଣକାରୀକୁ

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ ଏବେ ଅଶାନ୍ତ ହେବାରେ ଲାଗିଛି। ଅତିତରେ ଆଇନ ଶୃଙ୍ଖଳାକୁ ଦଳିମକଚି ଦେଇ ଧର୍ମଶାଳାରେ ଯାହା କେବେ ଘଟିନଥିଲା ଏବେ ଦିନକୁ ଦିନ ସେପରି ଅଭାବନୀୟ ଘଟଣା ଏଠାରେ ଘଟିଚାଲିଛି। ଯାହାକୁ ନେଇ ସମଗ୍ର ଜିଲ୍ଲା ପୋଲିସ ପାଇଁ ଏହା ଆହ୍ୱାନ ସୃଷ୍ଟିକରିଛି। ଏବେ ସିଧାସଳଖ ପୋଲିସ ଉପରେ ଆକ୍ରମଣ ହୋଇଛି। ଧର୍ମଶାଳାର ଜେନାପୁର ଥାନା ଅଞ୍ଚଳରେ ଲୁଚିଥିବା ଜଣେ ଅପହରଣ କାରୀକୁ ଧରିବାକୁ ଯାଇଥିବା ବଡଚଣା ପୋଲିସକୁ ଲୋକେ ଠେଙ୍ଗାବାଡି ଓ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ପ୍ରବଳ ମାଡମାରି ଥିବା ଜଣାପଡିଛି। ଜେନାପୁର ଥାନା ପୋଲିସକୁ ପୂର୍ବରୁ ସୂଚନା ଦେଇ ବଡଚଣା ଥାନା ପୋଲିସ ଜେନାପୁର ଥାନାର ପନ୍ତୁରୀ ଗ୍ରାମରେ ଲୁଚିରହିଥିବା ଉକ୍ତ ଅପହରଣ କାରୀକୁ ମଙ୍ଗଳବାର ବିଳମ୍ବ ରାତିରେ ଧରିବା ପାଇଁ ସେଠାରେ ରେଡ କରିଥିଲେ। ନିଜ ଘରେ ଲୁଚିଥିବା ବେଳେ ପୋଲିସ ଅପହରଣକାରୀ ସହ ଜଣେ ଅପ୍ରାପ୍ତ ବୟସ୍କ ଯୁବତୀଙ୍କୁ ଧରି ଗାଡିରେ ବସାଇ ଥିଲେ। ଏହି ସମୟରେ ଅପହରଣ କାରୀଙ୍କ





ପରିବାର ଓ ଗ୍ରାମର ବହୁ ଲୋକ ମାରଣାସ୍ତ୍ର ଓ ଠେଙ୍ଗାବାଡିରେ ବଡଚଣା ପୋଲିସକୁ ଆକ୍ରମଣ କରିବା ସହ ନିସ୍ତୁକ ପିଟି ପୋଲିସ ଗାଡିରୁ ଅପରହରଣ କାରୀକୁ ଛଡାଇ ନେଇଥିଲେ। ସେଠାରେ ୫ଜଣ ପୋଲିସ ଥିଲାବେଳେ ଆକ୍ରମଣକାରୀଙ୍କ ସଂଖ୍ୟା ବହୁ ଅଧିକ ଥିବାରୁ ପୋଲିସ ନିଜ ଜୀବନ ବଞ୍ଚାଇବାଇବାକୁ ଯାଇ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲେ। ପରେ ଆକ୍ରମଣ କରୀମାନେ ବଡଚଣା ପୋଲିସ ଗାଡିକୁ ବାଡେଇ ଚୁରମାର କରିଦେଇଥିଲେ। ଏହି ଆକ୍ରମଣରେ ବଡଚଣା ଥାନାର ଏଏସଆଇ ସୁବ୍ରତ ପ୍ରଧାନ ଓ ମହିଳା ପୋଲିସ କଳ୍ପନା ନାୟକ ଗୁରୁତର ଆହତ ହୋଇଛନ୍ତି। ସେମାନେ ଏବେ ବଡଚଣା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ବଡଚଣା ଥାନାର ଓଡି୦୫ଜି ୮୨୦୭ ନମ୍ବର ବୋଲେରୋ ଗିଡିକୁ ମଧ୍ୟ ଆକ୍ରମଣକାରୀ ମାନେ ଭାଙ୍ଗିଦେଇଛନ୍ତି । ପନ୍ତୁରୀ ଗ୍ରାମର କାହ୍ନା ଦଳେଇ ଗତ ମେ ମାସରେ ବଡଚଣା ଥାନା ଦଳେଇ ସାହିର ଜଣେ ଅପ୍ରାପ୍ତ ବୟସ୍କ ଯୁବତୀଙ୍କୁ ଅପହରଣ କରିନେବା ପରେ ତାଙ୍କ ପରିବାର ଲୋକଙ୍କ ଏତଲାକ୍ରମେ ପୋଲିସ ବଡଚଣା ଥାନାରେ ୧୫୯/୨୪ ରେ ମାମଲା ରୁଜୁକରିଥିଲା। ଅଭିଯୁକ୍ତ କାହ୍ନା ଉକ୍ତ ଝିଅସହିତ ପନ୍ତୁରୀ ଗ୍ରାମର ନିଜଘରେ ଥିବା ଖବର ପାଇ ବଡଚଣା ଥାନା ଏଏସଆଇ ସୁବ୍ରତ ପ୍ରଧାନ,କଳ୍ପନା ନାୟକ ଏକ ପୋଲିସ ଟିମ ସହିତ ଜେନାପୁର ଥାନା ପୋଲିସ ସହାୟତାରେ ମଙ୍ଗଳବାର ରାତି ପ୍ରାୟ ଗୋଟାଏ ବେଳେ ପନ୍ତୁରୀ ଗ୍ରାମରେ ଚଢାଉ କରି ଅଭିଯୁକ୍ତ ଓ ଅପହରଣ ହୋଇଥିବା ଝିଅକୁ ସେଠାରୁ ଧରିବା ସହ ଗାଡିରେ ବସାଇ ଥାନାକୁ ଆଣିବା ପାଇଁ ଉଦ୍ୟତ ହେଉଥିବା ବେଳେ ପୋଲିସ ଉପରେ ଏହି ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଆହତ ଏଏସଆଇ ସୁବ୍ରତ ପ୍ରଧାନଙ୍କ ଏତଲା କ୍ରମେ ଜେନାପୁର ଥାନାରେ ୨୩୫/୨୬ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଆକ୍ରମଣକାରୀଙ୍କ ମଧ୍ୟରୁ ତିନିଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ଏସ୍‌ଆଇଆରରେ ଦାବି, ଆପତ୍ତି ସମୟ ସୀମା ସରିଲା

## ୫୮ ଲକ୍ଷ ୩୬ ହଜାର ୪୩୦ ଭୋଟରଙ୍କୁ ନୋଟିସ ଜାରି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପଞ୍ଜୀକରଣ ଓ ସଂଶୋଧନ ପାଇଁ ନିର୍ଦ୍ଧାରିତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଆଜି(ବୁଧବାର) ଶେଷ ହୋଇଛି । ଆସନ୍ତା ସେପେଟମ୍ବର ୧୭ ତାରିଖ ସୁଦ୍ଧା ନୋଟିସ ପର୍ଯ୍ୟାୟ ସହ ସମସ୍ତ ଦାବି ଓ ଆପତ୍ତିର ଅନ୍ତିମ ଫଇସଲା କରାଯିବ । ଏଥିସହ ସେପେଟମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ବର୍ତ୍ତମାନ ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଥିଲା । ସେଥିମଧ୍ୟରୁ ପ୍ରଶାସନିକ ତତ୍ପରତା ଯୋଗୁଁ ୫୮ ଲକ୍ଷ ୩୬ ହଜାର ୩୭୪ ଜଣ ଭୋଟରଙ୍କ ନିକଟରେ ସଫଳତାର ସହ ନୋଟିସ ପହଞ୍ଚାଯାଇ ସାରିଛି । ଏବେ ସୁଦ୍ଧା ନୋଟିସ ପାଇଥିବା ଭୋଟରମାନଙ୍କ ଶୁଣାଣି ଶେଷ କରାଯାଇ, ସେଥିମଧ୍ୟରୁ ୫୪ ଲକ୍ଷ ୨୧ ହଜାର ୮୭୨ ଜଣ ଭୋଟରଙ୍କୁ ଭୋଟର ତାଲିକାରେ ବଜାୟ ରଖାଯାଇଛି । ନୋଟିସ ଜାରି କରାଯାଇଥିବା ଭୋଟରମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର କିମ୍ବା ସଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଛନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ । ରାଜ୍ୟରେ ମୋଟ ୩କୋଟି ୯ଲକ୍ଷ ୭୧ହଜାର ୯୪୧ ଜଣ ଯୋଗ୍ୟ ଭୋଟର

**୨ ଲକ୍ଷ ୭୯ ହଜାର ୩୧୫ ଜଣ ନୂତନ ଭୋଟର ପଞ୍ଜୀକରଣ**

**ନାମ କାଟିବା, ମୃତ୍ୟୁବରଣ ଭୋଟର ସଂଖ୍ୟା ୫୩,୬୨୫**

**୧୭ ଯାଏଁ ନୋଟିସ ପର୍ଯ୍ୟାୟ, ଦାବି ଆପତ୍ତିର ଫଇସଲାର ସମୟସୀମା**

**ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇବ ଚୂଡାନ୍ତ ଭୋଟର ତାଲିକା**

ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଯେହେତୁ ଶୁଣାଣି ପ୍ରକ୍ରିୟା ଚାଲୁରହିଛି, ଆଗକୁ ଶୁଣାଣି କରାଯାଇ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ କହିଛନ୍ତି, ଯେପରି କୌଣସି ଯୋଗ୍ୟ ନାଗରିକ ଭୋଟର ତାଲିକାରୁ ବଞ୍ଚିତ ନହୁଅନ୍ତି ଏବଂ କୌଣସି ଅଯୋଗ୍ୟ ନାମ ଭୋଟର ତାଲିକାରେ ନରହେ, ସେଥିପ୍ରତି ଦୃଷ୍ଟି ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେପେଟମ୍ବର ୨୧ରେ ପ୍ରକାଶ ପାଇବାକୁ ଥିବା ଏହି ଚୂଡ଼ାନ୍ତ ତାଲିକା ଆଗାମୀ ନିର୍ବାଚନୀ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଯୋଗ୍ୟ ନୂତନ ନାଗରିକ ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ଯୋଡ଼ିବା ପାଇଁ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି । ଫର୍ମ-୬ ଜରିଆରେ ମୋଟ ୨ ଲକ୍ଷ ୭୯ ହଜାର ୩୧୫ ଜଣ ନୂତନ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି । ଯେଉଁ ଭୋଟରମାନଙ୍କ ନାମ ଦୁଇଟି ସ୍ଥାନରେ ଅଛି, ସେମାନେ ଗୋଟିଏ ସ୍ଥାନରୁ ନାମ ହଟାଇ ଅନ୍ୟ ସ୍ଥାନରେ ରଖିବା, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ ଜରିଆରେ ୫୩,୬୨୫ ଟି ଆବେଦନ ପ୍ରାପ୍ତ ହୋଇଛି । ଭୋଟର ତାଲିକାରେ ଥିବା ନାମ, ଠିକଣା, ବୟସ କିମ୍ବା ଅନ୍ୟାନ୍ୟ ସଂଶୋଧନ ସହ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମକୁ ଏକାଠି ଗୋଟିଏ ମତଦାନ କେନ୍ଦ୍ରରେ ରଖିବା ପାଇଁ ଫର୍ମ-୮ ମାଧ୍ୟମରେ ୧ ଲକ୍ଷ ୯୭ ଲକ୍ଷ ୯୫୨ ଜଣ ଭୋଟର ଆବେଦନ କରିଛନ୍ତି ।

## ୨୦ ଗ୍ରାମ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଗାନ୍ଧୀ ପଡ଼ିଆ ଓ ନବୀନବାଗ ଅଂଚଳରେ ଚଢଉ କରି ପୁଲିସ ୨୦ଗ୍ରାମ ବ୍ରାଉନ୍‌ସୁଗର ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଏହାସହ ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ସ୍କୁଟି କୁ ଜବତ କରାଯାଇଛି। ଖୋର୍ଦ୍ଧା ଆଦର୍ଶ ଥାନା କେସ୍ ନଂ-୪୮୭/୨୬, ଏନଡିପିଏସ୍ ଆଇନର ଧାରା ୨୧(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ବୁଧବାର ସକାଳ ୧୦ଟା ୦୬ ମିନିଟରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ଏହାପରେ ଏସ୍‌ପି ପରମର ସ୍ମିତ ପାର୍ଶୋତମଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ



ଙ୍କ ତତ୍ତ୍ୱାବଧାନରେ ଓ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ବେପାରୀଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଜମ୍ବେଶ୍ୱର ମନ୍ଦିର ନିକଟର ଉଦିତ ନାରାୟଣ ମହାପାତ୍ର (୧୯)। ତାଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନ୍ ସୁଗାର, ଗୋଟିଏ ମୋବାଇଲ ଫୋନ ଏବଂ ଓଡି-୦୨-ବିକେ-୭୨୫୦ ନମ୍ବର ବିଶିଷ୍ଟ ଗୋଟିଏ ସ୍କୁଟି ଜବତ କରାଯାଇଛି। ଚଢ଼ାଉକାରୀ ଟିମ୍‌ରେ ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆ, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ହାବିଲଦାର ନୀଲୁ ଚରଣ ମଲ୍ଲିକ, କନଷ୍ଟେବଳ ପ୍ରବୋଧ କୁମାର ସାହୁ, କନଷ୍ଟେବଳ ସୁନିତା ବରାଳ ଏବଂ ଶିବ ହନ୍ତାଲ ପ୍ରମୁଖ ସାମିଲ ଥିଲେ। ମାମଲାର ତଦନ୍ତ ଅଧିକାରୀ ଭାବେ ଏସ୍‌ଆଇ ସସ୍ମିତା ବେହେରା ତଦନ୍ତ ଜାରି ରଖିଛନ୍ତି ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## ହୀରାକୁଦରେ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

# ଲାଇଟ୍ ଆଣ୍ଡ ଲେଜର୍ ସିମ୍ଫୋନୀ, ରୋପ୍‌ୱେ, କ୍ରୁଜ୍ ଟର୍ମିନାଲ୍ ମିଳିବ ସୁବିଧା

ଭୁବନେଶ୍ୱର(ସବ୍ୟୁ): ପ୍ରକୃତି, ସଂସ୍କୃତି ଓ ସାହସିକ ପର୍ଯ୍ୟଟନର ସମନ୍ୱୟରେ ହୀରାକୁଦକୁ ଏକ ସ୍ଥାୟୀ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ହୀରାକୁଦ ଅଞ୍ଚଳର ସମନ୍ୱିତ ବିକାଶ ଯୋଜନାରେ ପର୍ଯ୍ୟଟନ, ଯୋଗାଯୋଗ, ଐତିହ୍ୟ, ପରିବେଶ, ଜଳ ପର୍ଯ୍ୟଟନ ଓ ସ୍ଥାନୀୟ ଜୀବିକାକୁ ଏକାଠି କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ଲୋକସେବା ଭବନରେ ହୀରାକୁଦ ଅଞ୍ଚଳରେ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହି ସମନ୍ୱିତ ପ୍ରକଳ୍ପରେ ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ୍, ଆଇରଭାଲ୍ ପ୍ଲାଜା, ଲାଇଟ୍ ଆଣ୍ଡ ଲେଜର୍ ସିମ୍ଫୋନୀ, ରୋପେୱେ, କ୍ରୁଜ୍ ଟର୍ମିନାଲ୍, ଫ୍ଲୋଟେଲ୍, ମହାନଦୀ ଦ୍ୱୀପ ପ୍ରକୃତି ଉଦ୍ୟାନ, ଜୱାହର ଉଦ୍ୟାନର ପୁନର୍ବିକାଶ



**ମା’ ସମଲେଶ୍ୱରୀ ମନ୍ଦିରର ଦ୍ୱିତୀୟ ପର୍ଯ୍ୟାୟ, ହୁମା ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ବିକାଶ ହେବ**

ଏବଂ ବୁର୍ଲା-ହୀରାକୁଦ ଆଇକନିକ୍ ବ୍ରିଜ୍ ଭଳି ପ୍ରକଳ୍ପ ଏହି ଯୋଜନାର ମୁଖ୍ୟ ଅଂଶ ରହିଛି । ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ୍ ଓ ଆଇରଭାଲ୍ ପ୍ଲାଜାର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏଥି ସହିତ ମା’ ସମଲେଶ୍ୱରୀ ମନ୍ଦିର ବିକାଶ ଦ୍ୱିତୀୟ ପର୍ଯ୍ୟାୟ, ହୁମା ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ଓ ପାୱାର୍ ଚ୍ୟାନେଲ୍ ପ୍ରୋମେନାଡ୍ ଭଳି ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ପର୍ଯ୍ୟଟନ ଭିତ୍ତିଭୂମି ସହ ହୀରାକୁଦ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଏହି ପ୍ରକଳ୍ପ ମାଧ୍ୟମରେ ସୁଦୃଢ଼ ହେବ । ଜମାଦାରପଲ୍ଲୀ ଏୟାରଷ୍ଟ୍ରିପ୍ ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନର ସମନ୍ୱିତ ବିକାଶ, ମହାନଦୀ ଓ ପାଓ୍ୱାର୍ ଚ୍ୟାନେଲ୍ ଓ୍ୱାଟରଫ୍ରଣ୍ଟ ବିକାଶ, ଡେବ୍ରିଗଡ଼ ଅଭୟାରଣ୍ୟ, ବୁଣାକାର ଗ୍ରାମ, ମାଇନିଂ ମ୍ୟୁଜିୟମ୍ ଓ ଅଣ୍ଡରଗ୍ରାଉଣ୍ଡ ମାଇନ୍ ଏକ୍ସପିରିଏନ୍ସ ସେଣ୍ଟର୍ ଭଳି ପ୍ରକଳ୍ପ ମାଧ୍ୟମରେ ଅଞ୍ଚଳର ପ୍ରାକୃତିକ, ଐତିହ୍ୟ ଓ ସାଂସ୍କୃତିକ ସମ୍ପଦକୁ ପର୍ଯ୍ୟଟନ ସହ ଯୋଡ଼ାଯାଉଛି । ଏହି ସମନ୍ୱିତ ବିକାଶ ପ୍ରକ୍ରିୟାରେ ବିଭିନ୍ନ ବିଭାଗ ଓ ସଂସ୍ଥାର ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ହୀରାକୁଦକୁ କେବଳ ଡ୍ୟାମ୍ ପର୍ଯ୍ୟଟନରେ ସୀମିତ ନରଖି ପ୍ରକୃତି, ଜଳ, ସାହସିକ, ଐତିହ୍ୟ, ସଂସ୍କୃତି ଓ ଶିଳ୍ପ ପର୍ଯ୍ୟଟନର ଏକ ବହୁମୁଖୀ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି ।

## ଇଟାଭାଟି ମ୍ୟାନେଜରଙ୍କୁ ଗୁଳି

କେନ୍ଦ୍ରପଡ଼ା ,(ସବ୍ୟୁ) :ଦାଦାବଟି ମାଗି ବିଫଳରେ ହେବା ପରେ ବୁଧବାର ଦିନ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଅନୁଆପଡା ଛକରେ ଇଟାଭାଟି ମ୍ୟାନେଜର୍ ବାଇକରେ ଯାଉଥିବା ବେଳେ ଦୁର୍ବୃତମାନେ ତାଙ୍କ ବାଇକ ଅଟକାଇ ଗୁଳିମାଡ କରି ଫେରାର ହୋଇଯାଇଛନ୍ତି । ଆହତ ମ୍ୟାନେଜର ଗୌର ଚନ୍ଦ୍ର ରାଉତଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗୌର ଚନ୍ଦ୍ରଙ୍କ ଘର କଟକ ଜିଲା ସାଲେପୁର ଅଞ୍ଚଳରେ । ଗତ ୯ ମାସ ହେବ ସେ ଅନୁଆପଡା ସ୍ଥିତ ଏକ ଇଟାଭାଟିରେ ମ୍ୟାନେଜର୍ ଭାବେ କାମ କରୁଛନ୍ତି । କିଛି ଦିନ ପୂର୍ବେ କେତେକ ଅସାମାଜିକ ଯୁବକ ରାତିରେ ଇଟାଭାଟି ରେ ପହଞ୍ଚି ତାଙ୍କୁ ଦାଦାବଟି ମାଗିଥିଲେ । ସେ ମନା କରି ଦେଇଥିଲେ । ବୁଧବାର ଦିନ ସେହିମାନେ ଦୁଇଟି ବାଇକରେ ୪ ଜଣ ଆସି ଗୁଳିମାଡ କରିଥିବା ଗୌର ଚନ୍ଦ୍ର କହିଛନ୍ତି ୫ । ତେବେ ୪ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ୩ ଜଣ ହେଲମେଟ ପିନ୍ଧିଥିବା ବେଳେ ଜଣେ ଗାମୁଛାରେ ମୁହଁ ଘୋଡାଇ ଥିଲା ବୋଲି ସେ କହିଛନ୍ତି । ସଦର୍ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ।

## ଚାରି ଆଇନଜୀବୀଙ୍କ ନାଁ ହାଇକୋର୍ଟ ବିଚାରପତି ପଦ ଲାଗି ସୁପାରିସ୍

କଟକ,(ସବ୍ୟୁ): ସୁପ୍ରିମ୍‌କୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ଚାରିଜଣ ବରିଷ୍ଠ ଆଇନଜୀବୀଙ୍କ ନାଁ ହାଇକୋର୍ଟର ବିଚାରପତି ପଦ ଲାଗି ସୁପ୍ରିମ୍‌କୋର୍ଟ କଲେଜିୟମ୍ ଆଜି ସୁପାରିସ୍ କରିଛନ୍ତି। ଏହି ଆଇନଜୀବୀମାନେ ହେଲେ ଶଶ୍ମିତା ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଆଦିତ୍ୟ ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ରଜିତ୍ ରାୟ ଏବଂ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର।ହାଇକୋର୍ଟର ମଞ୍ଜୁରପ୍ରାପ୍ତ ପଦର ଅଧାରୁ ଅଧିକ ବିଚାରପତି ପଦ ଖାଲି ପଡ଼ିଥିଲାବେଳେ ଏନେଇ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ମଧ୍ୟ ବିଚାରପତି ପଦ ପୂରଣ ଲାଗି ରାଷ୍ଟ୍ରପତି ଏବଂ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରାପତିଙ୍କୁ ଭେଟି ଦାବି ସଂକ୍ରାନ୍ତରେ ଅବଗତ କରାଯିବ ବୋଲି କୁହାଯାଇଥିଲା। ଏହି ଦାବି ପରେ ସୁପ୍ରିମ୍‌କୋର୍ଟର କଲେଜିୟମ୍ ଉପରୋକ୍ତ ଚାରି ଆଇନଜୀବୀଙ୍କ ନାଁ ହାଇକୋର୍ଟ ବିଚାରପତି ପଦଲାଗି ଅନୁମୋଦନ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ ସୁପ୍ରିମ୍‌କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

# ଦଣ୍ଡାଦେଶ ବିରୋଧରେ ଅପିଲ୍‌କୁ ଅନୁପସ୍ଥିତ ଦର୍ଶାଇ ଖାରଜ କରାଯାଇ ପାରିବନି: ହାଇକୋର୍ଟ

କଟକ,(ସବ୍ୟୁ): ଘରେ ପଶି ଚୋରି କରିବା ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଗୋଟେ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ହେଲେ । ଏହି ଆଦେଶ ବିରୋଧରେ ଆସାମୀ ବସନ୍ତ କୁମାର ପାଲ୍ ଉପର କୋର୍ଟକୁ ଗଲେ। ଶୁଣାଣି ଦିନ ଆସାମୀଙ୍କ ପକ୍ଷରୁ ତାଙ୍କ ଆଇନଜୀବୀ ଅଦାଲତରେ ଉପସ୍ଥିତ ନଥିବାରୁ ଅପିଲେଟ୍ ଅଥରିଟି ତଥା କଟକ ସେସନ୍ସ କୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ। ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟକୁ ଆସିଥିଲେ । ଦୀର୍ଘ ୨୩ବର୍ଷ ଅପେକ୍ଷା ପରେ ଆବେଦନକାରୀ ଆସାମୀକୁ ହାଇକୋର୍ଟରୁ ନ୍ୟାୟ ମିଳିଛି। ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, କେବଳ ଆବେଦନକାରୀ କିମ୍ବା ତାଙ୍କ ଆଇନଜୀବୀ ଅଦାଲତରେ ଅନୁପସ୍ଥିତ ଥିବା କାରଣରୁ ଅପରାଧିକ ଅପିଲକୁ ଖାରଜ କରାଯାଇପାରିବ ନାହିଁ । ଯଦି ଆବେଦନକାରୀ ଆସାମୀଙ୍କ ପକ୍ଷରୁ ଆଇନଜୀବୀ ଅନୁପସ୍ଥିତ ରହୁଛନ୍ତି ସେ କ୍ଷେତ୍ରରେ ଅଦାଲତ ସ୍ୱତନ୍ତ୍ର ଭାବେ ଆମିକସ୍ କ୍ୟୁରୀ ନିଯୁକ୍ତ କରି ମାମଲାର ମେରିଟ୍‌ସ୍ ଉପରେ ଶୁଣାଣି କରିପାରିବେ । ଦଣ୍ଡାଦେଶ ବିରୋଧରେ ଅପିଲ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର ଏବଂ ଏହାକୁ କେବଳ ଅନୁପସ୍ଥିତି ଭଳି ଏକ କାରଣ ଦର୍ଶାଯାଇ ଖାରଜ କରାଯାଇପାରିବ ନାହିଁ । ଅପରପକ୍ଷେ, ଆଇନରେ ଏସବୁ ଏକ ମୌଳିକ ନୀତି। ଏହାକୁ ଅଦାଲତ ବାରମ୍ବାର ମନେ ପକାଇ ପାରିବେ ନାହିଁ । ଅଦାଲତ ମୌଳିକ ନୀତିକୁ ମନେ ପକାଇବା ଭଳି କାର୍ଯ୍ୟ ତଥା ପୁନରାବୃତ୍ତି କରିବା ଏହା ଶେଷ ଥର ହେଉ ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ଆଶାବ୍ୟକ୍ତ କରିଛନ୍ତି ଯାହାକି ନ୍ୟାୟପୂର୍ଣ୍ଣ ବିଚାର ବ୍ୟବସ୍ଥାର ଏହା ଏକ ମୂଳଦୁଆ ସଦୃଶ। ଯେଉଁ ମୌଳିକ ନୀତି ତଥା ଆଦର୍ଶ ଉପରେ କାରାଗାରର ଉଭୟ ପାର୍ଶ୍ୱରେ ଥିବା ନର/ ନାରୀମାନେ ନିଜର ଅନ୍ତର୍ନିହିତ ବିଶ୍ୱାସ ସ୍ଥାପନ କରିଥାନ୍ତି। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲାବେଳେ ପୁନର୍ବାର ଏହି ମାମଲାକୁ ଟ୍ରାଏଲ୍ କୋର୍ଟକୁ ଫେରାଇ ଦେବା ନିରର୍ଥକ ହେବ ବୋଲି ହାଇକୋର୍ଟ ମତଦେବା ସହ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି। ବସନ୍ତ କୁମାର ପାଲଙ୍କ ପକ୍ଷରୁ ରୁଜୁ କ୍ରିମିନାଲ ରିଭିଜନ୍ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ବୁଧବାରଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ୨୦୦୩ ଅକ୍ଟୋବର ୩୧ ତାରିଖର ଘଟଣା । ଅଭିଯୋଗକାରୀ ଦୁର୍ଗା ମାଧବ ଘରକୁ ଫେରି ଦେଖୁଥିଲେ ଯେ, ଅଭିଯୁକ୍ତ ବସନ୍ତ ପାଲ୍ ତାଙ୍କ ଘରେ ପଶି ଚୋରି କରୁଛି । ଅଭିଯୋଗକାରୀଙ୍କ ଓ ଚିତ୍କାର ଶୁଣି ପଡ଼ୋଶୀମାନେ ଆସି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ତାଦ ନିକଟରୁ ୧୬୦୦ ଟଙ୍କା, ୪ଟି ସୁନା ଚୁଡ଼ି, ୩ଟି ସୁନା ଚେନ୍, ୩ଟି ସୁନା ମୁଦି ଓ ୩ ହଳ କାନଫୁଲ ମିଳିଥିବା ଅଭିଯୋଗ ହୋଇଥିଲା। ଏ ନେଇ ମଙ୍ଗଳାବାଗ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ପୁଲିସ ଚାର୍ଜସିଟ୍ ମଧ୍ଯ ଦାଖଲ କରିଥିଲା । ଟ୍ରାଏଲ କୋର୍ଟ ଅନ୍ୟ ଅଭିଯୁକ୍ତ ଶ୍ୟାମଳ ମଣ୍ଡଳଙ୍କୁ ନିର୍ଦ୍ଦୋଷ ରେ ଖଲାସ କରିଥିବା ବେଳେ ବସନ୍ତ ପାଲକୁ ଆଇପିସିର ଧାରା ୪୫୪ରେ ୧ ବର୍ଷ ଏବଂ ଧାରା ୩୮୦ରେ ୧ ବର୍ଷ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଥିଲେ । ଏହି ଦଣ୍ଡାଦେଶ ବିରୋଧରେ ବସନ୍ତ ପାଲ ଅପିଲ କରିଥିଲେ । କିନ୍ତୁ ଆବେଦନକାରୀଙ୍କ ପକ୍ଷରୁ ତାଙ୍କ ଆଇନଜୀବୀ ଅନୁପସ୍ଥିତ ରହିବା କାରଣରୁ କଟକ ସେସନ୍ସ କୋର୍ଟ ଅପିଲକୁ ଡିଫଲ୍ଟରେ ଖାରଜ କରି ଦେଇଥିଲେ। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ କେବଳ ଅପିଲକାରୀ କିମ୍ବା ତାଙ୍କ ଆଇନଜୀବୀ ଉପସ୍ଥିତ ନଥିବା କାରଣରୁ ଅପରାଧିକ ଅପିଲ ଖାରଜ ହୋଇପାରିବ ନାହିଁ । ଏହି ମାମଲାରେ ଅଭିଯୁକ୍ତଙ୍କୁ ପଚରାଉଚୁରା କରିବାରେ ମଧ୍ୟ ଗୁରୁତର ତ୍ରୁଟି ଥିବା ଅଦାଲତ ଦର୍ଶାଇଛନ୍ତି। ଅଭିଯୋଗକାରୀଙ୍କ ସାକ୍ଷ୍ୟରେ ଯେଉଁସବୁ ଅଭିଯୋଗ ରହିଥିଲା ସେସବୁକୁ ଆବେଦନକାରୀଙ୍କ ସମ୍ମୁଖରେ ସ୍ପଷ୍ଟ ଭାବେ ରଖାଯାଇ ନଥିଲା । ଫଳରେ ନିଜ ବିରୋଧରେ ପରିସ୍ଥିତି କଦଣ ରହିଥିଲା ସେନେଇ ଆବେଦନକାରୀଙ୍କୁ କହିବାର ଅଧିକାରରୁ ତାଙ୍କୁ ବଞ୍ଚିତ କରାଗଲା। ତେଣୁ ଅଭିଯୁକ୍ତଙ୍କୁ ତାଙ୍କ ବିରୋଧରେ ଥିବା ପ୍ରମାଣ ଓ ପରିସ୍ଥିତିର କହିବାକୁ ଦେବାର ସୁଯୋଗ ଦିଆଯାଇ ନାହିଁ ଓ ଆଇନଗତ ବ୍ୟବସ୍ଥାର ପାଳନ ହୋଇନଥିବା ଅଦାଲତ କହିଛନ୍ତି । ଫଳରେ ଅଦାଲତ ଟ୍ରାଏଲ କୋର୍ଟର ଦଣ୍ଡାଦେଶକୁ ରଦ୍ଦ କରିଛନ୍ତି । ମାମଲାରେ ଆମିକସ୍ କ୍ୟୁରୀ ଭାବେ ସହାୟତା କରିଥିବା ଆଇନଜୀବୀ ଶତାବ୍ଦୀ ସାମନ୍ତରାୟଙ୍କ ସହଯୋଗକୁ ମଧ୍ୟ ଅଦାଲତ ପ୍ରଶଂସା କରିଛନ୍ତି।

## ରାମ ମନ୍ଦିର ଚାନ୍ଦା ଚୋରି ମାମଲା

# ସୁପ୍ରିମକୋର୍ଟ କାର୍ଯ୍ୟରତ ବିଚାରପତିଙ୍କ ନେତୃତ୍ୱରେ ତଦନ୍ତ ହେଉ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦାଚୋରୀ ଅଭିଯୁକ୍ତ ରାମ ମନ୍ଦିର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ସହଯୋଗୀ ଅନୀଲ ମିଶ୍ରଙ୍କୁ ଏସଆଇଟି ପକ୍ଷରୁ କ୍ଲିନ ଚିଟ ପ୍ରଦାନ କରିବାକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପିସିସି ମୁଖପାତ୍ର ସୋନାଲି ସାହୁ କହିଲେ ଯେ, ଭାରତର ୮୪ କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସକୁ ଗଭୀର ଆଘାତ ଲାଗିଛି । ରାମ ମନ୍ଦିର ଚୋରୀ ଖବର ଜୁନ ମାସରେ ଆସିଲା ଓ ୨୫ ରେ ପୋଲିସ ତା ତରଫରୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା। ଏହି ମାମଲାରେ ୮ ଜଣଙ୍କୁ ଗିରଫକରି ତଦନ୍ତ ସମୟରେ ଚମ୍ପତ ରାୟ ଓ ଅନୀଲ ମିଶ୍ରଙ୍କୁ ମଧ୍ୟ ପ୍ରମୁଖ ଅଭିଯୁକ୍ତ ଭାବେ ପୁଲିସ ପଚରା ଉଚୁରା କରିଥିଲା । ସମ୍ମିଳନୀରେ ଓପିସିସି ରିସର୍ଚ୍ଚ ବିଭାଗ ଅଧ୍ୟକ୍ଷ ନଳିନୀ ରଞ୍ଜନ





ମହାନ୍ତି କହିଥିଲେ ଯେ, ଯେହେତୁ ଏହି ରାମ ମନ୍ଦିର ତିଆରି ଏବଂ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେଉଥିଲା ଏବଂ ଏଥିପାଇଁ ସେ ଦାୟୀ ତେଣୁ ମନ୍ଦିର ନାମରେ ଯେଉଁ ଚାନ୍ଦା ଚୋରୀ ହେଲା ଏଥିପାଇଁ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ମହାନ୍ତି କହିଥିଲେ । ଓପିସିସିର ଅନ୍ୟତମ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଏସଆଇଟିକୁ ତୁରନ୍ତ ବାତିଲ କରି ଅଭିଯୁକ୍ତ ଚମ୍ପତ ରାୟ ଏବଂ ଅନୀଲ ମିଶ୍ରଙ୍କୁ ଗିରଫ କରନ୍ତୁ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ।ସୁପ୍ରିମ କୋର୍ଟ ଜଣେ ସିଟିଙ୍ଗ ଜଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁସନ୍ଧାନ କରନ୍ତୁ । ମିଳିତ ସଂସଦୀୟ କମିଟି ଗଠନ କରାଯାଇ ଅନୁସନ୍ଧାନ ଦାୟିତ୍ୱ ଦିଆଯାଉ ଏବଂ ସଂସଦରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି କଂଗ୍ରେସର ଦାବୀ କରିଛି ।

# ଏସ୍‌ଆଇଆର୍ ୨୦୨୬ ଦାବି, ଆପତ୍ତି ଅବଧିକୁ ୩୦ ଦିନ ବୃଦ୍ଧି ପାଇଁ ଦାବି

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର, (ସବ୍ୟୁ) : ଓଡିଶାରେ ଭୟଙ୍କର ବନ୍ୟା, ପ୍ରବଳ ବର୍ଷା ଓ ଜନଜୀବନ ବାଧାପ୍ରାପ୍ତ ହେବା ପରିପ୍ରେକ୍ଷୀରେ ଏସ୍‌ଆଇଆର ୨୦୨୬ ଅନୁଯାୟୀ ଦାବି ଏବଂ ଆପତ୍ତି ଅବଧିକୁ ଆହୁରି ୩୦ ଦିନ ବୃଦ୍ଧି କରିବା ପାଇଁ ଦାବି କରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜେଡି ପକ୍ଷରୁ ଏକ ସ୍ମାରକ ପତ୍ର ଦିଆଯାଇଛି । ଏଥିରେ କୁହାଯାଇଛି ଯେ, ପୂର୍ବରୁ ଦେଇଥିବା ପତ୍ରରେ ଏହି ଅବଧିକୁ ଅତିକମ୍‌ରେ ୩୦ ଦିନ ବୃଦ୍ଧି କରିବାକୁ ଅନୁରୋଧ କରାଯାଇଥିଲା । ନିର୍ଦ୍ଦିଷ୍ଟ ଭାବରେ ବିଭିନ୍ନ ସ୍ତରରେ ପଡିରହିଥିବା ବିପୁଳ କାର୍ଯ୍ୟଭାର, ଶୁଣାଣି ଏବଂ ଯାଞ୍ଚ ଆବଶ୍ୟକ କରୁଥିବା ନୋଟିସ୍, ମାମଲାଗୁଡିକର ସଂଖ୍ୟା ଏବଂ ଭୋଟର, ରାଜନୈତିକ ଦଳ ଏବଂ ଭୂସ୍ତରୀୟ ଏଜେଣ୍ଟମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବା ଉପରେ ଆଲୋକପାତ କରାଯାଇଥିଲା । ତେବେ ପରିସ୍ଥିତି ଏବେ ଅଧିକ ଗମ୍ଭୀର ହୋଇପଡିଛି । ଦାବି ଏବଂ ଆପତ୍ତି ଅବଧି, ଯାହା ପ୍ରାରମ୍ଭରେ ୪ ଅଗଷ୍ଟ ୨୦୨୬ରେ ଶେଷ ହେବାକୁ ଥିଲା ତାହାକୁ ଭାରତୀୟ ନିର୍ବାଚନ କମିଶନର ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ତେବେ



ଓଡିଶାରେ ଏବେ ପ୍ରାକୃତିକ ବିପର୍ଯ୍ୟୟ ହଜାର ହଜାର ଭୋଟର, ବିଏଲଏ ଏବଂ ନିର୍ବାଚନ ଅଧିକାରୀଙ୍କ ଦାବି ଏବଂ ଆପତ୍ତିଗୁଡିକର ଆବଶ୍ୟକୀୟ ଯାଞ୍ଚ ଏବଂ ଦାଖଲ କରିବାର କ୍ଷମତାକୁ ବ୍ୟାପକ ଭାବେ ପ୍ରଭାବିତ କରିଛି । ରାଜ୍ୟର ଅନେକ ଜିଲ୍ଲା ଓ ଅଞ୍ଚଳ ବର୍ତ୍ତମାନ ନିରନ୍ତର ଓ ପ୍ରବଳ ବର୍ଷା, ବନ୍ୟା, ଜଳବନ୍ଦୀ ଓ ଯୋଗାଯୋଗ ବିଚ୍ଛିନ୍ନ ସହିତ ପରିବାର ସ୍ଥାନାନ୍ତର ହୋଇଛନ୍ତି । ଏପରି ଅବସ୍ଥାରେ ଭୋଟରମାନେ ବିଏଲ୍‌ଓଏସ୍, ଇଆରଓ/ଏଇଆରଓ କାର୍ଯ୍ୟାଳୟ କିମ୍ବା ନିର୍ଦ୍ଦିଷ୍ଟ କେନ୍ଦ୍ରକୁ ଯାତ୍ରା କରିବା ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସମାପ୍ତ କରିବା ସମ୍ଭବ ନୁହେଁ । ଏଭଳି ପରିସ୍ଥିତିରେ ୧୯ ଅଗଷ୍ଟରେ ଦାବି ଏବଂ ଆପତ୍ତି ପ୍ରକ୍ରିୟା ବନ୍ଦ କରିବା ଦ୍ୱାରା ପ୍ରକୃତ ଭୋଟରମାନେ ସେମାନଙ୍କ ନିର୍ବାଚନ ଅଧିକାରଙ୍କୁ ସୁରକ୍ଷା ଦୋବାରୁ ବଞ୍ଚିତ ହୋଇପାରନ୍ତି । ଏଣୁ ଏହି ପ୍ରକ୍ରିୟାକୁ ଆଉ ୩୦ ଦିନ ବୃଦ୍ଧି କରାଯିବା ପାଇଁ ବିଜେଡି ଦାବି କରିଛି । ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ଭୋଟରମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ଯୋଗାଇବା ପାଇଁ ବିଏଲଓଏସ୍, ଇଆରଓଏସ୍ ଓ ଏଇଆରଓ ଗୁଡିକୁ ନିର୍ଦ୍ଦେଶ ଦିଆଯାଉ ।ପ୍ରଭାବିତ ଅଞ୍ଚଳରେ ସ୍ୱତନ୍ତ୍ର ଯୋଗାଯୋଗ ଏବଂ କ୍ଷେତ୍ର ସ୍ତରୀୟ ସୁବିଧା ପ୍ରଦାନ ପାଇଁ ମଧ୍ୟ ଦଳ ଅନୁରୋଧ କରିଛି ।

# ଦେଶରେ ୭ମ ସ୍ଥାନକୁ ଉଠିଲା ଓଡ଼ିଶା ପିଏମ୍ ସୂର୍ଯ୍ୟ ଘର

ଭୁବନେଶ୍ୱର,(ସବ୍ୟୁ) : ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ପୋର୍ଟାଲରେ ଉପଲବ୍ଧ ତଥ୍ୟଅନୁସାରେ, ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସ୍ଥାପନ କ୍ଷେତ୍ରରେ ଜାତୀୟ ସ୍ତରରେ୧୩ତମ ସ୍ଥାନରୁ ୭ମ ସ୍ଥାନକୁ ଉନ୍ନୀତ ହୋଇ ଓଡ଼ିଶା ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରୁଫଟପ୍ ସୋଲାର ବଜାର ଭାବେ ଉଭା ହୋଇଛି । ରାଜ୍ୟରେ ପ୍ରାୟ ୧.୭୪ ଲକ୍ଷ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରାଯାଇଛି, ଯାହା ସମଗ୍ରଓଡ଼ିଶାରେ ଘରୋଇ ସୋଲାର ବ୍ୟବସ୍ଥାକୁ ଲୋକେ କେତେ ଦ୍ରୁତ ଗତିରେ ଆପଣାଉଛନ୍ତି ତାହା ଦର୍ଶାଉଛି । ଏହାସହ ଏହିଯୋଜନା ଅଧୀନରେ ରାଜ୍ୟରେ ମୋଟ ୩,୧୨,୫୨୭ଟି ଆବେଦନ ଗ୍ରହଣ କରାଯାଇଛି ।ସରକାରଙ୍କ ବଳିଷ୍ଠ ଆର୍ଥିକ ସହାୟତା, ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ, ଭେଣ୍ଡର ଇକୋସିଷ୍ଟମର ସମ୍ପ୍ରସାରଣ, ଉପଭୋକ୍ତା ସୁବିଧା ଏବଂ ତୃଣମୂଳ ସ୍ତରର ନିରନ୍ତର ସଚେତନତା ମାଧ୍ୟମରେ ଉପଭୋକ୍ତାଙ୍କ ଆଗ୍ରହକୁ ରୁଫଟପ୍‌ସୋଲାର ସ୍ଥାପନରେ ପରିଣତ କରି ଓଡ଼ିଶା ଏହି ଜାତୀୟ ର୍‍ୟାଙ୍କିଙ୍ଗରେ ଉନ୍ନତି ହାସଲ କରିଛି । ଏହି କ୍ଷେତ୍ରରେ ଓଡ଼ିଶାମଧ୍ୟପ୍ରଦେଶ ଏବଂ ଆସାମକୁ ପଛରେ ପକାଇ ଭାରତର ବିକେନ୍ଦ୍ରୀକୃତ ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି ।ସମ୍ପ୍ରତି କିଛି ମାସ ମଧ୍ୟରେ ଓଡ଼ିଶାର ରୁଫଟପ୍ ସୋଲାର କାର୍ଯ୍ୟକ୍ରମରେ ବ୍ୟାପକ ଅଭିବୃଦ୍ଧି ଦେଖିବାକୁ ମିଳିଛି । ଆବେଦନସଂଖ୍ୟା ୧,୯୫,୫୧୩ରୁ ୩,୧୨,୫୨୭କୁ ବୃଦ୍ଧି ପାଇଥିବା ବେଳେ ପ୍ରକୃତ ସ୍ଥାପନ ସଂଖ୍ୟା ୭୨,୫୩୮ ରୁ ପ୍ରାୟ ୧.୭୪ଲକ୍ଷକୁ ବୃଦ୍ଧି ପାଇଛି ।ଏହା ଆବେଦନ କ୍ଷେତ୍ରରେ ପ୍ରାୟ ୬୦% ଏବଂ ସ୍ଥାପନ କ୍ଷେତ୍ରରେ ୧୩୦%ରୁ ଅଧିକ ଅଭିବୃଦ୍ଧିକୁଦର୍ଶାଉଛି । ସେହିପରି ଆବେଦନରୁ ସ୍ଥାପନରେ ରୂପାନ୍ତରିତ ହେବାର ହାର ୩୭.୧%ରୁ ୫୩.୪%କୁ ବୃଦ୍ଧି ପାଇଛି ।ଆବେଦନ,ଅନୁମୋଦନ ଠାରୁ ଆରମ୍ଭ କରି ସ୍ଥାପନ, ଯାଞ୍ଚ, ମିଟରିଂ ଏବଂ କମିଶନିଂ କରିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାରେ କ୍ଷମତା ବୃଦ୍ଧିଯୋଗୁଁ ଏହି ଉନ୍ନତି ସମ୍ଭବ ହୋଇପାରିଛି ।ପିଏମ୍ ସୂର୍ଯ୍ୟ ଘର ଅଧୀନରେ ଉପଲବ୍ଧ କେନ୍ଦ୍ରୀୟ ସବସିଡି ବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅତିରିକ୍ତଆର୍ଥିକ ସହାୟତା ଏହି ଯୋଜନାକୁ ଆପଣାଇବାର ପ୍ରମୁଖ କାରଣ ସାଜିଛି । ଯୋଗ୍ୟ ଘରୋଇ ଉପଭୋକ୍ତାମାନେ ଏକ ୩କିଲୋୱାଟ୍ ରୁଫଟପ୍ ସୋଲାର ସିଷ୍ଟମ୍ ପାଇଁ ପ୍ରଯୁଜ୍ୟ କ୍ଷମତା, ଉପଭୋକ୍ତା ବର୍ଗ ଏବଂ ଯୋଜନାର ନିର୍ଦ୍ଦେଶାବଳୀ ଅନୁଯାୟୀ ମିଳିତ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ସର୍ବାଧିକ ୧.୩୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇପାରିବେ ।ଓଡ଼ିଶା ୨୦୨୭ ସୁଦ୍ଧା ୩ ଲକ୍ଷ ରୁଫଟପ୍ ସୋଲାର ସ୍ଥାପନର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଅଧିକ ସବସିଡି ଏବଂସରଳୀକୃତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ସହରାଞ୍ଚଳ, ଗ୍ରାମାଞ୍ଚଳ ତଥା ଅର୍ଦ୍ଧ-ସହରାଞ୍ଚଳର ପରିବାରଗୁଡ଼ିକ ପାଇଁ ରୁଫଟପ୍ ସୋଲାରକୁ ଅଧିକ ସହଜଲଭ୍ୟ କରାଯାଉଛି ।

# ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଭାବେ ବିରଜା ଶଙ୍କର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଭାବେ ବିରଜା ଶଙ୍କର ମିଶ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ତୋଷାଳି ଭବନସ୍ଥିତ ମାନବାଧିକାର ଆୟୋଗଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏବଂ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆୟୋଗଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ



ସଦସ୍ୟ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ଜଣାଶୁଣା ଅଧିବକ୍ତା ଶ୍ରୀ ମିଶ୍ର ୧୯୯୩ ମସିହାରେ ଓଡ଼ିଶା ବାର୍ କାଉନସିଲର ସଦସ୍ୟ ହେବା ପରେ ଦୀର୍ଘ ଚାରି ଦଶନ୍ଧି ଧରି ଆଇନଜୀବୀ ଭାବରେ ସକ୍ରିୟ ଅଛନ୍ତି । ପୂର୍ବରୁ ଓଡ଼ିଶା ମାନବାଧିକାର ଆୟୋଗରେ ଅଧ୍ୟକ୍ଷ ଏବଂ ଜଣେ ସଦସ୍ୟ ଥିବାବେଳେ ଶ୍ରୀ ମିଶ୍ର ସଦସ୍ୟ ଭାବେ ଯୋଗଦାନ ଦେବା ଦ୍ୱାରା କମିଶନର ସମସ୍ତ ପଦବୀ ପୂରଣ ହୋଇଛି ।

## ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଗ୍ରାମ ଜେନାଙ୍କ

# ଶ୍ରାଦ୍ଧ ବାର୍ଷିକୀରେ ଯୁବକଙ୍କୁ ପିସିସି ସଭାପତିଙ୍କ ଆହ୍ୱାନ

ଭୁବନେଶ୍ୱର,(ସବ୍ୟୁ): ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଠାରେ ଆୟୋଜିତ ହୋଇଥିଲା । ସ୍ମୃତି ସଭାରେ ଉଦବୋଧନ ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ହଜାର ହଜାର ବର୍ଷଧରି ବସବାସ କରୁଥିବା ଆଦିବାସୀଙ୍କୁ ବାସଚ୍ୟୁତ କରିବାକୁ ଚାହିଁଛି ବିଜେପି ସରକାର । ଏହା ଆମେ କେବେ ସମ୍ଭବ ହେବାକୁ ଦେବୁନାହିଁ । ଓଡ଼ିଶାର ଜଳ ଜମି ଜଙ୍ଗଲ, ଖଣିଜ ଦ୍ରବ୍ୟ ସବୁ ରାଜ୍ୟବାସୀଙ୍କର । ଆଜି ହତାଶ ନିରାଶ ବେକାରୀ ଯୁବକଙ୍କୁ ଆହ୍ୱାନ ନିଜ ଅଧିକାରର ଲଢେଇ ପାଇଁ କ୍ଷେତ୍ରକୁ ଆସନ୍ତୁ । ସଂଗ୍ରାମ ଦିଏ ଡାକ, ତୁହି ଯୁବକ ଉଠରେ ଯୁବକ ଉଠ, ଶୁଣ ତୁମେ ଚିତ୍କାର, କେଉଁଝର ମା ମାଟିର, ଓଡିଶା ମାଆ ମାଟିର, କୋଳେ ଶୋଇଥିବା ଶିଶୁର ଡାକ ଯୁବ କଂଗ୍ରେସର ସମସ୍ତ ସାଥୀଙ୍କୁ ଆହ୍‌ୱାନ ରଣକ୍ଷେତ୍ରରେ ଲଢ଼ ।



ସଂଗ୍ରାମରେ ଅବତୀର୍ଣ୍ଣ ହୁଅ । ସଂଗ୍ରାମକୁ ଯଦି ମନେ ପକାଉଛ, ସଂଗ୍ରାମ ପଥର ଯାତ୍ରୀ ହୁଅ । ମୃତ୍ୟୁ ସମସ୍ତଙ୍କ ସାମ୍ନାରେ ଠିଆ ହୋଇଛି । ସଂଗ୍ରାମ ବ୍ୟତୀତ ଅନ୍ୟ ପନ୍ଥା କିଛି ନାହିଁ । ଏହି ସଂଗ୍ରାମ ଏମ ଏମ ଡିଆର ଆଇନ ଆଣି ଆଦିବାସୀଙ୍କ ଅଧିକାର ହତ୍ୟା କରିଛନ୍ତି । ସଂଗ୍ରାମ ଜେନା ସ୍ମୃତି କମିଟି ସଭାପତି ତାରାପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା ପରିଚାଳିତ କରିଥିଲେ । ସଭାରେ ସ୍ୱର୍ଗତ ଜେନାଙ୍କ ପିତା ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନାଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଅନନ୍ତ ସେଠୀ, ସୁରେଶ ରାଉତରାୟ, ପଞ୍ଚାନନ କାନୁନଗୋ, ଶିବାନନ୍ଦ ରାୟ, ବିଧାୟକ ଅଶୋକ ଦାସ, ବିଜୟଲକ୍ଷ୍ମୀ ସାହୁ, ମିନାକ୍ଷୀ ବାହିନୀପତି, ଅରବିନ୍ଦ ଦାସ, ଶୁଭେନ୍ଦୁ ମହାନ୍ତି, ବନ୍ଦିତା ପରିଡା, ଜୟସ୍ମିତା ମହାନ୍ତି, ଅଭିମନ୍ୟୁ ବେହେରା, ଚିନ୍ମୟ ବେହେରା, ଦେବୀ ଚାନ୍ଦ, ରଞ୍ଜିତ ପାତ୍ର,ୟାଶୀର ନାୱାଜ, ମନୋଜ ରାଉତ, ମାନସ ଆଚାର୍ଯ୍ୟ, ଅମିଶା ସାମନ୍ତରାୟ, ଲିଙ୍ଗରାଜ ସାହୁ, ଶ୍ରୀକାନ୍ତ ଦାସ, ରାଜୀବ ପଟ୍ଟନାୟକ, ପଟ୍ଟନାୟକ, ମିଳନ ପଟ୍ଟନାୟକ । ଶ୍ରାଦ୍ଧ ସଭାରେ ସ୍ୱର୍ଗତ ଜେନାଙ୍କ କନ୍ୟାଦ୍ୱୟ ସୁହାନୀ ଓ ଜାହାନି ପିତାଙ୍କ ସ୍ମୃତି ଚାରଣ କରିଥିବାବେଳେ ଭଉଣୀ ଡ଼. ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ଫଟୋଗ୍ରାଫି କର୍ମଶାଳା ଉଦ୍‌ଘାଟିତ

# ଫଟୋଗ୍ରାଫିର ବୈଷୟିକ ଦିଗ, କୌଶଳ ସମ୍ପର୍କରେ ପ୍ରଶିକ୍ଷାର୍ଥୀ ଶିଖିବେ

ଭୁବନେଶ୍ୱର(ସବ୍ୟୁ): ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଫଟୋଗ୍ରାଫି କର୍ମଶାଳା ଉଦଘାଟିତ ହୋଇଛି । ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଆର୍ଟ ଗ୍ୟାଲେରୀ ଠାରେ ଅନୁଷ୍ଠିତ ହେଉଛି । ଉଦଘାଟନୀ ସମାରୋହରେ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଡ଼. ଦେବଯାନୀ ଭୂୟାଁ, ଓଡ଼ିଶା କାରାଗାର ଓ ସଂଶୋଧନ ସେବା ନିର୍ଦ୍ଦେଶାଳୟ ଅତିରିକ୍ତ ଇନ୍ସପେକଟର ଜେନେରାଲ ଆଶିଷ କୁମାର ଜେନା, ଫଟୋଗ୍ରାଫର




ଦିଲୀପ ଧୀର ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ । ଆଜିର ଯୁଗରେ ଫଟୋଗ୍ରାଫିର ଚାହିଦା ବେଶ୍ ବଢ଼ିଛି । ଫଟୋଗ୍ରାଫିକୁ ନିଜର କ୍ୟାରିୟର ଭାବେ ଗିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି । ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ ହେଉଥିବା ଏହି ଫଟୋଗ୍ରାଫି କର୍ମଶାଳା ଫଟୋଗ୍ରାଫିର ବିଭିନ୍ନ ବୈଷୟିକ ଦିଗ ଓ କୌଶଳ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇବା ସହ ସୃଜନଶୀଳତା ବିକାଶ ଦିଗରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୨୦ ଜଣ ପ୍ରଶିକ୍ଷାର୍ଥୀ ଫଟୋଗ୍ରାଫି କର୍ମଶାଳାରେ ଅଂଶଗ୍ରହଣ କରିଛନ୍ତି । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି କର୍ମଶାଳାରେ ବେସିକ୍ସ ଅଫ୍ ଫଟୋଗ୍ରାଫି, ଷ୍ଟ୍ରିଟ୍ ଓ କ୍ୟାଣ୍ଡିଡ ଫଟୋଗ୍ରାଫି, ଲ୍ୟାଣ୍ଡସ୍କେପ୍ ଫଟୋଗ୍ରାଫି, ପୋଟ୍ରେଟ୍ ଫଟୋଗ୍ରାଫି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

# ଗାଜର ଘାସ ସଚେତନତା ସପ୍ତାହ ପାଳନ

ଭୁବନେଶ୍ୱର,(ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଗାଜର ଘାସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଗତ ମଙ୍ଗଳବାର ଏହି ସଚେତନତା କାର୍ଯ୍ୟକ୍ରମ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରଣପଧାନ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ଶ୍ରୀ ସ୍ଥିତପ୍ରଜ୍ଞ ଖମାରି ଯୋଗଦାନ କରି ଗାଜର ଘାସର ସମସ୍ୟା ଓ ଭୟାବହତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସୋଆ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଓ କ୍ଷେତ୍ର ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ଼କ୍ଟର ବାସୁଦେବ ବେହେରା ଗାଜର ଘାସର ନିରାକରଣ ଉପରେ ଆଲୋକପାତ କରିଥିଲେ । ଡ଼କ୍ଟର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼କ୍ଟର ଶୁଭପ୍ରଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶତାଧିକ ଚାଷୀଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ । ଡ଼କ୍ଟର ଅଂଶୁମାନ ଜେନାଙ୍କ ତତ୍ତ୍ୱାବଧାନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗାଜର ଘାସ ସଚେତନତା ପାଇଁ ଏକ ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା ଓ ଏହି ସଭାକୁ ସୋଆ କୃଷି ମହାବିଦ୍ୟାଳୟର କ୍ଷେତ୍ର ବିଜ୍ଞାନ ବିଭାଗ ଓ ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗ ମିଳିତ ଭାବରେ ପରିଚାଳନା କରିଥିଲେ । ଏହି ସଭାରେ ସୋଆ କୃଷି ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ବହୁସଂଖ୍ୟାରେ ଯୋଗ ଦେଇଥିଲେ ।



# ଧର୍ମପ୍ରାଣା ମହିଳା ରଞ୍ଜିତା ପରିଜାଙ୍କ ପରଲୋକ

କଟକ, (ସ୍ୱପ୍ର) : ଧର୍ମପ୍ରାଣା ମହିଳା ରଞ୍ଜିତା ପରିଜାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ସେ ଜଣେ ପରୋପକାରୀ, ଦୟାଳୁ ସ୍ୱଭାବର ମହିଳାଭାବେ ସମଗ୍ର ଅଞ୍ଚଳରେ ଜଣାଶୁଣା ଥିଲେ । ସେ ଗତ କିଛି ଦିନ ହେବ ନିମୋନିଆ ରୋଗରେ ପିଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଖବର ପ୍ରଘଟ ହେବା ତାଙ୍କ ୫୩ନଂ ୱାର୍ଡ ଦୁଲ୍ଲାଦେଇ ରୋଡ, ଶ୍ରୀମା' ଲେନ ସ୍ଥିତ ବାସଭବନରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ଶେଷ ଦର୍ଶନ କରିବା ସହିତ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଅରବିନ୍ଦ ଜେନା, ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ ଭୋଳ, ଭାଗ୍ୟଧର ବ୍ରହ୍ମା, ପ୍ରଶାନ୍ତ ପଟ୍ଟନାୟକ, ବିନୋଦ ବେହେରା, ଚିତ୍ତରଞ୍ଜନ ନାୟକ,



ନଗେନ ଦାସ, ଧୀର ପ୍ରସାଦ ମହାନ୍ତି, ସାମ୍ବାଦିକ ସମୀର କର, ବୀନିତା ମହାନ୍ତି, ପ୍ରତୀଭା ପରିଡା, ପ୍ରସନ୍ନ କୁମାର ମହାନ୍ତି, ରମେଶ ଚନ୍ଦ୍ର ଦାସଙ୍କ ସମେତ ଶତାଧିକ ଲୋକ ସ୍ୱର୍ଗତା ରଞ୍ଜିତା ପରିଜାଙ୍କ ଶେଷ ଦର୍ଶନ କରିଥିଲେ । ଏକ ଶୋକାକୂଳ ଶୋଭାଯାତ୍ରାରେ ତାଙ୍କ ମର ଶରୀରକୁ ଏକ ସୁସଜ୍ଜୀତ ଗାଡିରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା । ତାଙ୍କ ଜ୍ୟେଷ୍ଠ ପୁତ୍ର ବିଶ୍ୱଜିତ ପରିଜା ମୁଖାଗ୍ନି ଦେଇଥିଲେ । ଶେଷକୃତ୍ୟ ସମୟରେ ସ୍ୱର୍ଗତା ମହାନ୍ତିଙ୍କ ସ୍ୱାମୀ ରଜନୀକାନ୍ତ ପରିଜା, ସାନ ପୁଅ ଦେବାଶିଷ, ନାତି ରିତେଶ, ପୁତୁରା ଶାସ୍ୱତଙ୍କ ସମେତ ଜ୍ଞାତି ପରିଜନ ଉପସ୍ଥିତ ଥିଲେ ।

# ଏପିବି ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାଧୀନତା ଦିବସ


କଟକ, (ସବ୍ୟୁ): ସିଡିଏ ସେକ୍ଟର-୭ ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଆଜି ୮୦ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ପ୍ରଜ୍ଞା ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ ।ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସ୍ମରଣ କରି ଦେଶ ଗଠନରେ



ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ସେଠାରେ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ବାଜପେୟୀଙ୍କ ତିରୋଧାନ ଦିବସରେ ସଦୈବ ଅଟଳ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ବିଶିଷ୍ଟ ଜନନେତା, ରାଜନୀତିଜ୍ଞ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସାହିତ୍ୟ ସଂସ୍କୃତି ସଂସଦ ସାଧନାର ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ହୋଇଯାଇଛି 'ସଦୈବ ଅଟଳ' କାର୍ଯ୍ୟକ୍ରମ । ଅଟଳଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାହିତ୍ୟ ସଂସ୍କୃତି ସଂସଦ ସାଧନା ଉକ୍ତ କାର୍ଯ୍ୟକ୍ରମକୁ ପ୍ରଥମଥର ଆୟୋଜନ କରିବାର ପ୍ରୟାସ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ । ବରେଣ୍ୟ ଅତିଥି ଭାବରେ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବରିଷ୍ଠ ବିଜେପି ନେତା ଗୋଲକ ପ୍ରସାଦ ମହାପାତ୍ର, ପ୍ରଫେସର ତଥା ସଂପାଦକ ଶଶାଙ୍କ ଚୂଡ଼ାମଣୀ, ନାଟ୍ୟକାର ଓ ନିର୍ଦ୍ଦେଶକ ବିଜୟ ଦାସ । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୧୦ରୁ ଅଧିକ କବି କବିତା ପାଠ କରିବା ସହ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିମାନେ ଜନନେତା ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଆଭିମୁଖ୍ୟ ରଖିଥିଲେ ସାଧନା ଅନୁଷ୍ଠାନର ସଂପାଦକ ଶ୍ରୀଗୋବିନ୍ଦ ଓ ପ୍ରବୀର ରଞ୍ଜନ ଦାସ । ଅଟଳଙ୍କୁ ସ୍ୱତନ୍ତ୍ର ସମ୍ମାନ ଜଣାଇ ଓଡ଼ିଶାର ବରେଣ୍ୟ କବିମାନଙ୍କ କବିତାକୁ ନେଇ 'ସଦୈବ ଅଟଳ' ନାମକ ଏକ କବିତା



କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମସ୍ତ ଅତିଥିମାନଙ୍କୁ ଅଟଳ ବିହାରୀ ବାଜପେୟୀଙ୍କ ତୈଳଚିତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଅନୁଷ୍ଠାନର ସଂପାଦକ ଶ୍ରୀଗୋବିନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀକାନ୍ତ ମହାନ୍ତି, ଶଶାଙ୍କ ଶେଖର ଦାଶ ଓ ବିଜୟ କୁମାର ଖୁଣ୍ଟିଆ । ସ୍ୱାଗତ ଭାଷଣ ଓ ଏହି କାର୍ଯ୍ୟକ୍ରମର ସଂକଳନ ଓ ୫୦୦ ପୃଷ୍ଠା ସମ୍ବଳିତ ଏକ 'କଫି ଟେବୁଲ ବୁକ୍'ର ପ୍ରଚ୍ଛଦ ମଧ୍ୟ ଉନ୍ମୋଚନ କରାଯାଇଥିଲା । ଏହା ସହିତ କମଳାକାନ୍ତ ମହାନ୍ତିଙ୍କ ପୁସ୍ତକ 'ଓଡେଶୀ ଅଫ୍ ଡେମୋକ୍ରାସୀ, ମମତା ସାହୁଙ୍କ କବିତା ପୁସ୍ତକ ଧୂଆଁ, ଶୁଭେନ୍ଦୁ ମେହେରଙ୍କ ଭିନ୍ନ ଜଣେ ଯଶୋଦା ପୁସ୍ତକ ମଧ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଅଟଳ ବିହାରୀ ବାଜପେୟୀ କେବଳ ଜନନେତା ନଥିଲେ ବରଂ ଭାରତର ଜଣେ ପ୍ରବାଦ ପୁରୁଷ ଭାବେ ଯେଉଁ ଦିଗଦର୍ଶନ ବିଶ୍ୱକୁ ଦେଇଥିଲେ, ଇତିହାସ ତାଙ୍କ ନାଁକୁ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ କରି ରଖିବ ବୋଲି ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ କହିଥିଲେ । ବୈଭବଶାଳୀ ଭାରତ ବର୍ଷ ପାଇଁ ଯେଉଁ ଭିତ୍ତିପ୍ରସ୍ତର ସେ ସ୍ଥାପନା କରିଥିଲେ, ଆଜି ଶୀର୍ଷରେ ପହଞ୍ଚି ପାରିଛି ବୋଲି ଅନ୍ୟତମ ଅତିଥି ଗୋଲକ ପ୍ରସାଦ ମହାପାତ୍ର କହିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ପାର୍ଥସାରଥୀ ପତଳାସିଂହ ।

# ବିଜେଡିର ବୃଦ୍ଧାଶ୍ରମରେ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଦଳର କର୍ମକର୍ତ୍ତାଙ୍କ ପକ୍ଷରୁ ସହର ନିକଟସ୍ଥ "ଅମୃତଧାରା' ଓ କପିଳମୁନି' ବୃଦ୍ଧାଶ୍ରମରେ ସମସ୍ତ ଅନ୍ତେବାସୀଙ୍କୁ ଶାଢ଼ୀ, ଲୁଙ୍ଗି, ଗଞ୍ଜି ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ଦାସ ଏବଂ ପୂର୍ବତନ ବିଧାୟକ ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଜୀବନ ପ୍ରଦୀପ ଦାସଙ୍କ ପରାମର୍ଶ ଓ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ଲକସନ ପ୍ରଧାନ, ଜଗନ୍ନାଥ ବେହେରା, ଆୟୁଷ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟରକ୍ରିମ ପରିଚାଳନା କରିବା ସହ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବାଣ୍ଟିଛନ୍ତି ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଚରକ ସପ୍ତାହ

# ବିଦ୍ୟାର୍ଥୀଙ୍କ ସମବେତ ଚରକ ସଂହିତା ପାଠ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ସଂହିତା ସିଦ୍ଧାନ୍ତ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଚରକ ସପ୍ତାହ ପାଳିତ ହୋଇଯାଇଛି । ଉଦଯାପନ ଉତ୍ସବକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର (ଡ.) ତେଜ ପରତାପ ଉଦଘାଟନ କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ବୈଦ୍ୟ ପ୍ରଫେସର ନାରାୟଣ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସେ ଆୟୁର୍ବେଦ ଶାସ୍ତ୍ରର ବିଦ୍ୟାର୍ଥୀମାନଙ୍କୁ ଆୟୁର୍ବେଦ ଚିକିତ୍ସାରେ ଚରକ ଶାସ୍ତ୍ରର ଉପାଦେୟତା ବିଷୟରେ ଅବଗତ କରାଇଥିଲେ । ଏହି ଉପଲକ୍ଷେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଶ୍ଳୋକ ଆବୃତ୍ତି ଏବଂ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଉତରାୟଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ରବିନାରାୟଣ



ରିସର୍ଚ୍ଚ ଡିନ୍ ପ୍ରଫେସର କେଶରୀ ସିଂହ ସାମ୍ପ୍ରତିକ ସମୟରେ ଆୟୁର୍ବେଦର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ବିଦ୍ୟାର୍ଥୀମାନେ ଚରକ ସଂହିତା ପାଠ କରିଥିଲେ । ଶ୍ରୀଶ୍ରୀ ଆୟୁର୍ବେଦମହାବିଦ୍ୟାଳୟ ଡିନ୍ ପ୍ରଫେସର କ୍ଷୀରାବ୍ଧି ତନୟା ତ୍ରିପାଠୀ, ଡେପୁଟି ଡିନ୍ ପ୍ରଫେସର ନଗେନ୍ଦ୍ର ପ୍ରସାଦ, ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ପ୍ରଫେସର ନିରଞ୍ଜନ ଏସ୍.ଙ୍କ ସହ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଏବଂ ବିଦ୍ୟାର୍ଥୀ ଉପସ୍ଥିତଥିଲେ । ଡା. ଅମରେଶ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରିପଦାରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

# ଫଟୋଗ୍ରାଫର ଅନନ୍ତ କୁମାର ବାଗ ସମ୍ବର୍ଦ୍ଧିତ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଆସୋସିଏସନ୍ (ଏମ୍‌ପିଭିଏ) ପକ୍ଷରୁ ବୁଧବାର ବିଶ୍ୱ ଫଟୋଗ୍ରାଫି ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବାରିପଦା ସହରରେ ମୋଟରସାଇକେଲ ଶୋଭାଯାତ୍ରା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାରିପଦାସ୍ଥିତ ମାଅମ୍ବିକା ମନ୍ଦିର ପ୍ରାଙ୍ଗଣରୁ ସକାଳ ପ୍ରାୟ ୧୦ଟାରେ ମୋଟରସାଇକେଲ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପରେ ଷ୍ଟେସନ ବଜାରସ୍ଥିତ ବିବାହ ମଣ୍ଡପରେ ଆୟୋଜିତ ସଭାରେ ୭୦ରୁ ଉର୍ଦ୍ଧ ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟଅତିଥି ଭାବେ ବର୍ଷୀୟାନ ସିନେ କଳାକାର ଅସିତ ବରଣ ପତି (ଅସିତ ନନା) ଯୋଗଦେଇ କେକ୍ କାଟି ଦିବସର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୟୂରଭଞ୍ଜର ବର୍ଷୀୟାନ ତଥା ପ୍ରତିଷ୍ଠିତ ଫଟୋଗ୍ରାଫର ଅନନ୍ତ କୁମାର ବାଗ (ଅନନ୍ତ ଭାଇ)ଙ୍କୁ ମୁଖ୍ୟଅତିଥି ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଆସୋସିଏସନ୍‌ର ସଭାପତି ସଞ୍ଜୀବ କୁମାର ଦ୍ୱିବେଦୀ, ସମ୍ପାଦକ ଭବାନୀ ଶଙ୍କର ରାମ, କୋଷାଧ୍ୟକ୍ଷ କୌଶିକ ଭକ୍ତ ଓ ଉପକୋଷାଧ୍ୟକ୍ଷ ଜି. ଜାନକୀ ରାମ ପ୍ରମୁଖ ଫଟୋଗ୍ରାଫି କ୍ଷେତ୍ରର ବିକାଶ, ସଂଗଠନର ଏକତା ଓ ଆଗାମୀ ଦିନରେ ସଦସ୍ୟମାନଙ୍କ ଭୂମିକା ସମ୍ପର୍କରେ ନିଜ ମତ ରଖିଥିଲେ। ଅପରାହ୍ନରେ ବାରିପଦା ରଘୁନାଥ ସ୍ଥିତ ରୋଜମେରୀ ଆବାସିକ ଅନୁଷ୍ଠାନରେ ରହୁଥିବା ମାନସିକ ଅନଗ୍ରସର ଶିଶୁମାନଙ୍କୁ ଆସୋସିଏସନ୍ ପକ୍ଷରୁ ବିସ୍କୁଟ ଓ ଚକୋଲେଟ ବଣ୍ଟନ କରାଯାଇଥିଲା। ଏଭଳି ସାମାଜିକ ସେବାମୂଳକ କାର୍ଯ୍ୟ ମାଧ୍ୟମରେ ଦିବସ ପାଳନ କରାଯିବାକୁ ନେଇ ଉପସ୍ଥିତ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ।

## କନ୍ଧମାଳ ଜିଲ୍ଲାପାଳଙ୍କ ଅଭିନବ ପଦକ୍ଷେପ ଟିଚ୍ କନ୍ଧମାଳ

# ବିଦ୍ୟାଳୟରେ ପହଞ୍ଚିଲେ ଜିଲ୍ଲାସ୍ତରୀୟ ଅଧିକାରୀ

ଫୁଲବାଣୀ, (ସବ୍ୟୁ) : ବିଦ୍ୟାଳୟର ଚାରିକାନ୍ଥ ଭିତରେ ସୀମିତ ନରହି ଶିକ୍ଷା ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ କନ୍ଧମାଳ ଜିଲ୍ଲାରେ ଜିଲ୍ଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଛି ଅଭିନବ ପଦକ୍ଷେପ 'ଟିଚ୍ କନ୍ଧମାଳ'। ଏହି ପଦକ୍ଷେପ ଅଧୀନରେ ସୋମବାର ବାଲିଗୁଡ଼ା ବ୍ଲକ୍ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଥିଲେ ଜିଲ୍ଲାସ୍ତରୀୟ ଅଧିକାରୀମାନେ। ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ଶିଶୁଙ୍କ ନିକଟରେ ପହଞ୍ଚି ଶିକ୍ଷାଦାନର ବିଭିନ୍ନ ଦିଗ ଅନୁଧ୍ୟାନ କରିବା, ସମସ୍ୟା ଚିହ୍ନଟ କରିବା ଏବଂ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ସହ ଜଡ଼ିତ ହିତଧାରୀଙ୍କୁ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ୨୦୨୬-୨୭ ଶିକ୍ଷାବର୍ଷରୁ ଏହାକୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଛି। ଏହି କ୍ରମରେ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ପ୍ରାତଃ ସମାବେଶ, ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି, ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ବିଶେଷକରି ଶୌଚାଳୟର ପରିଚ୍ଛନ୍ନତା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଦି ଯାଞ୍ଚ କରିଥିଲେ। ବାଲିଗୁଡ଼ା ବ୍ଲକରେ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ମୋଟ ୧୯ଟି ବିଦ୍ୟାଳୟକୁ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ପରିଦର୍ଶନ ନିମନ୍ତେ ଆବଣ୍ଟନ କରାଯାଇଥିଲା। ତାଲିକାରେ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ, ପ୍ରଶିକ୍ଷଣରତ ଆଇଏଏସ୍ ଯଶକରଣ ସିଂ, ଡିଏଫଓ ଘନଶ୍ୟାମ ମହାନ୍ତ, ସିଡିଓ କମ୍ ଇଓ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ପ୍ରଣିତା ଦାସ, ପିଡି-ଡିୟୁଡିଏ ପ୍ରବୀଣ କୁମାର ବାଣୁଆ, ଡିଓ ରାଜେଶ କୁମାର ସ୍ୱାଇଁ, ପିଏ-ଆଇଟିଡିଏ କୃପାସିନ୍ଧୁ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ। 'ଟିଚ୍ କନ୍ଧମାଳ' କେବଳ ବିଦ୍ୟାଳୟ ପରିଦର୍ଶନରେ ସୀମିତ ନରହି ଶିକ୍ଷା ବ୍ୟବସ୍ଥାର ତୃଣମୂଳ ସ୍ଥିତିକୁ ବୁଝିବା ଓ ତାହାର ଗୁଣାତ୍ମକ ଉନ୍ନତି ପାଇଁ ଏକ ନିରନ୍ତର ପ୍ରୟାସ। ପ୍ରତି ଜନଅଭିଯୋଗ ଶୁଣାଣି ଦିନ ପୂର୍ବରୁ ସମ୍ପୃକ୍ତ ଅଧିକାରୀମାନେ ବିଦ୍ୟାଳୟ ପରିଦର୍ଶନ କରିବେ ଏବଂ ପରିଦର୍ଶନର ସଂକ୍ଷିପ୍ତ ରିପୋର୍ଟ ଦାଖଲ କରିବେ।

## ନିଶା ଚକୋଲେଟ୍ ଦେଇ ୩ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅଧୀନ ବୁରୁପଳସା ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଛାତ୍ରୀଙ୍କୁ କଥିତ ନିଶାଯୁକ୍ତ ଚକୋଲେଟ୍ ଦେଇ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଚକୋଲେଟ୍ ଖାଇବା ପରେ ଛାତ୍ରୀମାନେ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁରୁପଳସା ପ୍ରାଥମିକ ବିଦ୍ୟାଳୟ ପରିସରରେ ପିଲାମାନେ ଖେଳୁଥିବା ସମୟରେ ଏକ ସ୍କୁଟିରେ ୩ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ସେମାନେ ୩ ଜଣ ଛାତ୍ରୀଙ୍କୁ ଚକୋଲେଟ୍ ଦେବା ସହ ଏହା ଖାଇବାକୁ ବାଧ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀମାନେ ଚକୋଲେଟ୍ ଖାଇବାକୁ ମନା କରିବାରୁ ଯୁବକମାନେ ସେମାନଙ୍କୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ରହିଛି। ପରେ ଚକୋଲେଟ୍ ଖାଇବା ପରେ ୩ ଜଣ ଛାତ୍ରୀ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଘଟଣା ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରେ ୩ ଛାତ୍ରୀଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଚକୋଲେଟ୍‌ରେ ପ୍ରକୃତରେ କୌଣସି ନିଶାଦ୍ରବ୍ୟ ମିଶିଥିଲା କି ନାହିଁ ଏବଂ ଏହା ପଛରେ ଅପହରଣ ଉଦ୍ଦେଶ୍ୟ ଥିଲା କି ନାହିଁ, ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

## ଜୁଆ ଆଡ୍ଡାରେ ପୁଲିସ ଚଢ଼ାଉ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସଦର ପୋଲିସ ମହୁଡା ପାହାଡ଼ରେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ ମଙ୍ଗଳବାର ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅନେକ ଜୁଆଡି ଘଟଣା ସ୍ଥଳରୁ ଖସି ପଳାଇଥିବା ବେଳେ ଜଣେ ଜୁଆଡିଙ୍କୁ କାବୁ କରିଥିଲା ପୋଲିସ । ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଦକ୍ଷିଣପୁର, ରୋଡ ସାହିର ବାଳକୃଷ୍ଣ ସାହୁ (୪୨)। ମାମଲା ନଂ. ୫୩୨/୨୬ ରେ ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ପୋଲିସ ଜୁଆ ଆଡ୍ଡାରୁଖେଳ ପ୍ରସ୍ତୁତି ସାମଗ୍ରୀ, ଚମ୍ପଟ ମାରିଥିବା ଜୁଆଡ଼ି ମାନଙ୍କ ଦଶ ଯୋଡ଼ା ଚପଲ, ଚାରୋଟି ଦୁଇ ଚକିଆ ଗାଡ଼ି ଯଥାକ୍ରମେ, ହୋଣ୍ଡା ଆକ୍ଟିଭା ସ୍କୁଟର (ରେଜିଷ୍ଟ୍ରେ ସନ ନଂ ଓଡ଼ି ୦୭ ବିଇ ୧୦୬୯ ) ହିରୋ ପ୍ଲେଜ ର ସ୍କୁଟର (ରେଜିଷ୍ଟ୍ରେସନ ନଂ. ଓଡ଼ି ୦୭ ଏମ -୩୩୦୫), ହିରୋ ହୋଣ୍ଡା ସିଡି ଡାଉନ୍ (ରେଜିଷ୍ଟ୍ରେସନ ନଂ. ଓ ଆର ୧୨ ଏ ୬୮୦୦), ନମ୍ବର ବିହୀନ ଟିଭିଏସ ଗାଡ଼ି ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ ଜେରା ବେଳେ ଟିକରାପଡ଼ାର ମୁନା ଜେନା ଓରଫ୍ ଶଙ୍କର୍ଷଣ ଜେନା, ବାଲିପଡ଼ାର ରାଜା ସ୍ୱାଇଁ, ମୁନା ବିଶୋୟୀ, ଶଙ୍କର ରାଉତ, ଦକ୍ଷିଣପୁରର କାହ୍ନୁ ଗୌଡ଼ ଓରଫ୍ ପିଲା ଗୌଡ଼ ଏବଂ ଆଉ ୬ ରୁ ୭ ଜଣ ଅଚିହ୍ନା ସହଯୋଗୀ ଜୁଆ ଆଡ୍ଡାରୁ ଚମ୍ପଟ ମାରିଥିବା ଜଣାପଡିଛି।

## ବସ୍‌ଷ୍ଟାଣ୍ଡରେ ମହିଳାଙ୍କଠାରୁ ଟଙ୍କା ଲୁଟ୍ : ୩ ଗିରଫ

ବାରିପଦା, (ସବ୍ୟୁ) : ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡରେ ଜଣେ ବୟସ୍କ ମହିଳାଙ୍କ ଠାରୁ ଜବରଦସ୍ତି ଟଙ୍କା ଲୁଟ୍ ଘଟଣାରେ ରାଇରଙ୍ଗପୁର ଟାଉନ ପୁଲିସ ୩ ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୩ହଜାର ଟଙ୍କା ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ଯଶିପୁର ଥାନା ଅଞ୍ଚଳର ପାର୍ବତୀ ସାହୁ (୫୦) ସୋମବାର ସକାଳେ କୌଣସି କାମରେ ରାଇରଙ୍ଗପୁର ଆସିଥିଲେ। ବସ୍‌ଷ୍ଟାଣ୍ଡରେ ଏକୁଟିଆ ଚାପିଉଥିବା ସମୟରେ ୩ଜଣ ଯୁବକ ତାଙ୍କଠାରୁ ଜବରଦସ୍ତି ଟଙ୍କା ଛଡ଼ାଇ ନେଇଥିଲେ। ପରେ ମହିଳା ଜଣକ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଟାଉନ ଥାନାରେ ୨୬୨/୨୬ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ମନ୍ଦିରସାହିର ରୋହିତ ମୁଖୀ (୨୬), ପେଣ୍ଡ୍ରା ଓରଫ ରାଜେଶ ଓରଫ ରାହୁଲ ବେହେରା (୨୦) ଏବଂ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲ୍ଲା ଡୁମାରିଆ ଥାନା ଅଞ୍ଚଳର ରବି ବେହେରା (୨୦)ଙ୍କୁ ପୁଲିସ ଗିରଫ କରିଛି। ଘଟଣା ସମ୍ପର୍କରେ ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏଥିରେ ଥାନାଧିକାରୀ ରଞ୍ଜନ ସେଠୀ, ଏଏସ୍‌ଆଇ ଗଙ୍ଗାଧର ବେହେରାଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅସାମାଜିକ କାର୍ଯ୍ୟକଳାପ, ଲୁଟ୍ ଓ ଛିନତାଇରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ ବୋଲି ଏସ୍‌ଡିପିଓ ସ୍ପଷ୍ଟ କରିଥିଲେ।

## ଚାକିରୀ ଦେବା ଆଳରେ ୧୬ ଲକ୍ଷ ଠକେଇ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଚାକିରୀ ଦେବା ଆଳରେ ୧୬ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଗୋଶାଣିନୂଆଗାଁ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳର ଶ୍ୟାମସୁନ୍ଦର ପାତ୍ର (୬୧)। ଅଭିଯୁକ୍ତ ଜଣଙ୍କ ପେଶାଦାର ଅପରାଧୀ ଓ ଟଙ୍କା ନାମରେ ଏକାଧିକ ମାମଲା ରହିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନଂ.୧୬୧/୨୬ରେ ଉକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୋଗକାରୀଙ୍କର ବ୍ୟାଙ୍କ୍ ଷ୍ଟେଟମେଣ୍ଟ, ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଦେଇଥିବା ଜାଲି ମେରିଟ୍ ଲିଷ୍ଟର କପି ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ଗୋଶାଣି ନୂଆଗାଁ ଜଳେଶ୍ୱରବିହାର ଅଞ୍ଚଳର ପ୍ରିୟ ରଞ୍ଜନ ପାତ୍ର (୩୩) ଙ୍କ ଘରକୁ କିଛିମାସ ପୂର୍ବେ ଶ୍ୟାମ ସୁନ୍ଦର ପାତ୍ର ଓ ତାଙ୍କର ଦୁଇ ପୁଅ ସଞ୍ଜୀବ ପାତ୍ର ଏବଂ ଅଭିନାଶ ପାତ୍ର ଆସିଥିଲେ। ଶ୍ୟାମ ସୁନ୍ଦର ପାତ୍ର ତାଙ୍କ ପତ୍ନୀ ଓ ଝିଅ ଅସୁସ୍ଥ ଅଛନ୍ତି ବୋଲି ମିଥ୍ୟା କାରଣ ଦେଖାଇ ଏକ ଲକ୍ଷ ଟଙ୍କା ଧାର ନେଇଥିଲେ। ନିର୍ଦ୍ଧାରିତ ସମୟରେ ସେ ଟଙ୍କା ଫେରସ୍ତ କରିନଥିଲେ। ବାପା ଓ ପୁଅ ଅଭିଯୋଗକାରୀଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ତାଙ୍କ ସ୍ତ୍ରୀ 'ଏମ୍ ରୋଜା ପାତ୍ରଙ୍କୁ ଜୁନିୟର ଆସିଷ୍ଟାଣ୍ଟ ଭାବେ ଚାକିରି ଦେବାର ପ୍ରତିଶୃତି ଦେଇ ଅନଲାଇନ ମାଧ୍ୟମରେ ଅତିରିକ୍ତ ପନ୍ଦର ଲକ୍ଷ ଟଙ୍କା ଠକି ନେଇଥିଲେ। ଅଭିଯୋଗକାରୀ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ଅଭିଯୁକ୍ତ ମାନେ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ଏପରିକି ତାଙ୍କୁ ବ୍ରହ୍ମପୁରରୁ ଅପହରଣ କରି ହତ୍ୟା କରି ଗୁଡିପଡା ଗାଁରେ ପୋତି ଦେବେ ବୋଲି କହିଥିଲେ । ଜୀବନ ପ୍ରତି ଭୟ ଥିବାରୁ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ବିଜେଡି ସାଙ୍ଗଠନିକ ଜିଲ୍ଲା ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ବିଜୁ ଜନତା ଦଳ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସମନ୍ୱୟ କମିଟିର ସଂଯୋଜକ ତଥା କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସୁପାରିଶକ୍ରମେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ଦୋଲମୁଣ୍ଡାଇ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ସମନ୍ୱୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକାରୀ ସଭାପତି ଜୟଦେବ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି ନୂତନ କର୍ମକର୍ତ୍ତା ମାନଙ୍କୁ ଉଦବୋଧନ ଦେଇ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ସଭାପତି ଶ୍ରୀ ସିଂହ ନବନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରିବା ସହ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଦଳକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ମନୋନୀତ ହୋଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ଭାବେ ରାଜେଶ ରଣା, ବିଷ୍ଣୁଚରଣସାହୁ, ପତିତପାବନ ନାୟକ, ବିଭୂତି ଭୂଷଣ ବେହେରା, ନିର୍ମଳ କୁମାର ପ୍ରଧାନ, ସୁକାନ୍ତ କୁମାର ସାହୁ ,ସାଧାରଣ ସମ୍ପାଦକ ଭାବେ ପ୍ରସନ୍ନ ପଣ୍ଡା, ନବକିଶୋର ଭୋଇ, ସରତ ବେହେରା, ସତ୍ୟବ୍ରତ ପଟ୍ଟନାୟକ ଏବଂ ସମ୍ପାଦକ ଭାବେ ଜଗନ୍ନାଥ ମଲ୍ଲିକ, ଲଳିତେନ୍ଦୁ ଶତପଥି, ରଞ୍ଜନ କୁମାର ଜେନା, ଅସଲ୍ଲମ୍ ଖାନ୍, ଚିତ୍ତ ରଞ୍ଜନ ବେହେରା, ସୁଶାନ୍ତ ଘୋଷ, ଜୟଦେବ କୁମାର ସାହୁ, ଶରତ ଚନ୍ଦ୍ର ପରିଡ଼ା ଓ ସଂଜିତ ମହାନ୍ତି ରହିଛନ୍ତି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭୂତଳ ବିଦ୍ୟୁତ ସଂଯୋଗ ସହିତ ଭିତ୍ତିଭୂମି ସୁଦୃଢ଼ୀକରଣ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ଛତ୍ରପୁରରେ ୩.୪କିମି ଭୂତଳ ବିଦ୍ୟୁତ ସଂଯୋଗ ହୋଇଛି। ଏହି ପ୍ରକଳ୍ପ ଜିଲ୍ଲା ମୁଖ୍ୟାଳୟ ପାଇଁ ଭରସାଯୋଗ୍ୟ ଏବଂ ଗୁଣାତ୍ମକ ବିଜୁଳି ସଂଯୋଗ ସୁନିଶ୍ଚିତ କରେ ନୂତନ ୧୧ କେଭି ଭୂତଳ ବିଦ୍ୟୁତ ନେଟୱର୍କ ପ୍ରମୁଖ ସରକାରୀ ଏବଂ ପ୍ରାଶାସନିକ କାର୍ଯ୍ୟାଳୟ ପାଇଁ ଭରସାଯୋଗ୍ୟ, ନିରବଚ୍ଛିନ୍ନ ଏବଂ ଝଡ଼ ତୋଫାନ ସମୟରେ ବିଦ୍ୟୁତ ସେବା ସୁନିଶ୍ଚିତ କରେ। ଏଥିରେ ସଂଯୁକ୍ତ ହୋଇଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ପି ଅଫିସ ଏବଂ ଛତ୍ରପୁରର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଅନ୍ତର୍ଭୁକ୍ତ । ସାଧାରଣ ପ୍ରଶାସନ କାର୍ଯ୍ୟାଳୟରେ ସେବା ପ୍ରଦାନ କରିବା ବ୍ୟତୀତ, ନୂତନ ଭୂତଳ ନେଟୱର୍କ ଛତ୍ରପୁରର ପ୍ରାୟ ୧,୦୦୦ ବାସିନ୍ଦାଙ୍କୁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଇଥାଏ । ଭୂତଳ କେବଲିଂ ମାଧ୍ୟମରେ ଏହି ଦୁଇଟି ଫିଡରକୁ ସଂଯୋଗ କରି, ଟିପିଏସ୍‌ଓଡିଏଲ୍ ବର୍ତ୍ତମାନ ବିଦ୍ୟୁତକୁ ଅଧିକ ଦକ୍ଷତାର ସହିତ ପୁନଃମାର୍ଗ କରିପାରିବ। ଏଥିସହିତ ଜରୁରୀକାଳୀନ ପରିସ୍ଥିତିରେ ବ୍ୟାକଅପ୍ ବ୍ୟବସ୍ଥା କରାଯାଇପାରିବ । ରକ୍ଷଣାବେକ୍ଷଣ କିମ୍ବା ଜରୁରୀକାଳୀନ ବ୍ରେକଡାଉନ୍ ସମୟରେ ଏହା ବିଦ୍ୟୁତ ପରିଚାଳନାକୁ ଅଧିକ ସହଜ କରିଥାଏ। ଏହାଦ୍ୱାରା ସମଗ୍ର ସହରକୁ ବିନା ବାଧାରେ ନିରନ୍ତର ବିଜୁଳି ସୁନିଶ୍ଚିତ ହୋଇପାରିବ ଏଥିସହିତ ସୁଗମ ଜନସେବା ଓ ଜରୁରୀକାଳୀନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ପି ଅଫିସ ଏବଂ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଭଳି ପ୍ରମୁଖ ଅନୁଷ୍ଠାନ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଜରୁରୀ । ଏହି ୩.୪ କିଲୋମିଟର ଭୂତଳ କେବଲିଂ ପ୍ରକଳ୍ପ କେବଳ ଆମର ବିଦ୍ୟୁତ ନେଟୱାର୍କକୁ ପ୍ରତିକୂଳ ପାଣିପାଗ ସମୟରେ ସୁରକ୍ଷିତ କରେ ନାହିଁ ବରଂ ବ୍ୟସ୍ତବହୁଳ ବାଣିଜ୍ୟିକ ରାସ୍ତାରେ ୧,୦୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଏବଂ ଦୋକାନୀଙ୍କ ପାଇଁ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି କରେ ଟିପିଏସ୍‌ଓଡିଏଲ୍ ଏହାର ସମସ୍ତ ଗ୍ରାହକଙ୍କୁ ନିରବଚ୍ଛିନ୍ନ, ସୁରକ୍ଷିତ ଏବଂ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ତଥା ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପ୍ରତିବଦ୍ଧ ରହିଛି।

## ଆଇଟିଆଇ ସମ୍ମୁଖରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଭଙ୍ଗାରୁଜା, ମରାମତି ଦାବି

ବ୍ରହ୍ମପୁର, (ସବ୍ୟୁ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଭଙ୍ଗାରୁଜା ଘଟଣାକୁ ନେଇ ପୂଜ୍ୟପୂଜା ସମିତି ତୀବ୍ର ନିନ୍ଦା କରିଛି। ବ୍ରହ୍ମପୁର ସରକାରୀ ଆଇଟିଆଇ କେନ୍ଦ୍ର ସମ୍ମୁଖରେ ସ୍ଥାପିତ ବିଜୁ ବାବୁଙ୍କ ଅନନ୍ୟ ଧାତୁ ଶିଳ୍ପ ପ୍ରତିମୂର୍ତ୍ତିରେ ଲାଗିଥିବା ଚଷମାଟି କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏପରି ଅଶୋଭନୀୟ କାର୍ଯ୍ୟ କେବଳ ଜଣେ ମହାନ୍ ନେତାଙ୍କ ଅବମାନନା ନୁହେଁ, ବରଂ ସମଗ୍ର ଓଡ଼ିଆ ଜାତିର ଅସ୍ମିତା ଉପରେ ଆଘାତ । ଏହି ଘଟଣା ସମ୍ପର୍କରେ ଆଜି ପୂର୍ବାହ୍ନରେ ସମିତିର ଏକ ପ୍ରତିନିଧି ଦଳରେ ଅଧ୍ୟାପକ ମନୋରଞ୍ଜନ ସାହୁ, ସମାଜସେବୀ ଗୁଣନିଧି ବେହେରା ଓ ଆଇନଜୀବି ଅବନୀ ଗୟା ପ୍ରମୁଖ ଆଇଟିଆଇ ଅଧ୍ୟକ୍ଷ ଇଂ.ରଞ୍ଜନ କୁମାର ପରିଡ଼ାଙ୍କୁ ଭେଟି ପ୍ରତିମୂର୍ତ୍ତିଟିକୁ ଯଥାଶୀଘ୍ର ମରାମତି କରି ପୂର୍ବାବସ୍ଥାକୁ ଫେରାଇ ଆଣିବା ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ଦଶମ ଶ୍ରେଣୀ ଛାତ୍ରୀ ଅପହରଣ ସହ ବଳାତ୍କାର : ଯୁବକ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବଡ଼ ବଜାର ଥାନା ଅଞ୍ଚଳରେ ଜଣେ ୧୦ ମ ଶ୍ରେଣୀ ଛାତ୍ରୀ ଅପହରଣ ସହ ବଳାତ୍କାର ହୋଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ଉକ୍ତ ଥାନା ଅଞ୍ଚଳ କେଉଟ ସାହିର କେଦାର ବେହେରା (୨୬)। ପୋଲିସ ତାଙ୍କ ନିକଟରୁ ଏକ ମୋବାଇଲ ଜବତ କରିଛି। ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମଇନା କରାଯାଇଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ମାମଲା ନଂ ୩୪୨/୨୬ରେ ଉକ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଗତ ମଇ ମାସରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଟ୍ୟୁସନ ଯାଇଥିଲେ। ସେ ଆଉ ଘରକୁ ଫେରିନଥିଲେ। ଝିଅକୁ ନପାଇ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହୋଇ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ବେଳେ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ କେଦାର ବେହେରା ଉକ୍ତ ଛାତ୍ରୀଙ୍କୁ ପ୍ରଲୋଭିତ କରି ଦାରିଙ୍ଗବାଡି ପଳାଇଥିଲେ। ପରେ ଛାତ୍ରୀଙ୍କୁ ଆଣି ବଡବଜାର ଥାନା ଅଞ୍ଚଳରେ ଏକ ଭଡା ଘରେ ତାଙ୍କୁ ରଖିଥିଲେ। ଛାତ୍ରୀଙ୍କ ବୟସ ଜାଣି ମଧ୍ୟ ଅଭିଯୁକ୍ତ ପୀଡିତାଙ୍କ ସହିତ କେଦାର ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ପୋଲିସ ଖବର ପାଇ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ କେଦାର ବେହେରାଙ୍କୁ କାବୁ କରିଥିଲା ବୋଲି କହିଛି।

## ଧରାକୋଟରେ ଲକ୍ଷପତି ଦିଦି କର୍ମଶାଳା

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ବିପିସି ସୁଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲକ୍ଷପତି ଦିଦି କର୍ମଶାଳା ବ୍ଲକ ପରିସରରେ ଆୟୋଜିତ ହୋଇଯାଇଛି । ତିନି ଦିନ ଧରି ହେବାକୁଥିବା ଏହି କର୍ମଶାଳା ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସିଡିପିଓ ସୁନୀଲ ପ୍ରଭା ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ବିପିଏମ ପ୍ରତାପ ସ୍ୱାଇଁ ଓ ଜିଲ୍ଲା ପରିଷଦ ସଭ୍ୟା ଟୁକୁନା ଗୌଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବ୍ଲକର ୧୭୩୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ଆତ୍ମ ନିର୍ଭରଶିଳ ହୋଇ କିପରି ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିବେ, ସେଉପରେ ଅତିଥି ମାନେ ସଚେତନ କରାଇଥିଲେ। ସଂପ୍ରତି ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୭୭୦୦ ସଦସ୍ୟା ରହିଥିବା ବେଳେ ସିଭିତରୁ ୪୦୦୦ ଲକ୍ଷପତି ଦିଦି ରହିଛନ୍ତି । ଆଜିର କାର୍ମଶାଳା ରେ ମଡେଲ ଚାଷ, ଉନ୍ନତ ପ୍ରଣାଳୀରେ ଛେଳି ପାଳନ, ଦେଶୀ କୁକୁଡ଼ା ଚିଆଁ ପାଳନ, ଦେସି କୁକୁଡ଼ା ପାଳନ, ଛତୁ ଚାଷ, ମାଛ ଚାଷ, ଉଦ୍ୟାନ କୃଷି ଭିତ୍ତିକ ଚାଷ, ପନିପରିବା ଚାଷ, ପୋଖରୀ ଆଧାରିତ ସମନ୍ୱିତ କୃଷି, ପନିପରିବା ଚାଷ କରି ଅଧିକ ଲାଭବାନ ହେବାସହ ଆତ୍ମ ନିର୍ଭରଶିଳ ହୋଇ ଲକ୍ଷପତି ଦିଦିଙ୍କ ତାଲିକା ବୃଦ୍ଧି ପାଇଁ ସମସ୍ତେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ସହ ନିଶାମୁକ୍ତ ଭାରତ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଲାଲବଜାର ରାଜା ଗଣେଶ ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା, (ସବ୍ୟୁ) : ବାରିପଦା ସହରର ପ୍ରତିଷ୍ଠିତ ତଥା ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜା ପ୍ରସ୍ତୁତି ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଲାଲବଜାରସ୍ଥିତ ମାତାରିଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ କମିଟିର ସଦସ୍ୟମାନେ ଯୋଗଦେଇ ଚଳିତ ବର୍ଷର ପୂଜାକୁ ଆକର୍ଷଣୀୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ବର୍ଷ ଲାଲବଜାର ରାଜା ଗଣେଶ ପୂଜା ୧୮ତମ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ମହାଆଡମ୍ବରରେ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସେପ୍ଟେମ୍ବର ୧୪ତାରିଖରେ ଗଣେଶ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ପ୍ରାୟ ଏକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିବା ଉଦ୍ଦେଶ୍ୟରେ ଏହି ବୈଠକ ଡକାଯାଇଥିଲା। ବୈଠକରେ ଚଳିତ ବର୍ଷ ପାଇଁ ପୂଜା କମିଟିର ନୂତନ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀ ମଧ୍ୟ ଚୟନ କରାଯାଇଛି। ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଭାବେ ବୀରେନ୍ଦ୍ର ନାଥ ସାହୁ, ଉପସଭାପତି ଭାବେ କାହ୍ନୁଚରଣ ବେହେରା, ସମ୍ପାଦକ ଭାବେ ପାର୍ଥ ସାରଥୀ ସ୍ୱାଇଁ, ସହସମ୍ପାଦକ ଭାବେ ଦୀପକ ପଟ୍ଟନାୟକ ଓ ମୋହନ ଗୁପ୍ତା ଏବଂ କୋଷାଧ୍ୟକ୍ଷ ଭାବେ ଅନନ୍ତ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଭୁ ପ୍ରସାଦ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, ତିମିରି କାନ୍ତି ଦାସ, ସରୋଜ ସାହୁ, ବିଭୂତି ଭୂଷଣ ଦାସ, କୌଶିକ ମୁଖାର୍ଜୀ, ରବୀନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ଘୋଷ, ମୋହନ ବୁଣରୱାଲ, ମହେନ୍ଦ୍ର ରାଓ୍ୱତ, ବୃନ୍ଦାବନ ରାଉତ, ବିନୋଦ ଦାସ, ମନୋଜ ଷେଣ୍ଡ, କିଶୋର ସାହୁ, ଅରବିନ୍ଦ ନନ୍ଦ, ଦିଲ୍ଲୀପ କୁମାର ସାହୁ ଓ ତପନ ବାରିକ ପ୍ରମୁଖଙ୍କୁ ସ୍ଥାନ ଦିଆଯାଇଛି। ବୈଠକରେ ପୂଜା ମଣ୍ଡପର ତୋରଣ, ସାଜସଜ୍ଜା, ଆଲୋକୀକରଣ, ପୂଜାବିଧି, ପ୍ରସାଦ ବଣ୍ଟନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ବାରିପଦା ସହରରେ ଆୟୋଜିତ ବିଭିନ୍ନ ଗଣେଶ ପୂଜା ମଣ୍ଡପ ମଧ୍ୟରେ ଲାଲବଜାର ରାଜା ଗଣେଶ ପୂଜାର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

## ପାଟରା ସମାଜ ମୟୂରଭଞ୍ଜର ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ



ବାରିପଦା, (ସବ୍ୟୁ) : ପାଟରା ସମାଜ, ମୟୂରଭଞ୍ଜର କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ ୩ ନମ୍ବର ୱାର୍ଡସ୍ଥିତ ମାଇନିଂ କଲୋନୀର ୟୁନିଭର୍ସାଲ ଏଜୁକେସନ ପଏଣ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ସାଂଗଠନିକ କାର୍ଯ୍ୟକ୍ରମ, ଉପବିଧି ପ୍ରସ୍ତୁତି ଓ ପଞ୍ଜିକରଣ ସମ୍ପର୍କରେ ଆଲୋଚନା କରାଯାଇଛି। ପାଟର ସମାଜର ଜିଲ୍ଲା ସଭାପତି ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପ୍ରାରମ୍ଭରେ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ମୟୂରଭଞ୍ଜର ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବନ୍ଦେ ମାତରମ୍‌ର ଐତିହାସିକ ଭୂମିକା ଉପରେ ଆଲୋଚନା ହେବା ସହ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଉପସ୍ଥିତ ସଦସ୍ୟମାନେ ସମୂହଭାବେ ବନ୍ଦେ ମାତରମ୍ ଗାନ କରିଥିଲେ। ପରେ ସମାଜର ଉପବିଧି (ବାଇଲୋ)କୁ ଚୂଡ଼ାନ୍ତ ରୂପ ଦେବା, ପାଟରା ସମାଜ, ମୟୂରଭଞ୍ଜର ପଞ୍ଜିକରଣ ଏବଂ ଆଗତ ପ୍ରସ୍ତାବଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ପରେ ସଂଶୋଧିତ ଉପବିଧି ଓ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାର ବିସ୍ତୃତ ବିବରଣୀ ଖୁବ୍‌ଶୀଘ୍ର ପ୍ରକାଶ କରାଯିବ ବୋଲି ସାଧାରଣ ସମ୍ପାଦକ ସ୍ୱରୂପ କୁମାର ବଶା ସୂଚନା ଦେଇଥିଲେ। ବୈଠକରେ ସମରେନ୍ଦ୍ର କୁମାର ବଶା, ମାନସ ରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ନାୟକ, ଜୟନ୍ତ କୁମାର ସେନାପତି, ସନ୍ତୋଷ କୁମାର ପାତ୍ର, କିଶୋର କୁମାର ବଶା, ରବି ନାରାୟଣ ପୃଷ୍ଟି, ସୁବ୍ରତ ବଶା, ଜ୍ୟୋତି ପ୍ରକାଶ ବଶା ଓ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସମେତ ସମାଜର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନେ ଭାରତମାତାର ଗୌରବମୟ ଇତିହାସ, ଦେଶପ୍ରେମ ଓ ସାମାଜିକ ଏକତା ଉପରେ ନିଜ ନିଜ ଅଭିଭାଷଣ ରଖିଥିଲେ। ସର୍ବଶେଷରେ ଭାରତବର୍ଷର ମଙ୍ଗଳ କାମନା କରି ସଭା ସମାପ୍ତ ହୋଇଥିଲା।

## ପାର୍ବଣକୁ ସରଗରମ କରିବ କଳାକାର ଦ' ଲାଇଭ ବ୍ୟାଣ୍ଡ ଅର୍କେଷ୍ଟ୍ରା




କଟକ, (ସ୍ୱପ୍ର) : ଆସୁଛି ପାର୍ବଣର ଋତୁ । କଟକ ସହରରେ ପାର୍ବଣର ମାହୋଲକୁ ସରଗରମ କରିବା ପାଇଁ ସଜବାଜ ହେଲେଣି ବିଭିନ୍ନ ମେଲୋଡି ଗୃପ୍ର । ସୁନ୍ଦର ସାଜସଜା ସହ ନୂଆ, ପୁରୁଣା ଗୀତ ନାଚର ତାଳେ ତାଳେ ଝୁମିବେ କଟକିଆ। ପାର୍ବଣରେ ଦର୍ଶକମାନଙ୍କ ମନ ଛୁଇଁବା ଭଳି ସଙ୍ଗୀତ ପରିବେଷଣ ପାଇଁ କଳାକାର ଦ' ଲାଇଭ ବ୍ୟାଣ୍ଡ ଅର୍କେଷ୍ଟ୍ରା ପକ୍ଷରୁ ବୁଧବାର କଟକ ଚଣ୍ଡୀ ମନ୍ଦିର ପରିସରରେ ପୂଜାର୍ଚ୍ଚନା ହେବା ପରେ ଏହାର ଲୋଗୋ ଉନ୍ମୋଚିତ ହୋଇଥିଲା। ଚଳିତବର୍ଷ ହୁମାନ ଅନୁପସ୍ଥିର ଅନୁଭବ ହେବ । ତେବେ କଳାକାର ମାନେ ଏହାରି ମଧ୍ୟରେ ଦର୍ଶକଙ୍କ ମନ ଛୁଇଁବାକୁ ପ୍ରୟାସ କରିବେ ବୋଲି ଅର୍କେଷ୍ଟ୍ରାର ପ୍ରୋପାଇଟର ସ୍ମିତା ପଣ୍ଡା କହିଛନ୍ତି । ସେ କହିଛନ୍ତି ଯେ, ଆମ ଟିକ୍ ଏଥର ଭଲ ପ୍ରଦର୍ଶନ ନିଶ୍ଚିତ କରିବ । ସେନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ଲୋକଙ୍କ ଭଲ ପାଇବା ଆଉ ମା' କଟକ ଚଣ୍ଡିଙ୍କ କୃପା ମିଳିଲେ ଆମେ ଆଗକୁ ଯିବୁ। ସେଥିପାଇଁ ଚାଲିଛି ନୂଆ ଟିମ ସହ ଜୋରଦାର ପ୍ରସ୍ତୁତି । ଏହି ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ କଳାକାର ଅର୍କେଷ୍ଟ୍ରାର କଣ୍ଠଶିଳ୍ପୀ ସମ୍ମିତ ଦାସ, ବିକାଶ, ଈଶ୍ୱରୀ ବେହେରା, ଉପସ୍ଥାପିକା ପ୍ରୀୟା ଏବଂ ଟେକ୍ନିକାଲ ଟିମ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପରିଷଦ ସଭ୍ୟ ସୁବୋଧ ଲେଙ୍କାଙ୍କ ପରଲୋକ

ମହାକାଳପଡ଼ା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୦ ନମ୍ବର ଜୋ[ର ଜିଲ୍ଲାପରିଷଦ ସଭ୍ୟ ସୁବୋଧ ଲେଙ୍କାଙ୍କ ପରଲୋକ ଘଟିଛି । ସ ଦୀର୍ଘଦିନ ଧରି ବିଭିନ୍ନ ରୋଗରେ ପୀଡ଼ିତ ଥିଲେ । ପୂର୍ବରୁ ସେ କରଞ୍ଜି ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ସହ ୨୦ନଂ ଜୋନରେ ଦୁଇ ଦୁଇଥର ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ



। ବୁଧବାର ତାଙ୍କ ମୃତଦେହ ପାରାଦ୍ୱୀପ ରୁ ନିଜ ଜନ୍ମ ମାଟି କରଞ୍ଜି କୁ ଆସିବା ପରେ ଗୋବର୍ଦ୍ଧନପୁର, ଗୋଖାପଡ଼ା, ବେନୁପାଳ, ଦହିମାଛ ଆଦି ଗାଁ ପରିକ୍ରମା କରାଯାଇ ତାଙ୍କ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଛି ।ତାଙ୍କ ଅନ୍ତିମ ଦର୍ଶନ ପାଇଁ ବିଭିନ୍ନ ଦଳର ନେତା ଓ ଜନପ୍ରତିନିଧିମାନେ ପହଞ୍ଚି ପୁଷ୍ପଗୁଚ୍ଛ ଅର୍ପଣ କରିବା ସହ ଅମର ଆତ୍ମାର ସଦVତି କାମନା କରିଥିଲେ । ମହାକାଳପଡ଼ା ର ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ, ପୂର୍ବତନ ବିଧାୟକ ଙ୍କ ବଡ଼ଭାଇ ଶାନ୍ତନୁ ନାୟକ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା ଙ୍କ ନମିନି ତଥାବିଜେପି ରାଜ୍ୟ ପରିଷଦ ସଭ୍ୟ କୁମରକାନ୍ତ ମହାନ୍ତି ଏବଂ ଗୋଗୁଆ ପଂଚାୟତର ସମିତିସଭ୍ୟ ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମହାକାଳପଡ଼ା ଅଞ୍ଚଳର ବିଭିନ୍ନ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବ୍ରାହ୍ମଣୀ ନଦୀର ଦ୍ୱିତୀୟ ବନ୍ୟା ପାଣି ଘେରରେ ୪ ପଞ୍ଚାୟତ

ରାଜନଗର ,(ସବ୍ୟୁ): ବ୍ରାହ୍ମଣୀ ନଦୀର ଦ୍ୱିତୀୟ ବନ୍ୟା ପରିସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି । ବନ୍ୟା ଜଳ ବୃଦ୍ଧି ପାଇବା ଯୋଗୁଁ ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି । ରାଜନଗର ବ୍ଲକର ବନ୍ଧପଡା , ଓସ୍ତିଆ, ବେଲପାଳ , ରାଜପୁର ପ୍ରଭୃତି ୪ଗୋଟି ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି ।ଫଳରେ ୪ ପଞ୍ଚାୟତର ୨୩ ଅଙ୍ଗନଓ୍ୱାଡ଼ି କେନ୍ଦ୍ରକୁ ବନ୍ଦ କରାଯାଇଛି । ଗତ ୪ ଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । ୪ଗୋଟି ପଞ୍ଚାୟତର ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୫/୬ ଫୁଟର ବନ୍ୟା ପାଣି ଲହଡି ଭାଙ୍ଗୁଛି ତଳିଆ ଅଞ୍ଚଳର ଚାଷଜମି ଉପରେ ବନ୍ୟାପାଣି ଜମିରହିଛି । ବନ୍ୟା ଅଞ୍ଚଳ ରେ କୁମ୍ଭୀର ଓ ସାପଙ୍କ ଯୋଗୁଁ ଲୋକମାନେ ବନ୍ୟାପାଣିରେ ଯାତାୟତ କରିବାକୁ ଭୟ କରୁଛନ୍ତି । ଓସ୍ତିଆ ପଞ୍ଚାୟତର ନଗଡ ଗାଁ ବନ୍ୟାପାଣି ଘେରରେ ରହିଛି । ରାସ୍ତା ଉପରେ ୫ ଫୁଟରୁ ଅଧିକ ବନ୍ୟା ପାଣି ଲହଡି ଭାଙ୍ଗୁଛି । ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି ଗାଈ ଗୋରୁ, ଛେଳି-ମେ,,। ପ୍ରଭୃତି ଖାଦ୍ୟ ଅଭାବରୁ ଭୋକରେ ଥିବା ଜଣାପଡିଛି । ଓସ୍ତିଆ ପଞ୍ଚାୟତର ଉପର ଓସ୍ତିଆ , ତଳ ଓସ୍ତିଆ ବନ୍ଧପାଟଣା ,ନଗଡ, ନଳଦିଆ, କଟକଣା, ଭଗବାନପୁର , ରାଜପୁର ପଞ୍ଚାୟତର ରାଜପୁର , ଚନ୍ଦନପୁର ,ବାଲିଚନ୍ଦ୍ରପୁର, ବେଲପାଳ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଗାଁ ଦାଣ୍ଡରେ ବନ୍ୟା ପାଣି ତାଣ୍ଡବ ରଚୁଛି । ବନ୍ଧପଡ଼ା ପଞ୍ଚାୟତ ର ଚକିବାଙ୍କ-ଦାଣ୍ଡି, ଦାଣ୍ଡି- ବଳଭଦ୍ରପୁର, ଗୋବିନ୍ଦପୁର -ଚକିବାଙ୍କ ପ୍ରଭୃତି ରାସ୍ତାରେ ୫ ଫୁଟ -ରୁ ଅଧିକ ଉଚ୍ଚତାର ବନ୍ୟା ପାଣି ଚାଲୁଅଛି । ବଳଭଦ୍ରପୁର ରାଜପୁର ରାସ୍ତାରେ ୬ ଫୁଟ ଉଚ୍ଚତାର ପାଣି ଚାଲୁଅଛି । ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ଲହଡି ଭାଙ୍ଗୁଛି । ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି ତଳ ଓସ୍ତିଆ ରାଧାକୃଷ୍ଣ ମନ୍ଦିର ବନ୍ୟା ପାଣି ଘେରରେ ରହିଛି ।ରାସ୍ତା ଉପରେ ୫ ଫୁଟରୁ ଅଧିକ ବନ୍ୟା ପାଣି ଜମିରହିଛି । ବେଲପାଳ ଗାଁକୁ ଯିବା ରାସ୍ତା ଉପରେ ୫ଫୁଟ ର ବନ୍ୟାପାଣି ଜମିରହିବା ଫଳରେ ଯାତାୟତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି । କୁଆରି ପଟରେ ଥିବା ବାଲିକଣା ଗାଁ ର ସହଦେବ ଜେନା ଓ ବୈକୁ= ବିହାରୀ ଜେନା ଙ୍କଘର ବନ୍ୟା ପାଣି ଘେରରେ ରହିଛି । ବନ୍ୟା ପାଣି ଘେରରେ ୪ଗୋଟି ପଞ୍ଚାୟତର ୧୫ଟି ସ୍କୁଲ ଥିବା ଜଣାପଡିଛି ।ଏହି ସ୍କୁଲ ଗୁଡିକ ରେ ୧୩୦୨ ଜଣ ଛାତ୍ର ଓ ଛାତ୍ରୀ ବନ୍ୟା ଯୋଗୁଁ ଶିକ୍ଷା ଦାନରୁ ବଞ୍ଚିତ ଥିବା ସୂଚନା ମିଳିଛି ।ବନ୍ୟା ପାଣିରେ ନଳକୂପ ଗୁଡିକ ବୁଡ଼ି ଯିବାରୁ ପିଇବା ପାଣି ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ପିଇବାକୁ ପାଣି ନାହିଁ ଖାଇବାକୁ ଆବଶ୍ୟକ ଦାନା ନାହିଁ । ଗାଈଗୋରୁ ଭୋକରେ ଆଉଟୁ ପାଉଟୁ ହେଉଛନ୍ତି ।କୁମ୍ଭୀର ଓ ସାପ ଙ୍କ ଆତଙ୍କ ରେ ଭୟଭୀତ ବନ୍ୟାଞ୍ଚଳର ପୀଡିତ ପରିବାର ।ବ୍ଲକ ପ୍ରଶାସନ ପକ୍ଷରୁ ଚୁଡା ଓ ଗୁଡ ପ୍ରଭୃତି କିଛି ପରିମାଣରେ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି ।

# ଓଳାଭର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ରାଜକନିକା ,(ସବ୍ୟୁ):ଓଳାଭର ମହାବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ନୂତନ କ୍ୟାମ୍ପସରୁ ପୁରାତନ କ୍ୟାମ୍ପସ ପର୍ଯ୍ୟନ୍ତ ଯୁବ ରେଡ କ୍ରସ, ଜାତୀୟ ସେବା ଯୋଜନା ଏବଂ ରୋଭର-ରେଞ୍ଜରୟୁନିଟ ପକ୍ଷରୁ ୧୦୦ ଫୁଟ ଲମ୍ବା ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।ଆୟୋଜିତ ସଭାରେ ଅଧକ୍ଷ ଡଃ ସାମନ୍ତରାୟ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ମୁରଲୀଧର କର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧକ୍ଷ ଡଃ ନୃସିଂହ ଚରଣ ସାମନ୍ତରାୟ ତାଙ୍କ ଅଭିଭାଷଣରେ ମହାବିଦ୍ୟାଳୟର ପ୍ରତିଷ୍ଠା ଓ ବିକାଶରେ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସ୍ମରଣ କରିଥିଲେ । ଏଥିସହ ଯୁବ ରେଡ କ୍ରସ, ଏନଏସଏସ ଓ ରୋଭର-ରେଞ୍ଜରୟୁନିଟ୍ର ସ୍ୱଚ୍ଛାସେବୀମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ପଟାମୁଣ୍ଡାଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ନୀଳମଣି ଲେଙ୍କା ଓ ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ଅଧକ୍ଷ ଡଃ ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଶ୍ରୀମତୀ ନିରୁପମା ବଳ ଓ ପୂର୍ବତନ ବରିଷ୍ଠ କିରାଣୀ ଅମରେନ୍ଦ୍ର ମହଲାଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡଃ ଅକ୍ଷୟ କୁମାର ମିଶ୍ରଙ୍କ ରଚିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ମହାବିଦ୍ୟାଳୟ ଟପରମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

# ବନ୍ୟାଞ୍ଚଳ ଗ୍ରସ୍ତରେ ପ୍ରଦୀପ, ପ୍ରୀତି, ଶର୍ମିଷ୍ଠା ଓ ପ୍ରମିଳା

ମଙ୍ଗଳପୁର,(ସବ୍ୟୁ) : ବୈତରଣୀ ଓ କାଣି ନଦୀରେ ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକର କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଦଉପୁର, ଥାଲକୁଡ଼ି ଆଦି ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟ କ୍ଷତି ଘଟାଇଥିବା ବେଳେ ବିରିପଟା, ଜାଫରପୁର, ପାଲଟପୁର, ମଲ୍ଲୀକାପୁର, ତରପଦା, କସ୍ବା, ଜୟନ୍ତରା, ମଙ୍ଗଳପୁର ଆଦି ପଞ୍ଚାୟତ ସମେତ ବ୍ଲକର ପ୍ରାୟ ୨୫ ରୁ ଉର୍ଦ୍ଧ ପଞ୍ଚାୟତ ସମ୍ପୂର୍ଣ୍ଣ ଜଳ ମଗ୍ନ ହୋଇଛି । ଏପରିକି ଏହି ବନ୍ୟାରେ ଅନେକ ଲୋକେ ବାସହରା ହୋଇଯାଇ ଥିବା ବେଳେ ଖାଇବା ଦୂରର କଥା ପିଇବା ପାଇଁ ପାଣି ମୁନ୍ଦେ ମଧ୍ୟ ପାଉନଥିବା ନେଇ ବିପନ୍ନମାନେ ଅଭିଯୋଗ କରିଛନ୍ତି । ଏପରିକି ଯାଜପୁର କୟାଁଗୋଲା ଜାତୀୟ ରାଜପଥର ଦୁବକଣ ଗ୍ରାମ ନିକଟରେ ୩ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ରହିଛି ।ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ,ଯାଜପୁରର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠି, ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ,



ଯାଜପୁରର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଇଂ ସୁଶାନ୍ତ କୁମାର ମିଶ୍ର, ବିଂଝାରପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲ, ଜିଲ୍ଲା ପରିଷଦ ସଭ୍ୟା ନିନା ରାଣୀ ସାମଲ, ମାମିନା ମଲ୍ଲିକ, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ଯୁବ ନେତା ବିରଜା ମଲ୍ଲିକ, ଟୁନା ବିଶ୍ୱାଳ ପ୍ରମୁଖ କୟାଁ, କମାରଡ଼ିହି, ଖାନନଗର, ଥାଲକୁଡ଼ି, ନିଜାମପୁର ଆଦି ପଞ୍ଚାୟତ ଗ୍ରସ୍ତ କରି ଗ୍ରାଉଣ୍ଡ ଜିରୋରେ କିପରି ବନ୍ୟା ବିପନ୍ନ ମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ତାହାର ସ୍ଥିତି ପରଖି ଥିଲେ । ଏଥିସହ ବ୍ଲକର କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଦଉପୁର ଆଦି ପଞ୍ଚାୟତରେ ଲୋକ ମାନେ ସବର୍ାଧିକ. କ୍ଷତି ଗ୍ରସ୍ତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେଭଳି କୌଣସି ସହାୟତା ଯୋଗେଇ ଦିଆ ଯାଇ ନଥିବାରୁ ବନ୍ୟା ବିପନ୍ନ ମାନେ ତିବ୍ର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଜିଲ୍ଲା ପ୍ରଶାସନ ବନ୍ୟା ପରିସ୍ଥିତି ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ।ସେହିପରି ସରକାର ଖାଲି ବନ୍ୟା ସହାୟତା ଘୋଷଣାରେ ସିମିତ ନରହି ଗ୍ରାଉଣ୍ଡ ଜିରୋରେ ବନ୍ୟା ବିପନ୍ନ ଲୋକ ମାନଙ୍କ ସମସ୍ୟର ସମାଧାନ କରନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡେଇ ସରକାରଙ୍କୁ କଡା ସମାଲୋଚନା କରିବା ସହ ବନ୍ୟା ସ୍ଥିତି ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, ଏସଆରସିଙ୍କ ସହ ଆଲୋଚନା କରାଯାଇ କିପରି ବନ୍ୟା ପ୍ରପୀଡ଼ିତ ଦଶରଥପୁର ବାସୀଙ୍କୁ ଅଧିକରୁ ଅଧିକ ସହାୟତା ଯୋଗେଇ ଦିଆଯିବ ସେଥିନେଇ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ଶ୍ରୀ ଘଡେଇ କହିଥିଲେ ।ସେହିପରି ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବନ୍ୟା ବିପନ୍ନ ମାନଙ୍କୁ ପ୍ରଚୁର ପରିମାଣରେ ପିଇବା ପାଣି, ଗୋଖାଦ୍ୟ, ଶୁଖିଲା ଖାଦ୍ୟ ସହ ଅତ୍ୟାବଶ୍ୟକ ସାମଗ୍ରୀ ବିପୁଳ ପରିମାଣରେ ଯୋଗେଇ ଦେବାକୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହ କିପରି ଖୁବ ଶୀଘ୍ର ବିପନ୍ନ ମାନଙ୍କ ପାଖରେ ସହାୟତା ପହଞ୍ଚି ପାରିବ ସେଥିନେଇ ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

# ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ କ୍ୟାମ୍ପ କୋର୍ଟ

ରଘୁନାଥପୁର, (ସବ୍ୟୁ): କୋର୍ଟ କଚେରୀରେ ବହୁ ମାମଲା ପଡି ରହିଥିବାବେଳେ ଅଦାଲତ ସାଧାରଣଜନତାଙ୍କ ନିକଟତର ହୋଇ ସେବା ଉପଲବ୍ଧ କରାଉଛି ।ଏହି ପରିପ୍ରେକ୍ଷୀରେ ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ ତାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ୮ ଗୋଟି କେସର ଶୁଣାଣି କରାଯାଇ ୨୧ ଜଣଙ୍କ ସାକ୍ଷ ଗ୍ରହଣ କରାଯାଇଥିଲା ।ଯେଏମଏଫସି ସସ୍ମିତା ସେଠି ଜଜ ଭାବେ ଉପସ୍ଥିତ ଥିଲେ ।ଏଥିରେ ସରକାରୀ ଓକିଲ ସତ୍ୟବ୍ରତ ପଣ୍ଡା ଓ ଅମିୟ ମହାପାତ୍ରଙ୍କ ସହ ବେସରକାରୀ ଓକିଲ ଅନୀଲ କୁମାର ଖଟୁଆ,ପ୍ରଦୀପ୍ତ କୁମାର ବିହାରୀ,ପ୍ରଫୁଲ୍ଲ ଆଚାର୍ଯ୍ୟ,ରମେଶ ଆଚାର୍ଯ୍ୟ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ

# ଜପକୁଦ ଶିଶୁବିଦ୍ୟାମନ୍ଦିରରେ ଆଲୋଚନାଚକ୍ର

ସାଲେପୁର ,(ସବ୍ୟୁ): ସାଲେପୁର ବ୍ଲକ ଜପକୁଦ ଜାଗୁଳାଇପଡା ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ସ୍ୱାଧୀନତାର ୮୦ବର୍ଷରେ ଭାରତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ପରିଚାଳନା କମିଟିର ସଭାପତି ପଣ୍ଡିତ ବିଜୟ କୁମାର ଶତପଥି ଜାତୀୟ ପତାକା ଉତ୍ତଳନ କରି ଆଲୋଚନା ଚକ୍ରକୁ ସଭାପତିତ୍ୱ କରିଥିଲେ । ଏହି ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ବ୍ୟକ୍ତା ଭାବେ



ଶିଶୁମନ୍ଦିର ଉପଦେଷ୍ଟା ମଣ୍ଡଳୀର ସଭ୍ୟ ବରିଷ୍ଠ ସାମ୍ବାଦିକ ପ୍ରଫୁଲ ମିଶ୍ର, ବରେଣ୍ୟ ଅତିଥି ଭାବେ ଅଧ୍ୟାପକ ନବଘନ ନନ୍ଦ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର କୋଷାଧକ୍ଷ ସ୍ମୃତିରଞ୍ଜନ ପଟ୍ଟନାୟକ, ଉପସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ପ୍ରବିତ୍ର କୁମାର ପ୍ରହରାଜ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ନିରଞ୍ଜନ ପ୍ରଧାନ, ଶିକ୍ଷାବିତ ଦୁର୍ଗାପ୍ରସାଦ ମିଶ୍ର, ସଭ୍ୟା ଗୀତାଞ୍ଜଳି ବାରିକ ଯୋଗ ଦେଇ ଶୀର୍ଷକ ଆଲୋଚନା ରେ ନିଜର ବ୍ୟକ୍ତବ୍ୟ ରଖିଥିଲେ ।ପ୍ରଧାନ ଅଚର୍ଯ୍ୟ ପ୍ରଶାନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଗୁରୁମା ପ୍ରଭାବତୀ ଓଝାଙ୍କ ପରିଚାଳନାରେ ବ୍ରକ୍ତୃତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

# ବସ ଷ୍ଟାଣ୍ଡରୁ ସଜ୍ଞାହୀନ ଅବସ୍ଥାରେ ଯୁବକ ଉଦ୍ଧାର

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ବାଲେଶ୍ୱର ବସ ଷ୍ଟାଣ୍ଡରୁ ସଜ୍ଞାହୀନ ଅବସ୍ଥାରେ ଯୁବକକୁ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଚିକସିାଳୟକୁ ପଠାଯାଇଛି। ବୁଧବାର ଅପରାହ୍ନରେ ଜଣେ ଯୁବକ ଆସି ପାଣିକୋଇଲିସ୍ଥିତ ବାଲେଶ୍ୱର ବସଷ୍ଟାଣ୍ଡ ନିକଟରେ ସିମେଂଟ ଚେୟାର ଉପରେ ବସିଥିଲା। ନିଶାସକ୍ତ ଥିବା ଭଳି ଜଣାପଡିବାରୁ ଟ୍ରେକର ଷ୍ଟାଣ୍ଡର କିଛି ଯୁବକ ତାକୁ ସେଠାରୁ ଉଠିଯିବାକୁ କହିବାରୁ ସେ ଯାଇନଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ସେ ସଜ୍ଞାହୀନ ହୋଇ ବେଂଚ ଉପରେ ପଡିରହିଥିଲା। ତାର ଏଭଳି ଅବସ୍ଥା ଦେଖି ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳେ ସବଇନ୍ସପେକଟର ସୁମିତ କୁଜୁର ପହଂଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକସିାଳୟକୁ ପଠାଇଥିଲେ। ପୁଲିସ ସୂଚନା ମୁତାବକ ଉକ୍ତ ଯୁକ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ କୁଆଁସ ଗ୍ରାମର ବିଶ୍ୱନାଥ ମଲିକ ବୋଲି ଜଣାପଡିଛି। ତାର ପରିବାରକୁ ଯାଜପୁର ମୁଖ୍ୟ ଚିକସିାଳୟରେ ପହଂଚିବାକୁ ସୂଚନା ଦିଆଯାଇଛି।

# ଚୋର ଗିରଫ, ବାଇକ ଜବତ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଥାନା ପୁଲିସ ବୁଧବାର ଦିନ ଜଣେ ବାଇକ ଚୋରକୁ ଗିରଫ କରିବା ସହିତ ତା ନିକଟରୁ ଚୋରି ବାଇକକୁ ଜବତ କରିଛି। ଗିରଫ ଚୋର ଜଣକ ଧାମନଗର ଥାନା ନୂଆପଡା ଗ୍ରାମର ଉମାକାନ୍ତ ଦାସଙ୍କ ପୁଅ ବଳରାମ ଦାସ (୨୦) ବୋଲି ଜଣାପଡିଛି। ଗତ ମାସରେ ଧର୍ମଶାଳା ଥାନା ମୁରାରୀପୁର ଗ୍ରାମର ହିମାଂଶୁ ଶେଖର ସେଠୀ କୌଣସି କାମରେ ଯାଇ ନିକଟସ୍ଥ ରେଳଷ୍ଟେସନ ନିକଟରେ ନିଜର ବାଇକ ଓଡି- ୦୪-ଭି-୩୦୫୧ ନମ୍ବର ହୁଣ୍ଡାୟୁନିକର୍ଣ୍ଣ ବାଇକକୁ ରଖିଥିବା ବେଳେ କେହି ଦୁର୍ବୃତ୍ତ ବାଇକକୁ ଚୋରି କରିନେଇଯାଇଥିଲା। ଏନେଇ ବାଇକ ମାଲିକ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୩୧୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଚୋରି ହୋଇଥିବା ବାଇକ ସମ୍ପର୍କରେ ଧର୍ମଶାଳା ପୁଲିସ ସନ୍ଧାନ ପାଇଥିଲା। ପରେ ପୁଲିସ ଚୋରି ବାଇକକୁ ଜବତ କରିବା ସହିତ ବାଇକ ଚୋର ବଳରମକୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ବଳରାମକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଅଭ୍ରାଂଶୁ ମହାନ୍ତି ସୂଚନା ଦେଇଛନ୍ତି।

# ମଦ ଜବତ ,ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ): ଚୋରା ମଦ ବିକ୍ରିର ଖବର ପାଇବା ମାତ୍ରେ ପାଣିକୋଇଲି ପୁଲିସ କ୍ରମାଗତ ଚଢାଉ କରୁଥିବା ବେଳେ ପଥରପଦା ପଞ୍ଚାୟତ କାଜିପାଟଣା ଆଦିବାସୀ ସାହି ଠାରେ ବେଆଇନ ଚୋରା ଦେଶୀ ମଦର ଖବର ପାଇ ଚଢାଉ କରିଥିଲା। ଚଢାଉ ସମୟରେ କାଜିପାଟଣା ଗ୍ରାମର ହରେକୃଷ୍ଣ ଦାସକୁ ଧରିବାରୁ ତା ନିକଟରୁ ୧୧ଟି ଆସ୍କା ଫର୍ଟି ( ୨ଲିଟର୨ଶହ ଗ୍ରାମ) ମଦ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରିବା ସହ ତାକୁ ଗିରଫ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ବନ୍ୟାଘେରରେ ସ୍ୱାମୀ , ସ୍ତ୍ରୀ: ଉଦ୍ଧାର ପାଇଁ ଦାବି

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ପଦନୀପାଳ ପଞ୍ଚାୟତର ପଦନୀପାଳ ଗ୍ରାମରେ ଦୁଇ ବୃଦ୍ଧ/ବୃଦ୍ଧା (ସ୍ୱାମୀ/ସ୍ତ୍ରୀ) ନିରଞ୍ଜନ ରାୟ ଓ ସେବତୀ ରାୟ ରହିଯାଇଥିବାରୁ ଏମାନଙ୍କୁ ଔଷଧ ପତ୍ର, ରିଲିଫ୍ ସାମଗ୍ରୀ ଯୋଗାଇବା ସହ ଉଦ୍ଧାର କରିବା ପାଇଁ ଦାବି ହୋଇଛି । ଚାରିପଟେ ବନ୍ୟାଜଳ ଘେରରେ ରହିଯାଇଥିବା ଏହି ପରିବାରର ଦୁଇଜଣ ବ୍ୟକ୍ତି ଅସହାୟ ଅବସ୍ଥାରେ ରହିଛନ୍ତି । ଏମାନେ ଲୋକ ଲୋଚନକୁ ଆସିନଥିବାରୁ ଗୋଟିଏ ସ୍ଥାନରେ ଫସିଯାଇଛନ୍ତି । ଏମାନଙ୍କୁ କୌଣସି ସାହାଯ୍ୟସହଯୋଗ ମିଳିନାହିଁ । ତୁରନ୍ତ ଏମାନଙ୍କୁ ସହଯୋଗ କରିବା ପାଇଁ ଆଇନ୍‌ଜିବୀ ସୁଭଦ୍ରା ରାୟ ଦାବି କିରିଛନ୍ତି ।

# ଶିଳ୍ପ ତାଲିମ କେନ୍ଦ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ

କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକ, କୁଆଖିଆ ବିଜୁ ନଗର ରେ ଥିବା ବିଜୁ ପଟ୍ଟନାୟକ ଆଇ ଟି ଆଇ କଲେଜ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧକ୍ଷ ଅମିତ କୁମାର ରାୟଙ୍କ ଦ୍ୱାରା ପତାକା ଉତୋଳନ ପରେ ଅନୁଷ୍ଠିତ ହୋଇ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଉତ୍ସବ ରେ ଜଗତ ଜୀବନ ବେହୁରା, ରମାନାଥ ବାହାଲିଆ, ପାର୍ଥ ସାରଥୀ ସାହୁ, ରୂପକ କୁମାର ଜେନା, ଇନ୍ଦ୍ରମଣି ନାୟକ, ଚନ୍ଦନ ମଲିକ, ସୁବ୍ରତ ରାଉତ, କୃଷ୍ଣ ଚନ୍ଦ୍ର ରାଉତ, ପ୍ରିୟଙ୍କା ନାୟକ, ସୁରେଶ ପଣ୍ଡା, ସୁରେନ୍ଦ୍ର ବାରିକ, କାର୍ତିକ ମହାରଣା, କିଶୋର ମଲିକ, ସୁବାସ ବେହୁରା ଓ ଛାତ୍ର ଛାତ୍ରୀ ମିଶିକି ସ୍ୱାଧୀନତା ଦିବସ ରେ ପତାକା ଉତୋଳନ କରିଥିଲେ ।

# ବନ୍ୟାରେ ଫସଲ ନଷ୍ଟ : କ୍ଷତିପୂରଣଁ ଦାବି

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ବନ୍ୟା ଓ ଲଘୁଚାପ ବର୍ଷାରେ ବ୍ୟାପକ ଫସଲ ହାନି ହେବା ସହ ଅନେକ ରାସ୍ତାଘାଟ ଓ ଘର ନଷ୍ଟ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକର ବାରୁଅ ପଂଚାୟତର ତରାଣ୍ତୋ, ତ୍ରିଲୋଚନପୁର, ଉତ୍ସରପଡା, ଘିଗିରିଆ, ଇଟିପୁର, ନିଳିକଣା, କଳାମାଟିଆ ଗ୍ରାମର ଶତାଧିକ ଚାଷୀ ସେମାନଙ୍କର ସମ୍ପୂର୍ଣ୍ଣ ଭାବେ ଫସଲ ନଷ୍ଟ ହୋଇଥିବାରୁ ଅନେକ କ୍ଷୟ କ୍ଷତି ହୋଇଛି । ଚାଷଜମି ଓ ତଳି ଦୀର୍ଘଦିନ ଧରି ପାଣିରେ ବୁଡିରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏହାର ଆକଳନ କରି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ହରିଶ୍ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ରାଉତ, କୈଳାସ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଚାଷୀ ଜିଲ୍ଲାପାଳଙ୍କୁ ଭେଟି କ୍ଷତିପୂରଣ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# କର୍କଟ ରୋଗୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି ,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ଜମରା ଗ୍ରାମର କର୍କଟ ରୋଗୀ ବିରଞ୍ଚି ସାହୁ(୫୬)ଙ୍କର ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ଶ୍ରୀ ସାହୁ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିସାଧିନ ଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କର ପୁତ୍ର ବିନୋଦ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ମାହାଙ୍ଗା ମହାବୀରର କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ମାହାଙ୍ଗା ବ୍ଲକ ଅଧୀନସ୍ଥ ମହାବୀର ବିଦ୍ୟାପୀଠ ମାହାଙ୍ଗା ର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ର ସଂସଦର ସଭାପତି ଭୂପେନ ଚାଟାର୍ଜୀ ଙ୍କ ସଂଯୋଜନାରେ ବିଦ୍ୟାଳୟର ବିଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଏ୧ ରେ ପାସ୍ କରିଥିବା ଛାତ୍ରୀ ସାଇ ବନ୍ଦିତା ପରିଡ଼ାଙ୍କୁ ସେବତୀ ବାଳା ମେମୋରିଆଲ ତରଫରୁ ନାରାୟଣ ଚନ୍ଦ୍ର ଦାସ,ମନୋରମା ମେମୋରିଆଲ ତରଫରୁ ମହେଶ୍ୱର ସାହୁ,ଭୁବନାନନ୍ଦ ସାହୁ ଫାଉଣ୍ଡେସନ ଶଶିକାନ୍ତ ଓଝା,ନିରଞ୍ଜନ ବାରିକ ସ୍ମୃତି ସଂସଦ ତରଫରୁ ଅଭିଲିଂ। ବାରିକଙ୍କୁ ଶିକ୍ଷୟିତ୍ରୀ ନଳିନୀପ୍ରଭା ବାରିକ ପ୍ରଦାନ କରିଥିଲେ । ବାଉରୀବନ୍ଧୁ ପରିଡ଼ାଙ୍କ ସ୍ମୃତିରେ ପୀୟୁଷ କୁମାର ସାହୁଙ୍କୁ ରାମଚନ୍ଦ୍ର ପରିଡ଼ା,ଭାଗବତ ବାରିକ ଙ୍କ ସ୍ମୃତିରେ ଅଭିଶ୍ମିତା ବାରିକ, ଝରିଯେନାଙ୍କ ସ୍ମୃତିରେ କାହ୍ନୁ ଚରଣ ରାଉତ,ଧୀରେନ୍ଦ୍ର ନାଥ ସିହ୍ନାଙ୍କ ସ୍ମୃତିରେ ଆକାଂକ୍ଷା ଶତପଥୀ,ବୃନ୍ଦାବନ ପାତ୍ରଙ୍କ ସ୍ମୃତିରେ ତନ୍ମୟ ସାହୁଙ୍କୁ କରୁଣାକର ପାତ୍ର ପ୍ରଦାନ କରିଥିଲେ । ପର୍ଶୁରାମ ପରିଡ଼ାଙ୍କ ସ୍ମୃତିରେ ଅସ୍ମିତା ବାରିକ,ଅଲେଖ ଚନ୍ଦ୍ର ସାହୁଙ୍କ ସ୍ମୃତିରେ



ତରଫରୁ ଡ. ସାହୁ,ପଣ୍ଡିତ ବୈକୁଣ୍ଠ ନାଥ ପରିଡ଼ା ଫାଉଣ୍ଡେସନ ତରଫରୁ ବୈକୁଣ୍ଠ ପରିଡ଼ା, ବିଜୟ ବାରିକଙ୍କ ସ୍ମୃତିରେ ପ୍ରାକ୍ତନ ନ୍ୟାୟ ପାଳିକା ଧ୍ରୁବଚରଣ ବାରିକ, ବିଭୂତି ଭୂଷଣ ସିହ୍ନାଙ୍କ ସ୍ମୃତିରେ ରବୀନ୍ଦ୍ର ନାଥ ସିହ୍ନା,ଶିକ୍ଷକ ଦେବରାଜ ସାହୁଙ୍କ ପ୍ରଦତ୍ତ ମାଟ୍ରିକ ଏ୧ ମେଧା ସମ୍ମାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ମଙ୍ଗରାଜ ପ୍ରଦାନ କରିଥିଲେ । ଏଥି ସହିତ ସୌରୀ ବାଳାଙ୍କ ସ୍ମୃତିରେ ହିମାଂଶୁ ଶେଖର ଦେ,ମନୋରମା ମେମୋରିଆଲ ତରଫରୁ ଆଶୁତୋଷ ବାରିକ,ଉମାଶଙ୍କର ବେହୁରା,ବୈଶାଳୀ ସିହ୍ନା,ବିଜୟଲକ୍ଷ୍ମୀ ସାହୁ,ଶ୍ରଦ୍ଧାସୂଚନା ଜେନା,ଶ୍ରୀୟଙ୍କା ପ୍ରିୟଦର୍ଶିନୀ, ଅଞ୍ଜନା ମହାପାତ୍ରଙ୍କ ପ୍ରଦତ୍ତ ଟ୍ରଫି ନିର୍ଲିପ୍ତ ନିର୍ଝରଣୀ ମହାନ୍ତି,ବିଜୟ କୁମାର ବାନାର୍ଜୀଙ୍କ ସ୍ମୃତିରେ ଶିବ ସୋରେନ,ପଣ୍ଡିତ ନୀଳକ= ଷଡ଼ଙ୍ଗୀ ପ୍ରଦତ୍ତ ଟ୍ରଫି ବୈଷ୍ଣବୀ ବଳ ଙ୍କୁ ଗୋଲାପ ମଞ୍ଜରୀ ମିଶ୍ର ପ୍ରଦାନ କରିଥିଲେ । ପ୍ରବୀର କୁମାର ସିହ୍ନାଙ୍କ ସ୍ମୃତିରେ ଜ୍ଞାନ ରଞ୍ଜନ ବାରିକ,ଅନନ୍ତ ପ୍ରସାଦ ଲାଲାଙ୍କ ସ୍ମୃତିରେ କଳ୍ପନା ସାହୁ,ସାଇ ପ୍ରଶାନ୍ତି ଟେମ୍ପୁଲ ଟ୍ରଷ୍ଟ ପକ୍ଷରୁ ଆୟୁଷ୍ମାନ ନାୟକ ସମ୍ବର୍ଦ୍ଧିତ ହୋଇଥିଲେ । ରାଜକିଶୋର ଶତପଥୀଙ୍କ ସ୍ମୃତିରେ ସୁଲଭ ମଲିକ ଙ୍କୁ ଅଶୋକ କୁମାର ଶତପଥୀ ସେବା ସମ୍ମାନ ପ୍ରଦାନ କରିଥିଲେ । ଡ଼. ଗଙ୍ଗାଧର ପଣ୍ଡା ମେଧା ସମ୍ମାନ ବିଦ୍ୟାଳୟର ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରାତନ ଛାତ୍ର ସଂସଦର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ,ପୁଷ୍ପଲତା ସାହୁ,ସସ୍ମିତା ସେଠୀ,ରାଜଶ୍ରୀ ସ୍ୱାଇଁ,ଲକ୍ଷ୍ମୀଧର ବାରିକ,ଲକ୍ଷ୍ମୀପ୍ରିୟା ବାରିକ,କ୍ରୀଡ଼ା ଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ପାଠ ପଢ଼ିବା ସହିତ ଜଣେ ଜଣେ କୃତି ବିଦ୍ୟାର୍ଥୀ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଅଧ୍ୟାପକ ଜଗନ୍ନାଥ ନାୟକ,ତପନ ସିହ୍ନା,ବାସୁଦେବ ସାହୁ,ହରେକୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୁରାତନ ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ସୁକାନ୍ତ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମହିଳା କଂଗ୍ରେସର ରନ୍ଧା ଖାଦ୍ୟ ବଣ୍ଟନ

ଦଶରଥପୁର ,(ସବ୍ୟୁ) : ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଅମ୍ବିକା ରାଉତଙ୍କ ନେତୃତ୍ୱରେ ଏବଂ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଏକାଦଶୀ ତ୍ରିପାଠୀଙ୍କ ତତ୍ୱାବଧାନରେ ବନ୍ୟା ପ୍ରପୀଡ଼ିତ ଅଂଚଳ ବିରିପଟା ପଞ୍ଚାୟତ ସ୍ଥିତ ବରଇଁ ଗ୍ରାମ ଓ ଅନ୍ୟ ଗ୍ରାମରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ସହିତ ପ୍ରଶାସନ ,ଏବିଡ଼ିଓ ଏବଂ ପଞ୍ଚାୟତ ପିଇଓଙ୍କୁ ମଧ୍ୟ ଅନୁରୋଧ କରାଯିଇଛି ଯେ ସଠିକ ଅନୁଧ୍ୟାନ କରି ବନ୍ୟା ରେ ପୀଡିତ ଯୋଗ୍ୟ ହିତାଧିକାରୀ କୁ ରିଲିଫ ଯୋଗାଇ ଦିଆଯାଉ । ଉକ୍ତ କାୟ୍ୟକ୍ରମ ରେ ଅମର ରାଉତ, ରାଜ୍ୟ ଦଳିତ ବିଭାଗ ସଂପାଦକ ନାରାୟଣ ମଲ୍ଲିକ, ଦ ଶ ର ଥ ପୁ ର କ ଂ ଗ୍ରେ ସ ଉପସଭାପତି । ବିଚିତ୍ର ମଲ୍ଲିକ, କଂଗ୍ରେସ ନେତା ହୃଷିକେଶ ଜେନା




, ନାରୀ ନେତ୍ରୀ ସୁଲଚନା ଦାସ, କଂଗ୍ରେସ ନେତା ପ୍ରକାଶ ଦାସ, ବିଭୁ ମଲିକ, ଜିତୁ ମଲିକ, ସନୁ ମଲିକ ଏବଂ ବହୁ କଂଗ୍ରେସ କର୍ମୀ ସ୍ଥାନୀୟ ଓ୍ୱାର୍ଡ ମେମ୍ବର ଓ ବହୁ ଗ୍ରାମ ବାସି ଉପସ୍ଥିତ ଥିଲେ ।ଆଗାମୀ ଦିନରେ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବାକୁ ଶ୍ରୀମତୀ ରାଉତ ପ୍ରତିଶୃତି ଦେଇଥିଲେ. ।

# ଓଡ଼ିଶା ସାହିତ୍ୟ ଏକାଡ଼େମୀ , ଝଙ୍କଡ଼ ସାହିତ୍ୟ ସଂସଦ

## ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର

ତିର୍ତ୍ତୋଲ, (ସବ୍ୟୁ) : ବର୍ଷାର ଆନନ୍ଦ ଓ ନିରାନନ୍ଦକୁ ନେଇ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଝଙ୍କଡ଼ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷାସାହିତ୍ୟର ପ୍ରଣମ୍ୟ ପୁରୁଷ ଉତ୍କଳବ୍ୟାସ ଆଦିକବି ସାରଳା ଦାସଙ୍କ ସାରସ୍ୱତ ସାଧନା-ପୀଠ ତେନ୍ତୁଳିପଦା ସ୍ଥିତ ମୁନିଗୋସାଇଁ ମଠ ଆଦିକବି ଭବନ ପରିସରରେ ଓଡ଼ିଆ ସାହିତ୍ୟରେ ବର୍ଷା ଶୀର୍ଷକ ଆଲୋଚନାଚକ୍ର ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଝଙ୍କଡ଼ ସାହିତ୍ୟ ସଂସଦ ସଭାପତି ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପରିବେଶବିତ୍ ଡ. ମିହିର ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ତଥା ପାଲାଗାୟକ ଅଧ୍ୟାପକ ଅଭିରାମ ଶତପଥୀ, ସମ୍ମାନନୀୟ ଅତିଥିଭାବେ ଯଥାକ୍ରମେ ପ୍ରାଧ୍ୟାପିକା ଡ.ବିଷ୍ଣୁପ୍ରିୟା ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ସାହିତ୍ୟରନି ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ, କବି- ଝୁଲରାମ ଦାସ, ହେମନ୍ତ କୁମାର ନାୟକ, ବିଜୟ କୁମାର ବିଶ୍ୱାଳ ଓ ନବୀନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ନନ୍ଦକିଶୋର ବଳ, ରାଧାନାଥ ରାୟ, ସଂସ୍କୃତ ସାହିତ୍ୟାକାଶର ପ୍ରତିଷ୍ଠାତା ସମ୍ପାଦକ ଝଙ୍କଡ଼ରନି ଗୋଲୋକ ବିହାରୀ ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଆୟୋଜିତ କବିତା ପାଠୋତ୍ସବରେ ଝଙ୍କଡ଼କନ୍ୟା ସବିତା ନାୟକ, କୃତୀ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ଓ କବୟିତ୍ରୀ ପ୍ରତିଭା ମିଶ୍ର ପ୍ରମୁଖ କବିତା ସଂଯୋଜନା କରିଥିଲେ ।



ମହାକବି ପଣ୍ଡିତ କାଳିଦାସ ଓ ଭର୍ତ୍ତୃହରିଙ୍କ ବର୍ଷା କାବ୍ୟ କବିତା ଉପରେ ଆଲୋକପାତ କରିଥିଲେ । ସଙ୍ଗଠନ ସମ୍ପାଦକ ପଣ୍ଡିତ ବାସବ କୁମାର ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ନୃତ୍ୟଶିଳ୍ପୀ କୁମାରୀ କନିଷ୍କା ପରିଜା ଓଡ଼ିଶୀନୃତ୍ୟ ପରିବେଷଣ କରି ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ ହୋଇଥିଲେ । ଅନୁଷ୍ଠାନର ଅନ୍ୟମାନଙ୍କ ମଧ୍ୟରେ କବି କୈଳାସ ଚନ୍ଦ୍ର ପ୍ରଧାନ, ଆଃ. ପ୍ରଶାନ୍ତ କୁମାର ଦାସ, ନିତ୍ୟାନନ୍ଦ ନାୟକ, ଅଶୋକ କୁମାର ଲେଙ୍କା, ନାରାୟଣ ନାୟକ, ଆଶିଷ ପରିଜା, ପ୍ରଭାତ ପରିଜା, ରାଧାମୋହନ ପରିଜା, ବିକାଶ ପରିଜା ପ୍ରମୁଖ ୭୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ସେମାନଙ୍କ ସ୍ୱରଚିତ ବର୍ଷା ସମ୍ବନ୍ଧୀୟ କବିତା ପାଠ କରିଥିଲେ । ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୦ ଫୁଟ ତଳକୁ ଖସିଲା ବସ : ୪୦ ଯାତ୍ରୀ ଆହତ




ନୟାଗଡ଼ ,(ସବ୍ୟୁ) : ନୟାଗଡ଼ ବାଇପାସ ଇଟାମାଟି ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରାତି ଅଧରେ ଭାରସାମ୍ୟ ହରାଇ ପ୍ରାୟ ୨୦ ଫୁଟ ତଳକୁ ଖସିପଡ଼ିଛି ଏକ ଯାତ୍ରୀବାହୀ ବସ । ଦୁର୍ଘଟଣାରେ ପ୍ରାୟ ୪୦ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ସୋମବାର ବହୁ ବିଳମ୍ବିତ ରାତି ପ୍ରାୟ ୨ଟାରେ ବସଟି ନୟାଗଡ଼ ବାଇପାସ ଦେଇ ଯାଉଥିଲା । ଇଟାମାଟି ନିକଟରେ ହଠାତ୍ ବସଟି ଭାରସାମ୍ୟ ହରାଇ ରାସ୍ତାରୁ ତଳକୁ ଖସିପଡ଼ିଥିଲା ଓ ପ୍ରାୟ ୨୦ ଫୁଟ ତଳକୁ ଯାଇ ବସଟି ଅଟକିଥିଲା । ଦୁର୍ଘଟଣା ପରେ ବସ ଭିତରେ ଥିବା ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଅନେକ ଯାତ୍ରୀ ଆହତ ହୋଇ ବସ ଭିତରେ ଫସି ରହିଥିଲେ । ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା । ସ୍ଥାନୀୟ ଲୋକ ଓ ପୁଲିସ୍ର ମିଳିତ ଉଦ୍ୟମରେ ଆହତ ଯାତ୍ରୀମାନଙ୍କୁ ବସରୁ ବାହାର କରାଯାଇଥିଲା । ପରେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି । ତେବେ ବସଟି କେଉଁ କାରଣରୁ ଭାରସାମ୍ୟ ହରାଇଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ଘଟଣାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ।

# ୮୫ ଲକ୍ଷ ଟଙ୍କା ଅନୁଦାନକୁ ନେଇ ଶ୍ରେୟ ରାଜନୀତି

## ବରାଳ ବାଲୁଙ୍କେଶ୍ୱର ମନ୍ଦିର ପ୍ରକଳ୍ପକୁ ନେଇ ବିଧାୟକ– ସମିତି ଅଧ୍ୟକ୍ଷ ମୁହାଁମୁହିଁ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ୮୫ ଲକ୍ଷ ଟଙ୍କା ଏବେ ସତ୍ୟବାଦୀରେ ରାଜନୈତିକ ଉଷ୍ମତା ବଢ଼ାଇଛି। ବରାଳ ବାଲୁଙ୍କେଶ୍ୱର ମନ୍ଦିରର ବିକାଶକୁ ନେଇ ଏକପଟେ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପକ୍ଷରୁ ସରକାରୀ ସହାୟତା ଓ ପ୍ରକଳ୍ପ ଆଗକୁ ବଢୁଥିବାର ଚିତ୍ର ସାମ୍ନାକୁ ଆସିଥିବାବେଳେ ଅନ୍ୟପଟେ ଏହି ଅର୍ଥର ମୂଳ ଓ ଶ୍ରେୟକୁ ନେଇ ସତ୍ୟବାଦୀ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡାଙ୍କ ସାଙ୍ଘାତିକ ଅଭିଯୋଗ ରାଜନୈତିକ ବିବାଦକୁ ନୂଆ ମୋଡ଼ ଦେଇଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକ ବରାଳ ଗ୍ରାମର ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରାଣ ପ୍ରସିଦ୍ଧ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଶୈବପୀଠ ଏକ ବିକଶିତ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାର ଦିଗରେ ୮୫ ଲକ୍ଷ ଟଙ୍କାର ଏହି ପ୍ରକଳ୍ପକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢୁଥିବାରୁ ପାନୀୟଜଳ, ପରିମଳ, ଆଲୋକୀକରଣଠାରୁ ଆରମ୍ଭ କରି ରାସ୍ତା ଓ ଡ୍ରେନେଜ ପର୍ଯ୍ୟନ୍ତ ବିଭିନ୍ନ ମୌଳିକ ସୁବିଧାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୮୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଏବଂ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ସୂଚନା ମିଳିଛି। ନିକଟରେ ସତ୍ୟବାଦୀ ବିଧାୟକ ତଥା ପୁରୀ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓମ ପ୍ରକାଶ ମିଶ୍ର ଅଧିକାରୀ ଓ ଯନ୍ତ୍ରୀଙ୍କ ସହ ମନ୍ଦିରରେ ପହଞ୍ଚି ପ୍ରସ୍ତାବିତ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସେବାୟତ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ମନ୍ଦିରର ଆବଶ୍ୟକତା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ।କିନ୍ତୁ ବିକାଶ ପ୍ରକଳ୍ପ ଯେତିକି ଗୁରୁତ୍ୱପୂର୍ଣ୍ଣ, ତାଠାରୁ ଅଧିକ ଚର୍ଚ୍ଚାକୁ ଆସିଛି ଏହାର ଅର୍ଥ ମଞ୍ଜୁରର ଶ୍ରେୟକୁ ନେଇ ଉଠିଥିବା ପ୍ରଶ୍ନ। ସତ୍ୟବାଦୀ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ୮୫ ଲକ୍ଷ ଟଙ୍କାର ଏହି ଅର୍ଥ ପୂର୍ବ ସରକାରଙ୍କ ସମୟରେ ମଞ୍ଜୁର ହୋଇଥିଲା। ତେବେ ଏହା ଏକକ ଟେଣ୍ଡର ଯୋଗୁଁ କାଟ ଖାଇଥିବାରୁ ପରବର୍ତ୍ତୀ ସମୟରେ ପ୍ରକଳ୍ପକୁ ନେଇ ପ୍ରକ୍ରିୟା ଆଗକୁ ବଢ଼ିଥିବା ସେ ଦାବି କରିଛନ୍ତି।ପଣ୍ଡା ଆହୁରି ଅଭିଯୋଗ କରିଛନ୍ତି ଯେ, ଏହି ଅର୍ଥରେ ବର୍ତ୍ତମାନର ସ୍ଥାନୀୟ ବିଧାୟକ କିମ୍ବା ବର୍ତ୍ତମାନ ସରକାରଙ୍କ କୌଣସି ଅବଦାନ ନାହିଁ। ତାଙ୍କ ଏହି ଅଭିଯୋଗ ଏବେ ମନ୍ଦିର ବିକାଶ ପ୍ରକଳ୍ପକୁ ନେଇ ରାଜନୈତିକ ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି।ଏପଟେ ମନ୍ଦିର ବିକାଶ ପ୍ରକଳ୍ପର ଚୂଡ଼ାନ୍ତ ନକ୍ସା ଓ କାର୍ଯ୍ୟଧାରା ନେଇ ଦେବୋତ୍ତର କାର୍ଯ୍ୟାଳୟରେ ବୈଠକ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସଦସ୍ୟ ତଥା ବିଡିଓ ଦେବାଶିଷ ନାୟକ, ସଦସ୍ୟ ରଞ୍ଜନ ବରାଳ, ସେବାୟତ ସଦସ୍ୟ ସୁମନ୍ତ ମହାପାତ୍ର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।ଏବେ ପ୍ରଶ୍ନ ହେଉଛି ୮୫ ଲକ୍ଷ ଟଙ୍କାର ଏହି ପ୍ରକଳ୍ପର ଶ୍ରେୟ କିଏ ନେବ, ତାହା ନେଇ ରାଜନୈତିକ ଟଣାଓଟରା ଚାଲିଥିବାବେଳେ ବରାଳ ବାଲୁଙ୍କେଶ୍ୱର ମନ୍ଦିରର ବିକାଶ କେତେ ଶୀଘ୍ର ଓ କେତେ ସ୍ୱଚ୍ଛତାର ସହ ହେବ। ଅର୍ଥର ମୂଳ, ମଞ୍ଜୁର ପ୍ରକ୍ରିୟା ଓ ଟେଣ୍ଡର ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ ହେଲେ ଶ୍ରେୟକୁ ନେଇ ଉଠୁଥିବା ବିବାଦର ଅବସାନ ହେବ ବୋଲି ମତ ପ୍ରକାଶ ପାଉଛି।

# ସୁପ୍ରିମକୋର୍ଟ ରାୟକୁ ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ , ଗୃହମନ୍ତ୍ରୀଙ୍କୁ ଚିଠି

ଫୁଲନଖରା ,(ସବ୍ୟୁ): ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଦ୍ୱାରା ଏକ ଜନସ୍ୱାର୍ଥ ମାମଲାରେ ଦିଆଯାଇଥିବା ଆଦେଶକୁ ନେଇ ଆପତ୍ତି ଉଠାଇଛି ୱାର୍ଲ୍ଡ ହ୍ୟୁମାନ ରାଇଟସ ପ୍ରୋଟେକ୍ସନ ଅର୍ଗାନାଇଜେସନ, କଟକ ଶାଖା। ସଂଗଠନ ପକ୍ଷରୁ ଏହି ମାମଲା ସମ୍ପର୍କରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରାଯିବା ସହ ଆବଶ୍ୟକ ଆଇନଗତ ଓ ସାମ୍ବିଧାନିକ ପଦକ୍ଷେପ ନିଆଯିବାକୁ ଦାବି କରାଯାଇଛି। ସଂଗଠନର ବରିଷ୍ଠ ସଦସ୍ୟ ପିନାକପାଣି ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ପିଆଇଏଲ ଡାଏରୀ ନମ୍ବର ୫୩୯୪/୨୦୨୬ ଏବଂ ଡ଼ବ୍ଲୁପି(ସି) ନମ୍ବର ୨୯୫/୨୦୨୬ ସମ୍ପର୍କିତ ମାମଲାରେ ୨୦ ଏପ୍ରିଲ ୨୦୨୬ରେ ଦିଆଯାଇଥିବା ଆଦେଶକୁ ନେଇ ସେମାନଙ୍କର ଆପତ୍ତି ରହିଛି। ତାଙ୍କ ଦାବି ହେଉଛି, ମାମଲାରେ ଦାଖଲ ହୋଇଥିବା ଇଣ୍ଡେକ୍ସ, ସିନୋପ୍ସିସ, ଗ୍ରାଉଣ୍ଡ, ପ୍ରାର୍ଥନା, ତାରିଖ ଓ ଆନେକ୍ସର୍ ସମେତ ଆବଶ୍ୟକ ଦଲିଲପତ୍ର ରହିଥିଲେ ମଧ୍ୟ ତାଙ୍କ ଜନସ୍ୱାର୍ଥ ମାମଲାକୁ ଗ୍ରହଣ ନକରାଯିବା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏହି ଜନସ୍ୱାର୍ଥ ମାମଲାରେ ମୋଟ ତିନୋଟି ପ୍ରମୁଖ ପ୍ରାର୍ଥନା ରହିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରଥମତଃ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଆଜାଦ ହିନ୍ଦ ଫୌଜର ଭାରତର ସ୍ୱାଧୀନତା ସଂଗ୍ରାମରେ ଥିବା ଭୂମିକାକୁ ସରକାରୀ ଭାବେ ସ୍ୱୀକୃତି ଦେବା ସହ ୨୧ ଅକ୍ଟୋବର ୧୯୪୩ରେ ଗଠିତ ଆଜାଦ ହିନ୍ଦ ସରକାର/ଫୌଜର ପ୍ରତିଷ୍ଠା ଦିବସକୁ ଜାତୀୟ ଦିବସ ଭାବେ ଘୋଷଣା ଏବଂ ସହିଦ ଆଜାଦ ହିନ୍ଦ ଫୌଜର ସୈନିକମାନଙ୍କୁ ସମ୍ମାନ ଦେବାକୁ ଦାବି କରାଯାଇଛି। ଦ୍ୱିତୀୟତଃ, ଭାରତ କିପରି ବ୍ରିଟିଶ ଶାସନରୁ ସ୍ୱାଧୀନତା ହାସଲ କଲା, ସେ ସମ୍ପର୍କିତ ଐତିହାସିକ ଦଲିଲ ଓ ରିପୋର୍ଟଗୁଡ଼ିକୁ ସାର୍ବଜନୀନ କରିବାକୁ ଦାବି ହୋଇଛି। ବିଶେଷକରି ନେତାଜୀ ଓ ଆଜାଦ ହିନ୍ଦ ଫୌଜର ଭୂମିକା, ୧୯୪୬–୪୭ ସମୟର ନୌସେନା, ବାୟୁସେନା ଓ ସାମରିକ ଅସନ୍ତୋଷ/ବିଦ୍ରୋହ ସମ୍ପର୍କିତ ଐତିହାସିକ ରିପୋର୍ଟ ଏବଂ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଆଟ୍ଲିଙ୍କ ସହ ସମ୍ପର୍କିତ ଐତିହାସିକ ଦାବିଗୁଡ଼ିକର ତଥ୍ୟାଧାରିତ ଯାଞ୍ଚ ଓ ସାର୍ବଜନୀନ ପ୍ରକାଶ ଦାବି କରାଯାଇଛି। ତୃତୀୟ ପ୍ରାର୍ଥନାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ 'ଜାତୀୟ ପୁତ୍ର' ଘୋଷଣା କରିବା, ତାଙ୍କ ଜନ୍ମଦିନ ୨୩ ଜାନୁଆରୀକୁ ଜାତୀୟ ଦିବସ ଭାବେ ଘୋଷଣା କରିବା ଏବଂ ତାଙ୍କ ଜନ୍ମସ୍ଥାନ କଟକକୁ ଜାତୀୟ ସ୍ମାରକ/ମ୍ୟୁଜିୟମ ଭାବେ ବିକଶିତ କରିବା ପାଇଁ ଦାବି ରହିଥିବା କୁହାଯାଇଛି। ଏହା ସହ ଆଜାଦ ହିନ୍ଦ ଫୌଜ ସହ ସମ୍ପୃକ୍ତ ମହୀୟସୀମହିଳା ନିରାଆରିୟାଙ୍କୁ 'ଜାତୀୟ ପୁତ୍ରୀ' ମାନ୍ୟତା ଦେବା ଏବଂ ତାଙ୍କ ଜନ୍ମଦିନକୁ ଜାତୀୟ ଦିବସ ଘୋଷଣା କରିବା ଦାବି ମଧ୍ୟ ଥିବା ସଂଗଠନ ପକ୍ଷରୁ କୁହାଯାଇଛି। ପିନାକପାଣି ମହାନ୍ତିଙ୍କ କହିବା ଅନୁଯାୟୀ, ଉକ୍ତ ମାମଲାରେ ଏହି ସମସ୍ତ ପ୍ରସଙ୍ଗ ଓ ଦଲିଲପତ୍ର ଉପସ୍ଥାପିତ ହୋଇଥିଲେ ମଧ୍ୟ ମାମଲାକୁ ଆଗକୁ ନେବା ସୁଯୋଗ ମିଳିନଥିଲା। ଏହାକୁ ସେ ନ୍ୟାୟିକ ପ୍ରକ୍ରିୟା ଓ ସାମ୍ବିଧାନିକ ଅଧିକାର ସମ୍ପର୍କିତ ଏକ ଗୁରୁତର ପ୍ରଶ୍ନ ବୋଲି ଦର୍ଶାଇଛନ୍ତି। ତେଣୁ ଉକ୍ତ ଆଦେଶ ଓ ସମ୍ପୃକ୍ତ ମାମଲାର ପ୍ରକ୍ରିୟାକୁ ସ୍ୱାଧୀନ ଭାବେ ଯାଞ୍ଚ କରାଯିବା ସହ ଯଦି କୌଣସି ନିୟମବିରୋଧୀ କାର୍ଯ୍ୟ ପ୍ରମାଣିତ ହୁଏ, ତେବେ ସମ୍ବିଧାନ ଓ ଆଇନ ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ନିଆଯାଉ ବୋଲି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ନିକଟରେ ଚିଠି ମାଧ୍ୟମରେ ମାମଲାର ଦଲିଲ, ଆଦେଶର ପ୍ରତି ଓ ସମ୍ପୃକ୍ତ ଐତିହାସିକ ପ୍ରମାଣପତ୍ର ଯାଞ୍ଚ କରିବା ସହ ଆବଶ୍ୟକ ସାମ୍ବିଧାନିକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ୱାଲର୍ଡ ହ୍ୟୁମାନ ରାଇଟସ ପ୍ରୋଟେକ୍ସନ ଅର୍ଗାନାଇଜେସନ ବରିଷ୍ଠ ସଦସ୍ୟ ପିନାକପାଣି ମହାନ୍ତି ।

# ଯୁବ ସମାଜସେବୀଙ୍କ ସ୍ମୃତିଚାରଣ ସଭାରେ ସ୍ମରଣିକା ଉନ୍ମୋଚିତ



ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରର ଯୁବ ସମାଜସେବୀ ତଥା ଶିକ୍ଷାବିତ ସ୍ୱର୍ଗତ ବିନାୟକ ସାହୁଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ,ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଶିଶୁ ସାହିତ୍ୟିକ କାଶିନାଥ ଦାସ,ଶିକ୍ଷାବିତ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଯୋଗଦେଇ ଯୁବ ସମାଜସେବୀଙ୍କ ସ୍ମୃତିଚାରଣ କରିଥିଲେ।ସ୍ୱର୍ଗତ ସାହୁ ଏକାଧାରାରେ ଥିଲେ ଜଣେ ସୁ ସଂଗଠକ,ଶିକ୍ଷାବିତ ଓ ସମାଜସେବୀ ବୋଲି ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଅତିଥିମାନେ ସମାଜସେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।ଯୁବ ସଂଗଠକ ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।ଏ ଅବସରରେ 'ସ୍ମୃତିରେ ବିନାୟକ' ଶିର୍ଷକ ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ବେଳେ ସ୍ୱର୍ଗତ ସାହୁଙ୍କ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ସ୍ମୃତିଚାରଣ ସଭାରେ ଖଣ୍ଡପଡ଼ା ସହରାଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

# ତ୍ରିରଙ୍ଗା ଶୋଭାଯାତ୍ରା



କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି କ୍ରମରେ ବାଗଲପୁରଠାରୁ ଏକ ରାଲି ଫୁଲନଖରା–ନିଆଳି ରାସ୍ତାରେ ଯାଇ କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଏଥିରେ ବିଧାୟକ ଛବି ମଲିକ, ବିଡ଼ିଓ ସ୍ୱପ୍ନିତା ନାୟକ, ତହସିଲଦାର ଶୁଭଙ୍କର ମହାନ୍ତି ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏଥିରେ ବିଜେପି କର୍ମୀଙ୍କ ସମେତ କାର୍ଯ୍ୟକର୍ତ୍ତା, ବିଭିନ୍ନ ମହିଳା ଗୋଷ୍ଠୀ ଓ ଜନସାଧାରଣ ସାମିଲ ହୋଇଥିଲେ। ଅପରପକ୍ଷରେ ସାମାଜିକ କର୍ମୀ ତୃପ୍ତିରଂଜନ ବେହେରାଙ୍କ ନେତୃତ୍ୱରେ ଏକ ସମାନ୍ତରାଳ ଧାରଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀ ମୂର୍ତ୍ତିନିକଟରେ ଆୟୋଜନ ହୋଇଥିଲା। ଏହାକୁ ନେଇ ଶାସକ ଗୋଷ୍ଠୀ ମଧ୍ୟରେ ନାନା ଗୁଞ୍ଜରଣ ସୃଷ୍ଟି ହୋଇଛି।

## ବାଇକ ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଦଶପଲ୍ଲା ,(ସବ୍ୟୁ): ଜାତୀୟ ରାଜପଥ ନଂ ୫୭ ବାଣିଗୋଛା ଥାନାର ନେତାଜୀ ଉଚ୍ଚ ମାଧ୍ୟମିକ ସମ୍ମୁଖରେ ଦୁଇଟି ବାଇକ ମଧ୍ୟରେ ଗତ ୧୨ ତାରିଖ ରାତିରେ ଦୁର୍ଘଟଣା ଘଟିଥିଲା। ଏଥିରେ ସ୍ଥାନୀୟ ଚଡେୟାପଲ୍ଲୀ ପଂଚାୟତ କେରାବାରି ଗାଁର ଆଦିବାସୀ ଯୁବକ ରବୀନ୍ଦ୍ର ଭୋଇ(୨୦) ଗୁରୁତର ଆହତ ହୋଇ ବାଣିଗୋଛା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଙ୍କଟ ଜନକ ଥିବାହେତୁ ନୟାଗଡ ପରେ ଭୁବନେଶ୍ୱର ଏମ୍ସ ତା ' ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲା। ଗତ ଦୁଇ ଦିନ ପୂର୍ବେ ରବୀନ୍ଦ୍ରକୁ ନିଜ ଗାଁକୁ ନେଇ ଆସିଥିଲେ।ମଙ୍ଗଳବାର ଦିନ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଜଟିଳ ହେବାରୁ ପୁଣି ଥରେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିବାର ୨ ଘଣ୍ଟା ପରେ ମୃତ ଘଟି ଥିଲା। ଏ ସମ୍ପର୍କ ରେ ବାଣିଗୋଛା ପୁଲିସ ପକ୍ଷ ରୁ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ବା ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣାର ଅଧିକ ପୁଲିସ ତଦନ୍ତ କରିବା ସହ ଦୁଇଟି ଯାକ ବାଇକ୍ ଜବତ କରିଛି ।

# ନନ୍ଦନକାନନରେ ନକଲି ଫିନାଇଲ ଘୋଟାଲା, ଫରେଷ୍ଟ ଗାର୍ଡଙ୍କୁ ମାଡ଼

ବାରଙ୍ଗ,(ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପୁଣି ବେପାର ଓ ଗୁଣ୍ଡାଗିରି ! ସଫେଇ ସାମଗ୍ରୀ ନାଁରେ ନକଲି ସାମଗ୍ରୀ ଯୋଗାଣ ହେଉଥିବା ବୁଧବାର ଦିନ ଧରାପଡିଛି। ଆର ଆର ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ବୁଧବାର ଆସିଥିବା ୧୩୦ ବୋତଲ ଫିନାଇଲ ମଧ୍ୟରୁ ଅଧିକାଂଶ ମାଟିଆ ରଙ୍ଗର ବିନା ସିଲର ନକଲି ଥିଲା। ଡ୍ୟୁଟିରେ ଥିବା ଫରେଷ୍ଟ ଗାର୍ଡ ସନ୍ତୋଷ ତରାଇ ଏହାକୁ ରିସିଭ କରିବାକୁ ମନା କରିଥିଲେ।ଏହା ପରେ ଷ୍ଟୋର ରେଞ୍ଜର ଅଫିସ ସମ୍ମୁଖରେ ତାଙ୍କୁ ଗାଳିଗୁଲଜ ଓ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଫରେଷ୍ଟ ଗାର୍ଡ ସନ୍ତୋଷ ତରାଇ,କୁହନ୍ତି ମୁଁ ଯାଞ୍ଚ ବେଳେ କଳା ଫିନାଇଲ ଜାଗାରେ ମାଟିଆ ରଙ୍ଗର ଏବଂ ବିନା ସିଲ ଓ ବିନା ବ୍ରାଣ୍ଡର ନକଲି ମାଲ ଦେଖିଲି। ରିସିଭ କହିପାରିବିନି ବୋଲି ମନା କରିବାରୁ ମୋତେ ମାଡ଼ ମରାଗଲା। ସିସିଟିଭି ଯାଞ୍ଚ କଲେ ସତ ଜଣାପଡିବ ବୋଲି କହିଛନ୍ତି । ସେମିତି କିଛି ହୋଇନି ବୋଲି –ଷ୍ଟୋର ରେଞ୍ଜର କପିଳଧର ପ୍ରଧାନ କହିଥିବା ବେଳେ ନନ୍ଦନକାନନ ଉପନିର୍ଦ୍ଦେଶକ ପ୍ରଦୀପ ମିରସେଙ୍କୁ ପଚାରିବାରୁ ସେ କୁହନ୍ତି ଘଟଣା ବିଷୟରେ ଶୁଣିଲି, ତଦନ୍ତ କରି ଦେଖୁଛ ବୋଲି କହିଛନ୍ତି । ତେବେ ଦୈନିକ ଲକ୍ଷାଧିକ ଟଙ୍କାର ସାମଗ୍ରୀ କେମିତି ଆସୁଛି ଏବଂ ଅସଲି ଦାମରେ ନକଲି ମାଲ ଯୋଗାଇ କିଏ ମାଲାମାଲ ହେଉଛି, ତାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

# ସାପ କାମୁଡାରେ ଶିଶୁ ମୃତ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଫପାଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଣାହଟା ମଠସାହି ଗ୍ରାମରେ ବୁଧବାର ପୂର୍ବାହ୍ନ ରେ ସାପ କାମୁଡାରେ ଏକ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ଜଣାପଡିଛି । ବୋତଣ୍ଡା ଗ୍ରାମର ଦୀପକ ରଂଜନ ଭୋଇ ଓ ସସ୍ମୀତା ଭୋଇ ଙ୍କର ଏକ ମାତ୍ର ଶିଶୁ ପୁତ୍ର ରୁଦ୍ର ତାଙ୍କ ମାମୁଁ ଘରକୁ ବୁଲିବାକୁ ଆସିଥିଲା । ସେ ବୁଧବାର ସକାଳେ ବାରିପଟକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ତା ଗୋଡ଼କୁ କାମୁଡି ଦେଇଥିଲା । ତା ଅଜା ଟୁକୁନା ଭୋଇ ତାକୁ ସଙ୍ଗେ ସଙ୍ଗେ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । କିନ୍ତୁ ତାର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ କ୍ୟାପିଟାଲ ମେଡିକାଲ ପଠାଯାଇଥିଲା । ହେଲେ ଡାକ୍ତର ସେଠାରେ ତାକୁ ମୃତ୍ତୁ ଘୋଷଣା କରିଥିଲେ । ସ୍ଥାନୀୟ ପୋଲିସ ଏକ ଅପମୃତ ମାମଲା ରୁଜ ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡିଛି ।

# ଥାର ଗାଡି ଧକ୍କାରେ ଷଣ୍ଢ ସହ ବାଇକ ଆରୋହୀ ମୃତ

ପିପିଲି ,(ସବ୍ୟୁ): ବୁଧବାର ଭୋର ସମୟରେ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥ ର ପିପିଲି ନିକଟବର୍ତ୍ତୀ ସିଉଳା ଛକର ଅନତି ଦୂରରେ ଏକ ଦ୍ରୁତଗାମୀ ଥାର ଗାଡି ଧକ୍କାରେ ଏକ ଷଣ୍ଢ ସହ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି । ଉକ୍ତ ଥାର ଗାଡିଟି ଭୁବନେଶ୍ୱର ଅଭିମୁଖେ ଅତି ଦ୍ରୁତ ଗତିରେ ଯାଉଥିବା ବେଳେ ପ୍ରଥମେ ପିପିଲି ଟୋଲପ୍ଲାଜା ଠାରେ ଡିଭାଇଡ଼ରରେ ମାଡ ହୋଇଥିଲା । ପରେ ଦୁଇକିଲୋମିଟର ପରେ ସିଉଳା ଛକ ନିକଟରେ ଷଣ୍ଢକୁ ଧକ୍କା ଦେବା ସହିତ ବାଇକ ଯୋଗେ ଫୁଲ ତୋଳିବାକୁ ଯାଉଥିବା ଅଶୋକ କୁମାର ଦାସ (୬୦) ନାମକ ବ୍ୟକ୍ତିକୁ ଧକ୍କା ଦେଇ ସେହିଠାରେ ଓଲଟି ପଡିଥିଲା । ପିପିଲି ପୁଲିସ ଘଟଣା ସ୍ଥଳରେ ପହଂଚି ଅଶୋକଙ୍କୁ ପିପିଲି ହସ୍ପିଟାଲକୁ ପଠାଇଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।° ଥାର ଗାଡି ଭିତରୁ ଜଣେ ଆହତ ଯୁବକଙ୍କୁ ପୁଲିସ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି । ଅନ୍ୟ ଥାର ଆରୋହୀମାନେ ଖସି ପଳାଇ ଥିବାର ପୁଲିସ ଠାରୁ ଜାଣିବାକୁ ମିଳିଛି । ପୁଲିସ ଗାଡି ଦୁଇଟିକୁ ଜବତ କରିବା ସହିତ ମୃତକଙ୍କ ଶବ ବ୍ୟବଛେଦ ପାଇଁ ପିପିଲିରୁ ଭୁବନେଶ୍ୱର ମୂଖ୍ୟ ଚିକିତ୍ସାଳୟ୍କୁ ପଠାଇଛନ୍ତି । ମୃତଙ୍କ ଘର ସ୍ଥାନୀୟ ସିଉଳା ହାଇଟେକ କଲୋନୀରେ ବୋଲି ଜାଣିବାକୁ ମିଳିଛି ।

# ଅଚ୍ୟୁତପୁର ଦାଶରଥି ମହାପାତ୍ର ଉଚ୍ଚ ବିଦ୍ୟାଳୟରେ ଶ୍ରାଦ୍ଧ ବାର୍ଷିକୀ




ନିରାକାରପୁର,(ସବ୍ୟୁ): ଖୋରଧା ଜିଲ୍ଲା ଅଚ୍ୟୁତପୁର ଦାଶରଥି ମହାପାତ୍ର ହାଇସ୍କୁଲ ପରିସରରେ ବୁଧବାର ଦିନ ବିଦ୍ୟାଳୟରେ ଦାଶରଥି ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି।ପ୍ରାକ୍ତନ ଶିକ୍ଷକ ବସନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଭାକାର୍ଯ୍ୟ ଆରମ୍ଭରୁ ଡାକ୍ତର ଦାଶରଥି ମହାପାତ୍ର ଓ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ବିଦ୍ୟାଳୟର ପ୍ରତିଷ୍ଠାତା ରାମଚନ୍ଦ୍ର ମହାପାତ୍ର, ସହଧର୍ମିଣୀ କଳ୍ପନା ମହାପାତ୍ର, ପୁତ୍ର ଗୋଲକ ବିହାରୀ ମହାପାତ୍ର, ନାତି ଭୀଷ୍ମ ନାରାୟଣ ମହାପାତ୍ର,ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଗୋଦାବରୀଶ ସାହୁ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରତିଷ୍ଠାତା ରାମଚନ୍ଦ୍ର ମହାପାତ୍ର , କମାଗୁରୁ ଆର୍.କେ. କଲେଜର ସେବାନିବୃତ୍ତ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ଯୋଗଦେଇ ଦାଶରଥି ମହାପାତ୍ରଙ୍କ ସ୍ମୃତି, ଜୀବନୀ ଓ ଅବଦାନ ସମ୍ପର୍କରେ ଗୁଣଗାନ କରିଥିଲେ ।ଏହି ଅବସରରେ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ଗଦାଧର ସାହୁଙ୍କର ହୃଦଘାତରେ ପରଲୋକ ଘଟିଥିବାରୁ ତାଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

# ବାଲୁଗାଁ ମହାବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା




ବାଲୁଗାଁ ,(ସବ୍ୟୁ): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ଶହ ଶହ ଛାତ୍ର ଛାତ୍ରୀ ଯୋଗଦାନ କରି ବାଲୁଗାଁ ସହର ପରିକ୍ରମା ପୂର୍ବକ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦିଗଦର୍ଶନରେ ଜାତୀୟ ସେବାଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ଼କ୍ରସ, ରୋଭର୍ସ ରେଞ୍ଜର ଓ ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତିନି ଶହରୁ ଉର୍ଦ୍ଧ ଛାତ୍ର ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ, ଦେଶପ୍ରେମ ସଂଗୀତ ଗାନ କରି ଶୋଭାଯାତ୍ରା କରି ଫେରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ଆଭାସୀ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ, ସ୍ୱାତୀ ସାଗତିକା ସାହୁ,ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଚନ୍ଦନ ନାୟକ, ଯୁବ ରେଡ଼କ୍ରସ ଅଧିକାରୀ ଡକ୍ଟର ମନସ୍ୱିନୀ ପଟ୍ଟନାୟକ,ଅଧ୍ୟାପକ ଧୋବୀ ଚରଣ ପରିଡା, ରୋଭର୍ସ ରେଞ୍ଜର ଅଧିକାରୀ ସ୍ନିଗ୍ଧାରାଣୀ ମୁଦୁଲି, ଦୀପକ ପରିଡା, ଅଧ୍ୟାପକ ପତିତପାବନ ପଣ୍ଡା, ଅଧ୍ୟାପକ ହିମାଂଶୁ କୁମାର ଦାଶ,ଅଧ୍ୟାପକ ବିଶବିଜୟୀ ଦାଶ, ଅଧ୍ୟାପକ ନବୀନ ବାରିକ, ବିଶ୍ୱଜିତ ଦାସ ପ୍ରମୁଖ ।

# ସାପ କାମୁଡ଼ାରେ ମହିଳା ମୃତ

କଣ୍ଟିଲୋ,(ସବ୍ୟୁ) : ସୋମବାର ରାତିରେ ସାପ କାମୁଡ଼ିବାରୁ କଣ୍ଟିଲୋ ହରିସୁବୁଦ୍ଧି ପାଟଣାର କୁମ ନାଏକ(୬୩) ନାମକ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ରାତି ପରିବାର ସହ ଶୋଇଥିବା ବେଳେ ବିଷାକ୍ତ ସାପ ଦଂଶନ କରିଥିଲା। ତାଙ୍କୁ ସଂଗେ ସଂଗେ ନୟାଗଡ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ହୋଇଥିଲା। ତେବେ ସେଠି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ତାଙ୍କ ଆକସ୍ମିକ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ଠକେଇ ଅଭିଯୋଗରେ ଯୁବକ ଗିରଫ

ଦଶପଲ୍ଲା,(ସବ୍ୟୁ): ଠକେଇ ଅଭିଯୋଗ ରେ ଦଶପଲ୍ଲା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଙ୍କ ନାଁ କୃପାସିନ୍ଧୁ ହାତୀ(୪୧) ଓ ତାଙ୍କ ଘର ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ବରପାଳ ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । କୃପାସିନ୍ଧୁ ଜଣେ କାଠ ବ୍ୟବସାୟୀ । ସେ ଦଶପଲ୍ଲା ଥାନା ଦିନଦାଭୁଇଁ ଗ୍ରାମର ଧ୍ରୁବ ଚରଣ ପ୍ରଧାନ (୭୬) ଙ୍କ ଠାରୁ ୬ ଲକ୍ଷ ୫୦ ହଜାର ଟଙ୍କା ନେଇ ଫେରାଇ ନଥିଲେ । ଟଙ୍କାଦେବା ବଦଳରେ ସେ ୩ ଲକ୍ଷ ଓ ୩ ଲକ୍ଷ ୫୦ ହଜାର ଟଙ୍କାର ଦୁଇଟି ଚେକ ଦେଇଥିଲେ । ମାତ୍ର ଏହି ଦୁଇ ଚେକ ବାଉନ୍ସ ହୋଇଥିଲା । ଫଳରେ ଦୀନବନ୍ଧୁ ଦଶପଲ୍ଲା ଥାନାରେ ଅଭିଯୋଗ କେଇବା ପରେ ପୋଲିସ କୃପାସିନ୍ଧୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଛାତ୍ରଙ୍କ ଅକାଳ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି ସଭା



ବାଲିଅନ୍ତା,(ସବ୍ୟୁ): ଗତ ୮ ତାରିଖରେ ପୁରୀ ଶ୍ୱେତଗଙ୍ଗା ପୋଖରୀରେ ବୁଡ଼ିଯାଇ ମୃତ୍ୟୁ ହୋଇଥିବା ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଟୋଲକପଡା ଗ୍ରାମର ସମ୍ବିତ ପ୍ରଧାନଙ୍କ ମଙ୍ଗଳବାର ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ବିଜେଇଏମର ନିର୍ଦ୍ଦେଶକ ପ୍ରତାପ ଜେନା, ଶିକ୍ଷକ/ଶିକ୍ଷୟତ୍ରୀ, ସହପାଠୀ, ଆତ୍ମୀୟସ୍ୱଜନ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ କମ ବୟସରେ ଜଣେ ଛାତ୍ରର ଅକାଳ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିଥିଲେ ।ଏହି ଶ୍ରଦ୍ଧାଞ୍ଜଳି ସଭାକୁ ଶରତ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ପ୍ରଧାନ, ବିଭୁତି ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ସୁଧୀର ରାୟ ଓ ସ୍ୱରୂପ ରାୟ ପରିଚାଳନା କରିଥିଲେ । ଶେଷରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଧ୍ୟୟନ କରୁଥିବା ବିଜେଇଏମ ସ୍କୁଲର ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ସହପାଠୀଙ୍କୁ ଚାରା ପ୍ରଦାନ କରାଯାଇଥିଲା ।

# ସମ୍ପାଦକୀୟ

## ମୃତ ସରକାରୀ କର୍ମଚାରୀଙ୍କ ପାଇଁ ଅଭିନବ ଯୋଜନା

ଯେଉଁ ରାଜ୍ୟ ସରକାରୀ ଅଧିକାରୀ ବା କର୍ମଚାରୀ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରନ୍ତି, ସେମାନଙ୍କ ପରିବାର ତ ଘୋର ଦୁର୍ଦ୍ଦଶା ଓ ମନସ୍ତାପ ମଧ୍ୟରେ ରହିଥା'ନ୍ତି । ସେମାନଙ୍କ ପରିବାରର ଜଣକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦେଇ ଥଇଥାନ ଅବଶ୍ୟ କରା ଯାଉଥିଲା । ମାତ୍ର ପ୍ରଚଳିତ ଏହି ନିୟମକୁ ରାଜ୍ୟ ସରକାର ବଦଳାଇ ଏକ ନୂତନ ଢଙ୍ଗରେ କରିଛନ୍ତି, ଯାହା ପ୍ରାୟ ସମସ୍ତଙ୍କଦ୍ୱାରା ଆଦୃତ ହୋଇଛି । ଗତ ୧୮.୦୮.୨୦୨୬ ତାରିଖରେ ରାଜ୍ୟ ସରକାର ଏ ସଂକ୍ରାନ୍ତରେ ନୂତନ ବିଜ୍ଞପ୍ତି ଜାରି କରିଛନ୍ତି । ଓଡ଼ିଶା ପ୍ରଶାସନିକ ସେବା ସମୂହର (ଥଇଥାନ ସହାୟତା) ନିୟମାବଳି ୨୦୨୬ ଆଇନଟିର ନୂତନ ବିଜ୍ଞପ୍ତି ଜାରି କରି ପ୍ରଚଳିତ ୨୦୨୦ ନିୟମାବଳିର ସଂଶୋଧନ କରିଛନ୍ତି । ଫଳରେ ମୃତ ସରକାରୀ କର୍ମଚାରୀଙ୍କ ପରିବାରରୁ ଜଣେ ସହଜରେ ନିଯୁକ୍ତି ପାଇ ପାରିବେ ଏବଂ ପ୍ରଚଳିତ ଶହେ ବିନ୍ଦୁ ବିଶିଷ୍ଟ ମୂଲ୍ୟାୟନ ପଦ୍ଧତିର ଉଚ୍ଛେଦ ତଦ୍ଦ୍ୱାରା ହୋଇଛି ।

ଏହି ନୂତନ ନିୟମ ପ୍ରଚଳିତ ନିୟମଠାରୁ ଯଥେଷ୍ଟ ଭଲ ବୋଲି ମନେ ହେଉଛି । ଏହି ନିୟମନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଯୋଗ୍ୟ ସଦସ୍ୟଙ୍କୁ ଚତୁର୍ଥ ଶ୍ରେଣୀ ପଦବୀରେ ଥଇଥାନ କରାଯାଇ ପାରିବ । ନିୟମିତ ନିଯୁକ୍ତି ଧାରାରେ ଏହି ନିଯୁକ୍ତି ନ ହୋଇ ଅନୁମୋଦିତ ଯୋଗ୍ୟତା ଆଧାରର ସର୍ତ୍ତାବଳିରେ ଏହି ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ହୋଇଛି । ଏହି ନୂତନ ନିୟମାନୁଯାୟୀ ସରକାରୀ ଚାକିରିରେ ଥାଇ ଯଦି କୌଣସି କର୍ମଚାରୀଙ୍କର ମୃତ୍ୟୁ ହୁଏ, ତେବେ ତାଙ୍କର ପତ୍ନୀଙ୍କୁ ଯଦି ଥଇଥାନ କରାଯାଏ, ତାଙ୍କର ଶିକ୍ଷାଗତ ଯୋଗ୍ୟତା ଆଉ ଦେଖାଯିବ ନାହିଁ । ନିଯୁକ୍ତିଦାତା ଯଦି ଅନୁଭବ କରିବେ ଯେ ବିଧବାଜଣକଙ୍କର ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ୍ୟ ସେ ସରକାରୀ କାର୍ଯ୍ୟଟି ଠିକ୍ ଭାବେ ତୁଲାଇ ପାରିବେ ତାହେଲେ ତାଙ୍କୁ ନିଯୁକ୍ତି ମିଳି ପାରିବ ।

**ଏହି ଥଇଥାନ ନିଯୁକ୍ତି ଯୋଗ୍ୟତାରେ ପୁଅମାନଙ୍କ ବ୍ୟତୀତ, ଅନ୍ୟ ପତ୍ନୀଙ୍କ ପୁତ୍ର ବା କନ୍ୟା କିମ୍ବା ପୋଷ୍ୟପୁତ୍ର କରିଥିବା ପୁତ୍ର ବା ପୁତ୍ରୀଙ୍କୁ ମଧ୍ୟ ନିଯୁକ୍ତି ମିଳିପାରିବ, କିନ୍ତୁ ସେମାନେ ମୃତ ସରକାରୀ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବୋଲି ପ୍ରମାଣ କରିବାକୁ ପଡ଼ିବ । ମୃତ ସରକାରୀ କର୍ମଚାରୀଙ୍କ ବିଧବା କନ୍ୟା ବା ବୋହୂ ଯଦି ସ୍ଥାୟୀଭାବେ ତାଙ୍କ ଘରେ ରହୁଥିବେ, ତେବେ ସେମାନଙ୍କୁ ମଧ୍ୟ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ମିଳି ପାରିବ ।**

ଆହୁରି ମଧ୍ୟ ଜଣାଯାଇଛି ଯେ ଯେକୌଣସି ସରକାରୀ କର୍ମଚାରୀ କାର୍ଯ୍ୟରତ ଅବସ୍ଥାରେ ପ୍ରାଣତ୍ୟାଗ କଲେ, ତାଙ୍କର ବିଧାବା ପତ୍ନୀ/ପତିଙ୍କୁ ଯଦି ନିଯୁକ୍ତି ଦେବାକୁ ଥାଏ, ଯଦି ତାଙ୍କର ବୟସ ୫୦ ବର୍ଷ ସେତେବେଳକୁ ହୋଇଥାଏ ଏବଂ ଚାକିରି କରିବାକୁ ଯଦି ବିଧବା ପତ୍ନୀ ବା ପତି ଅନିଚ୍ଛୁକ ଥିବେ କିମ୍ବା ଅସୁସ୍ଥ ଥିବେ ବୋଲି ଡାକ୍ତରମାନଙ୍କର ବୋର୍ଡ ତାଙ୍କୁ ଘୋଷଣା କରିଥିବେ, ତାହେଲେ ପତ୍ନୀ ବା ପତି ପରିବାରର ଯୋଗ୍ୟତା ଥିବା ଅନ୍ୟ କୌଣସି ସଦସ୍ୟଙ୍କୁ ନିଯୁକ୍ତି ଦେବା ସକାଶେ ସୁପାରିଶ କରିପାରିବେ ।

ଯଦି ସରକାରୀ କର୍ମଚାରୀଙ୍କ ବିଧବା ପତ୍ନୀ ବା ପତି ବଞ୍ଚି ନଥିବେ, ସେ କ୍ଷେତ୍ରରେ ପରିବାରର ଯେକୌଣସି ସଦସ୍ୟଙ୍କୁ ଏଥିପାଇଁ ବଛାଯାଇ ପାରିବ ।

ଏହି ଥଇଥାନ ନିଯୁକ୍ତି ଯୋଗ୍ୟତାରେ ପୁଅମାନଙ୍କ ବ୍ୟତୀତ, ଅନ୍ୟ ପତ୍ନୀଙ୍କ ପୁତ୍ର ବା କନ୍ୟା କିମ୍ବା ପୋଷ୍ୟପୁତ୍ର କରିଥିବା ପୁତ୍ର ବା ପୁତ୍ରୀଙ୍କୁ ମଧ୍ୟ ନିଯୁକ୍ତି ମିଳିପାରିବ, କିନ୍ତୁ ସେମାନେ ମୃତ ସରକାରୀ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବୋଲି ପ୍ରମାଣ କରିବାକୁ ପଡ଼ିବ । ମୃତ ସରକାରୀ କର୍ମଚାରୀଙ୍କ ବିଧବା କନ୍ୟା ବା ବୋହୂ ଯଦି ସ୍ଥାୟୀଭାବେ ତାଙ୍କ ଘରେ ରହୁଥିବେ, ତେବେ ସେମାନଙ୍କୁ ମଧ୍ୟ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ମିଳି ପାରିବ ।

ରାଜ୍ୟ ସରକାର ଏହି ଥଇଥାନ ନିଯୁକ୍ତି କ୍ଷେତ୍ରରେ ଏକ ସଂସ୍କାର ଆଣି ପାରିଛନ୍ତି, ଏଥିରେ ସନ୍ଦେହ ନାହିଁ । ମାତ୍ର ନିଯୁକ୍ତି ପାଇଁ ଯୋଗ୍ୟତା ହାସଲ କରି ସୁଦ୍ଧା ବାରମ୍ବାର ଯେପରି ଦୌଡ଼ିବାକୁ ନ ପଡ଼େ, ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ପାରିଲେ ଓ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ କଠୋର ଦଣ୍ଡବିଧାନ କରି ନ ପାରିଲେ, ଏପରି ଥଇଥାନ ଯୋଜନାରୁ କ୍ଷତିଗ୍ରସ୍ତ ପରିବାର ଉପକୃତ ହୋଇ ପାରିବେ ନାହିଁ ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ସ୍ୱାଧୀନତାର ଭିନ୍ନ ଏକ ସଂଜ୍ଞା



**ଡ. ମୃଣାଳ ଚାଟାର୍ଜୀ**

ପ୍ରତିବର୍ଷ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଆମେ ମନେ ପକାଉ -ଏଇ ସେହି ଦିନ, ଯେଉଁଦିନ ଔପନିବେଶିକ ଶାସନର ଅବସାନ ଘଟିଥିଲା ଏବଂ ଭାରତ ରାଜନୈତିକ ଭାବେ ସ୍ୱାଧୀନ ହୋଇଥିଲା । ଆମେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ, ସ୍ୱାଧୀନତା ପାଇଁ ସେମାନଙ୍କ ବଳିଦାନକୁ ସ୍ମରଣ କରୁ । ୧୯୪୭ ଅଗଷ୍ଟ ୧୪ ମଧ୍ୟରାତ୍ରିର ସେହି ଐତିହାସିକ ଭାଷଣକୁ ମନେ ପକାଉ । ତେବେ ଭାରତର ସ୍ୱାଧୀନତାର ଆଠ ଦଶନ୍ଧି ପରେ ବୋଧହୁଏ ଆମକୁ ଆଉ ଗୋଟିଏ ଅଧିକ ଅର୍ଥପୂର୍ଣ୍ଣ ପ୍ରଶ୍ନ ପଚାରିବା ଆବଶ୍ୟକ- ସ୍ୱାଧୀନତା କାହାଠାରୁ ଏବଂ କିପରି ?

୧୯୪୭ରେ ସ୍ୱାଧୀନତାର ଅର୍ଥ ଥିଲା ବିଦେଶୀ ଶାସନରୁ ମୁକ୍ତି । କିନ୍ତୁ ରାଜନୈତିକ ସ୍ୱାଧୀନତା ଥିଲା କେବଳ ଏକ ଆରମ୍ଭ । ଏହା ପରବର୍ତ୍ତୀ ସଂଗ୍ରାମ ଥିଲା ଏବଂ ଆଜି ମଧ୍ୟ ରହିଛି- କ୍ଷୁଧା, ଦାରିଦ୍ର୍ୟ, ବୈଷମ୍ୟ, ନିରକ୍ଷରତା, ଅଶିକ୍ଷା, ଭୟ ଓ ଅସମ୍ମାନରୁ ମୁକ୍ତି ପାଇଁ । ଉଦ୍ଦେଶ୍ୟ: ଏପରି ଏକ ସମାଜ ଗଢ଼ିବା, ଯେଉଁଠି ପ୍ରତ୍ୟେକ ନାଗରିକ ସମ୍ମାନର ସହିତ ବଞ୍ଚିପାରିବେ ଏବଂ ଗଣତନ୍ତ୍ରରେ ଅର୍ଥପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିପାରିବେ । ଆଜି ଔପନିବେଶିକ ଶାସନ ଇତିହାସର ବିଷୟ । କିନ୍ତୁ ସ୍ୱାଧୀନତାର ଅନ୍ୟାନ୍ୟ ରୂପ ଆମ ସମ୍ମୁଖରେ ଏବେ ମଧ୍ୟ ଚ୍ୟାଲେଞ୍ଜ ହୋଇ ରହିଛି । ନିତି ଆୟୋଗଙ୍କ (NITI Aayog) ସଦ୍ୟତମ ତଥ୍ୟ ଅନୁଯାୟୀ, ଭାରତର ବହୁମୁଖୀ ଦାରିଦ୍ର୍ୟ ହାର ପ୍ରାୟ ୧୧.୨୮ ପ୍ରତିଶତ ଅର୍ଥାତ ପ୍ରାୟ ୧୫ ରୁ ୧୬ କୋଟି ଲୋକ ଏଯାଏଁ ଅତ୍ୟନ୍ତ ଗରିବ ହୋଇ ଅଛନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ବେଶ ପଛରେ ରହିଛି । ଦେଶ ଏଯାଏଁ ଅସମାନତାରୁ ମୁକ୍ତ ହୋଇ ପାରିନାହିଁ । ଗତ ୮୦ ବର୍ଷ ଭିତରେ ଅସମାନତା ବରଂ ବଢ଼ିଛି । ଯେତେବେଳେ ଆର୍ଥିକ ବୈଷମ୍ୟ କୋଟି କୋଟି ଲୋକଙ୍କ ପାଇଁ ପସନ୍ଦର ସୁଯୋଗକୁ ସୀମିତ କରିଦିଏ, ସେତେବେଳେ ସ୍ୱାଧୀନତାର ସୁଫଳ ସମସ୍ତେ ସମାନ ଭାବେ ଉପଭୋଗ କରି ପାରୁନାହାନ୍ତି । ପ୍ରଯୁକ୍ତିର ବିକାଶ ହୋଇଛି । କିନ୍ତୁ ଯେତେବେଳେ ପ୍ରଯୁକ୍ତି ଆମର ଚେତନାକୁ ନିଜ ନିୟନ୍ତ୍ରଣରେ ନେଇ ଆମର ପସନ୍ଦକୁ ନିରବରେ ପ୍ରଭାବିତ କରେ, ସେତେବେଳେ ପ୍ରଶ୍ନ ଉଠେ- ଆମେ କେତେଦୂର ସ୍ୱାଧୀନ ହୋଇଛୁ ?

**ସ୍ୱାଧୀନତା କେବଳ କିଏ ଆମକୁ ଶାସନ କରୁଛି, ତାହାର ପ୍ରଶ୍ନ ନୁହେଁ । ଏହା ମଧ୍ୟ ଏକ ପ୍ରଶ୍ନ-ଆମେ ନିଜକୁ ନିଜେ ଶାସନ କରିବାର କ୍ଷମତା ରଖୁଛୁ କି? ଏକ ସମାଜ ରାଜନୈତିକ ଭାବେ ସ୍ୱାଧୀନ ହୋଇପାରେ, କିନ୍ତୁ ଚିନ୍ତାଧାରାରେ ପରାଧୀନ, ପ୍ରଯୁକ୍ତିଗତ ଭାବେ ଅସୁରକ୍ଷିତ, ସାମାଜିକ ଭାବେ ବୈଷମ୍ୟପୂର୍ଣ୍ଣ କିମ୍ବା ମାନସିକ ଭାବେ ପରାଧୀନ ହୋଇପାରେ । ଆମକୁ ଏ ସବୁ କ୍ଷେତ୍ରରେ ସ୍ୱାଧୀନ ହେବାକୁ ପଡ଼ିବ ।**

ତେଣୁ ସ୍ୱାଧୀନତା କେବଳ କିଏ ଆମକୁ ଶାସନ କରୁଛି, ତାହାର ପ୍ରଶ୍ନ ନୁହେଁ । ଏହା ମଧ୍ୟ ଏକ ପ୍ରଶ୍ନ-ଆମେ ନିଜକୁ ନିଜେ ଶାସନ କରିବାର କ୍ଷମତା ରଖୁଛୁ କି? ଏକ ସମାଜ ରାଜନୈତିକ ଭାବେ ସ୍ୱାଧୀନ ହୋଇପାରେ, କିନ୍ତୁ ଚିନ୍ତାଧାରାରେ ପରାଧୀନ, ପ୍ରଯୁକ୍ତିଗତ ଭାବେ ଅସୁରକ୍ଷିତ, ସାମାଜିକ ଭାବେ ବୈଷମ୍ୟପୂର୍ଣ୍ଣ କିମ୍ବା ମାନସିକ ଭାବେ ପରାଧୀନ ହୋଇପାରେ । ଆମକୁ ଏ ସବୁ କ୍ଷେତ୍ରରେ ସ୍ୱାଧୀନ ହେବାକୁ ପଡ଼ିବ ।

ସ୍ୱାଧୀନତା ସଂଗ୍ରାମ ଆମକୁ ସାହସ ଶିଖାଇଥିଲା-ଏକ ସାମ୍ରାଜ୍ୟର ବିରୋଧରେ ଠିଆ ହେବାର ସାହସ । ଆଜି ଆମ ସମ୍ମୁଖରେ ଥିବା ଚ୍ୟାଲେଞ୍ଜ ଭିନ୍ନ, କିନ୍ତୁ ସେତିକି ଗଭୀର-ନିଜକୁ ନିଜେ ପ୍ରଶ୍ନ କରିବାର ସାହସ ।

ବୋଧହୁଏ ସ୍ୱାଧୀନତା ଦିବସ ପାଳନ କରିବାର ସର୍ବୋତ୍ତମ ଉପାୟ କେବଳ ଭାରତ କ'ଣ ହାସଲ କରିଛି ତାହା ପଚାରିବା ନାହିଁ ଏବେ ବରଂ ପରବର୍ତ୍ତୀ ପିଢ଼ି ପାଇଁ ଆମେ କି ପ୍ରକାର ସ୍ୱାଧୀନତା ସୃଷ୍ଟି କରୁଛୁ, ତାହା ପଚାରିବା ।

ସ୍ୱାଧୀନତା ତେଣୁ ୧୯୪୭ରେ ସମାପ୍ତ ହୋଇଥିବା ଏକ ଐତିହାସିକ ଘଟଣା ନୁହେଁ । ଏହା ଏକ ନିରନ୍ତର ପ୍ରକ୍ରିୟା ।

**ପ୍ରଫେସର ଅଫ୍ ପ୍ରାକ୍ଟିସ୍, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍), ଭୁବନେଶ୍ୱର, ଓଡ଼ିଶା**
**ମୋ-୯୪୩୭୦ ୨୬୧୯୪**

## ଧର୍ମପୀଠ ପାଇଁ ଟ୍ରିବ୍ୟୁନାଲ ଗଠିତ ହେଉ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ, ଅଯୋଧ୍ୟାରୁ ଉଜ୍ଜୟିନୀ ପର୍ଯ୍ୟନ୍ତ । ଦାନଠାରୁ ଧର୍ମ ପର୍ଯ୍ୟନ୍ତ । ଜମି ଠାରୁ ଆରମ୍ଭ କରି ଲାଭ ପର୍ଯ୍ୟନ୍ତ । ଏହା କେବଳ ଭକ୍ତିର କଥା ନୁହେଁ, ଗମ୍ଭୀର ଅର୍ଥନୀତିର କାହାଣୀ ।

ଗୋଟିଏ ପଟେ ଶହ ଶହ କୋଟି ଟଙ୍କାର ଦାନ, ଅନ୍ୟପଟେ ଧର୍ମସ୍ଥଳୀ-କେନ୍ଦ୍ରିକ ବିକାଶ ଯୋଗୁଁ ଆକାଶଛୁଆଁ ହେଉଥିବା ଜମିର ଦର । ଯେତେବେଳେ ଏତେ ପରିମାଣର ଅର୍ଥ ଏବଂ ଜମି ଏକାଠି ହୋଇଥାଏ, ସେତେବେଳେ ସନ୍ଦେହ ସୃଷ୍ଟି ହୁଏ ଏବଂ ପ୍ରଶ୍ନ ମଧ୍ୟ ଉଠେ ଯେ, ଏହି ଅର୍ଥନୀତିର ଉତ୍ତରଦାୟିତ୍ୱ କାହା ପାଖରେ ଅଛି?

୨୨ ଜାନୁଆରୀ ୨୦୨୪ ସେହି ଐତିହାସିକ ତାରିଖ, ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦେଶର ସାଧୁସନ୍ଥ, ସେବକ, କୋଟି କୋଟି ଭକ୍ତଙ୍କ ଆଖିରୁ ଲୁହ ବହି ଯାଉଥିଲା, କାରଣ ସେମାନଙ୍କର ଶତାବ୍ଦୀର ସ୍ୱପ୍ନ ସାକାର ହେଉଥିଲା । ମନ୍ଦିର ଖୋଲିବା ପରଠାରୁ ମନ୍ଦିର ଟ୍ରଷ୍ଟକୁ ଶହ ଶହ କୋଟି ଟଙ୍କାର ଦାନ ମିଳିସାରିଛି ।

ନଗଦ, ସୁନା, ରୁପା, ସାମଗ୍ରୀ ସବୁକିଛି ଆସୁଛି । କିନ୍ତୁ, ନିକଟରେ ଦାନ ପରିଚାଳନାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କ୍ୟାଶ୍ ହ୍ୟାଣ୍ଡଲିଙ୍ଗ୍‌ରେ ଅବହେଳା, କିଛି ପୁରୁଣା ଦାନର ହିସାବ ନ ମିଳିବା, ଦାନ ବାକ୍ସରେ ଅର୍ଥ ରହିବା । ଟ୍ରଷ୍ଟ ନିଜେ ଏହି ଅନିୟମିତତାର ତଦନ୍ତ ଦାବି କରିବାରୁ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ SIT କୁ ନିଯୁକ୍ତ ଦିଆଗଲା । ଦୋଷୀ ଧରା ପଡି ଗିରଫ ହେଲେ । କିନ୍ତୁ ପ୍ରଶ୍ନ ଉଠେ ଏତେ ବଡ଼ ସ୍ତରରେ ଦାନ ଆସିବା ପରେ ମଧ୍ୟ ଧର୍ମସ୍ଥଳୀଗୁଡ଼ିକରେ ସ୍ୱଚ୍ଛ ବ୍ୟବସ୍ଥା କାହିଁକି ନାହିଁ?

ତୀର୍ଥ ସ୍ଥାନମାନଙ୍କରେ ମନ୍ଦିର ଏବଂ କରିଡର ନିର୍ମାଣ ନାମରେ ଜମି ଅଧିଗ୍ରହଣ ଓ ରାସ୍ତା ପ୍ରଶସ୍ତୀକରଣ କାମ ହୁଏ । ହଜାର ହଜାର ଘର ଏବଂ ଦୋକାନ ପ୍ରଭାବିତ ହୁଅନ୍ତି । ଅନେକ ସ୍ଥାନରେ ଲୋକମାନେ କ୍ଷତିପୂରଣକୁ ଅପର୍ଯ୍ୟାପ୍ତ ବୋଲି କହିଥିବାବେଳେ, କିଛି ଲୋକ କହିଛନ୍ତି ଯେ ସେମାନଙ୍କ ଜମିକୁ ଜବରଦଖଲ ବୋଲି ଦର୍ଶାଇ ଦିଆଗଲା । ଏହି ବିବାଦଗୁଡ଼ିକ ଦୀର୍ଘ ଦିନ ଧରି ଅଦାଲତରେ ବିଚାରାଧୀନ ରୁହେ ।

ଆମ ଶ୍ରୀମନ୍ଦିରରେ ବର୍ଷ ସାରା ଚାଲୁଥିବା ଦ୍ୱାଦଶ ଯାତ୍ରା, ଭକ୍ତ ଓ ଭଗବାନଙ୍କ ମିଳନର ଏକ ଅପୂର୍ବ ମାଧ୍ୟମ । ଶ୍ରୀମନ୍ଦିରକୁ ନେଇ ଜନମାନସରେ ଥିବା ଅତୁଟ ଆସ୍ଥା ବା ଭକ୍ତି ଯେତିକି ନିର୍ମଳ, ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ଓ ବାହ୍ୟ ବ୍ୟବସ୍ଥାକୁ ନେଇ ସୃଷ୍ଟି ହେଉଥିବା ବିବାଦ ସେତିକି ନିରାଶାଜନକ । ଶ୍ରୀମନ୍ଦିରର ଦୈନନ୍ଦିନ ନୀତିକାନ୍ତି ଏକ ସୂକ୍ଷ୍ମ ଗଣିତ ଏବଂ ପରମ୍ପରା ଉପରେ ଆଧାରିତ । ମାତ୍ର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଅନେକ ସମୟରେ ମହାପ୍ରଭୁଙ୍କ ନୀତି ବିଳମ୍ବ ହୁଏ ।

ଭୋଗ ଉଠିବାରେ ବିଳମ୍ବ ହେବା କିମ୍ବା ମହାର୍ଘ ପର୍ବପର୍ବାଣୀ ସମୟରେ ଶୃଙ୍ଖଳା ଭଙ୍ଗ ହେବା ଭକ୍ତମାନଙ୍କୁ ଗଭୀର ଆଘାତ ଦିଏ । ଭକ୍ତମାନେ ସହଜ ଦର୍ଶନରୁ ମଧ୍ୟ ବଞ୍ଚିତ ହୁଅନ୍ତି ।

ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାରର ଚାବି ହଜିବା, କାନ୍ଥରେ ଫାଟ ସୃଷ୍ଟି ହେବା ଏବଂ ଅଳଙ୍କାରର ଠିକ୍ ଭାବେ ଗଣତି ନ ହେବା ଭଳି ପ୍ରସଙ୍ଗ ବାରମ୍ବାର ବିବାଦ ଘେରକୁ ଆସିଛି । ଏହା କେବଳ ସମ୍ପତ୍ତି ସୁରକ୍ଷା ନୁହେଁ, ବରଂ ଓଡ଼ିଶାର ଅସ୍ମିତା ଓ ଭକ୍ତଙ୍କ ବିଶ୍ୱାସର ପ୍ରଶ୍ନ । ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ଶୋଷଣ କରାଯିବା, ବେଢ଼ା ଭିତରେ ଅସଦାଚରଣ ଏବଂ ପାସେଞ୍ଜର ଲାଇନ୍ ବ୍ୟବସ୍ଥାରେ ଅବ୍ୟବସ୍ଥା ଭକ୍ତଙ୍କୁ ମାନସିକ ସ୍ତରରେ କଷ୍ଟ ଦେଇଥାଏ ।

ଏବେ ଉଜ୍ଜୟିନୀକୁ ଦେଖିବା । ମହାକାଳେଶ୍ୱର ମନ୍ଦିରରେ ଚଢ଼ାଉ, ଟିକେଟ୍ ବିକ୍ରି, ସୁନା-ରୁପା ଦାନ, ଅର୍ଥାତ୍ ସବୁ ମିଶାଇ ପ୍ରତିବର୍ଷ ସେଠାରେ ଅନେକ କୋଟି ଟଙ୍କାର ଆୟ କରିଥାଏ । ପ୍ରତ୍ୟେକ ଧର୍ମସ୍ଥଳୀରେ ଗୋଟିଏ କଥା ସ୍ପଷ୍ଟ - ମନ୍ଦିର ଥିବା ସ୍ଥାନଗୁଡ଼ିକରେ ଆର୍ଥିକ କାର୍ଯ୍ୟକଳାପ ସାଧାରଣ ସହରଗୁଡ଼ିକଠାରୁ ଭିନ୍ନ । ଏଠାକୁ ଭକ୍ତିର ପଇସା ଆସେ, ସରକାରୀ ନୀତି ବିକାଶକୁ ପ୍ରୋତ୍ସାହନ ଦିଏ ଏବଂ ଆଖପାଖ ଜମିର ଦର ରାତାରାତି ବଢ଼ିଯାଏ । ଏହାର ପରିଣାମ ସ୍ୱରୂପ ଏଭଳି ସହରଗୁଡ଼ିକରେ ଜମି ବିବାଦର ଅଭିଯୋଗ ସାଧାରଣ ସହର ଅପେକ୍ଷା ଅଧିକ ଦ୍ରୁତ ଗତିରେ ସାମ୍ନାକୁ ଆସେ । ଏହା କୌଣସି ସାଧାରଣ ସହରୀ ବିକାଶ ନୁହେଁ । ଏଠାରେ ମୂଲ୍ୟ ସୃଷ୍ଟିର କେନ୍ଦ୍ର ହେଉଛି ମନ୍ଦିର ।

ନିଶ୍ଚିତ ଭାବରେ, ଏଥିପାଇଁ ଏକ ଭିନ୍ନ, ସ୍ୱତନ୍ତ୍ର ଭୂମି ଟ୍ରିବ୍ୟୁନାଲ୍ କିମ୍ବା ଫାଷ୍ଟ-ଟ୍ରାକ୍ ବେଞ୍ଚର ଆବଶ୍ୟକତା ରହିଛି, ଯାହା ମନ୍ଦିର-ପ୍ରଭାବିତ ଅଞ୍ଚଳର ଜମି ସମ୍ବନ୍ଧୀୟ ମାମଲାଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବ । ଜମି ଅଧିଗ୍ରହଣ, କ୍ଷତିପୂରଣ, ମାଲିକାନା ଏବଂ ବେନାମୀ କାରବାର ଉପରେ ଦ୍ରୁତ ଶୁଣାଣି ହେବା ଉଚିତ । ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ବାଧ୍ୟତାମୂଳକ ହେଉ, ନଚେତ୍ ଏହି ବିବାଦଗୁଡ଼ିକ ବର୍ଷ ବର୍ଷ ଧରି ଝୁଲି ରହିବ ଏବଂ ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗିବାରେ ଲାଗିବ ।

ଏବେ ପୁଣି ଦାନ ଆଡ଼କୁ ଫେରିବା । ଧାର୍ମିକ ସ୍ଥଳଗୁଡ଼ିକରେ ପ୍ରତିବର୍ଷ କୋଟି କୋଟି ଟଙ୍କାର ଭେଟି ଆସିଥାଏ । କିନ୍ତୁ, ଆଜି ବି ଅଧିକାଂଶ ସ୍ଥାନରେ ଏହାର ରକ୍ଷଣାବେକ୍ଷଣ ପାଇଁ ପୁରୁଣା ପଦ୍ଧତି ହିଁ ଚାଲିଛି । ଅର୍ଥାତ୍ ହୁଣ୍ଡିରେ ପକାଅ, ହିସାବ ପରେ ଦେଖାଯିବ । ଏଥିପାଇଁ ଶହ ଶହ ଲୋକ ନିଯୁକ୍ତ ହୁଅନ୍ତି । ଯେତେବେଳେ ଭେଣ୍ଡିଂ ମେସିନ୍ ନଗଦ (କ୍ୟାଶ୍) ଗ୍ରହଣ କରିପାରୁଛି ଏବଂ ବଦଳରେ ଚିପ୍ସ କିମ୍ବା କୋଲ୍ଡ ଡ୍ରିଙ୍କସ୍ ଦେଇପାରୁଛି, ଯେତେବେଳେ ଏଟିଏମରେ ଲାଗିଥିବା କ୍ୟାଶ୍ ଡିପୋଜିଟ୍ ମେସିନ୍ କ୍ୟାଶ୍ ଗ୍ରହଣ କରି ରସିଦ ଏବଂ ବାଲାନ୍ସ ଦେଖାଇ ପାରୁଛି, ତେବେ ମନ୍ଦିରଗୁଡ଼ିକରେ ଦାନ ପାଇଁ ଏଭଳି ବ୍ୟବସ୍ଥା କାହିଁକି କରାଯାଇ ପାରିବ ନାହିଁ?

ଏଥିପାଇଁ ଏକ ସାଧାରଣ ମେସିନ୍ ଦରକାର । ଦାନକର୍ତ୍ତା ନୋଟ୍ ପ୍ରବେଶ କରାଇବେ । ମେସିନ୍ ତୁରନ୍ତ ଏକ ରସିଦ ପ୍ରିଣ୍ଟ୍ କରିବ, ଯେଉଁଥିରେ ପରିମାଣ, ତାରିଖ, ସମୟ, ଧାର୍ମିକ ସ୍ଥଳର ନାମ ଏବଂ ଏକ ୟୁନିକ୍ ନମ୍ବର ଲେଖାଥିବ ।

ସେହି ନମ୍ବର ଅନଲାଇନ୍ ପୋର୍ଟାଲରେ ଯାଞ୍ଚ ମଧ୍ୟ କରାଯାଇପାରିବ । ସମ୍ପୂର୍ଣ୍ଣ ହିସାବ ରିଅଲ୍ ଟାଇମ୍ (ତତ୍କାଳ) ରେ ରେକର୍ଡ ହେବ । ଦାନକର୍ତ୍ତାଙ୍କୁ ତୁରନ୍ତ ଅନଲାଇନ୍ ପ୍ରମାଣ ମିଳିଯିବ । ଉଚ୍ଚ ମୂଲ୍ୟର ଦାନ ପାଇଁ କ୍ୟାମେରା ରେକର୍ଡିଂ ବାଧ୍ୟତାମୂଳକ ହେଉ ଏବଂ ଏହାର ଲାଇଭ୍ କିମ୍ବା ତୁରନ୍ତ ଉପଲବ୍ଧ ଫିଡ୍ ପବ୍ଲିକ୍ ପୋର୍ଟାଲରେ ରହୁ । ଏହା କୌଣସି ଜଟିଳ କଥା ନୁହେଁ । ପ୍ରଯୁକ୍ତିବିଦ୍ୟା ପୂର୍ବରୁ ହିଁ ମହଜୁଦ ଅଛି । କେବଳ ଇଚ୍ଛାଶକ୍ତି ଏବଂ ନିୟମର ଆବଶ୍ୟକତା ରହିଛି । ଏହାଦ୍ୱାରା ଦାନକର୍ତ୍ତାଙ୍କୁ ବିଶ୍ୱାସ ମିଳିବ ଯେ ତାଙ୍କ ପଇସା ଠିକ୍ ସ୍ଥାନରେ ପହଞ୍ଚିଲା । ଟ୍ରଷ୍ଟ ମଧ୍ୟ ଆରୋପ ପ୍ରତ୍ୟାରୋପରୁ ମୁକ୍ତ ହେବ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦାନ ବ୍ୟକ୍ତିଗତ ଆସ୍ଥାର ବିଷୟ ହୋଇ ରହିବ ନାହିଁ । ଏହା ସାର୍ବଜନୀନ ଅର୍ଥ ପାଲଟିଯିବ ।

ମୋଟାମୋଟି ଭାବେ କହିବାକୁ ଗଲେ, ମନ୍ଦିର ଏବଂ ଟ୍ରଷ୍ଟଗୁଡ଼ିକର ସଂଖ୍ୟା ହଜାର ହଜାର । ଅନେକ ବଡ଼ ବଡ଼ ମନ୍ଦିରର ଆୟ ସରକାରୀ ବିଭାଗଗୁଡ଼ିକଠାରୁ ମଧ୍ୟ ଅଧିକ । କିଛି ରାଜ୍ୟ ଏଣ୍ଡାଓମେଣ୍ଟ ବିଭାଗ ଅଧୀନରେ ଅଛନ୍ତି, କିଛି ସ୍ୱାୟତ୍ତ ଶାସିତ ଟ୍ରଷ୍ଟ, ତ କିଛି ସ୍ୱତନ୍ତ୍ର ଆଇନ ଦ୍ୱାରା ପରିଚାଳିତ । ପରିଣାମ ସ୍ୱରୂପ, ସବୁ ସ୍ଥାନରେ ଅଲଗା ଅଲଗା ନିୟମ, ଅଲଗା ଅଲଗା ଉତ୍ତରଦାୟିତା ।

ବର୍ତ୍ତମାନର ଆବଶ୍ୟକତା ହେଉଛି ଏକ ଧର୍ମସ୍ଥଳୀ ଅର୍ଥନୀତି ଆୟୋଗ କିମ୍ବା ଟ୍ରିବ୍ୟୁନାଲ ଗଠନ କରାଯାଉ, ଯାହାର କାମ ଦାନ ପ୍ରାପ୍ତି ଏବଂ ଏହାର ହିସାବ । ସାମଗ୍ରୀ ଆକାରରେ ଆସିଥିବା ଦାନର ରେକର୍ଡିଂ । ବାର୍ଷିକ ଅଡିଟର ସାର୍ବଜନୀନ ପ୍ରକାଶନ । ଦାନକର୍ତ୍ତାଙ୍କୁ ସୂଚନା ମାଗିବାର ଅଧିକାର । ଏହା ସହିତ, ଧର୍ମସ୍ଥଳୀ-କେନ୍ଦ୍ରିତ ଅଞ୍ଚଳଗୁଡ଼ିକରେ ଜମି ବିବାଦର ଦ୍ରୁତ ଶୁଣାଣି ।

ପ୍ରତ୍ୟେକ ଦାନକର୍ତ୍ତାଙ୍କର ଏହି ଅଧିକାର ରହିବା ଉଚିତ ଯେ ସେ ପଚାରିପାରିବେ ଯେ ତାଙ୍କ ଦାନ କଣ ହେଲା । ଯଦି ଜବାବ ସନ୍ତୋଷଜନକ ନ ହୁଏ, ତେବେ ସେ ଟ୍ରିବ୍ୟୁନାଲରେ ଅଭିଯୋଗ କରିପାରିବେ ।

**ଅସ୍ୱଚ୍ଛତା ସବୁ ସ୍ଥାନରେ ଦୁର୍ନୀତିକୁ ଜନ୍ମ ଦିଏ, ତାହା ସରକାରୀ ବିଭାଗ ହେଉ, ରାଜନୈତିକ ଦଳଗୁଡ଼ିକର ପାଣ୍ଠି ହେଉ କିମ୍ବା ଧାର୍ମିକ ଟ୍ରଷ୍ଟ ହେଉ । ଯେତେବେଳେ ମେସିନଗୁଡ଼ିକ ପଇସା ଗଣି ପାରୁଛନ୍ତି ଏବଂ ରସିଦ ଦେଇ ପାରୁଛନ୍ତି, ଯେତେବେଳେ ଏଟିଏମ୍ ପ୍ରତ୍ୟେକ କାରବାରକୁ ରେକର୍ଡ କରିପାରୁଛି, ତେବେ ଧର୍ମସ୍ଥଳୀଗୁଡ଼ିକରେ ଦାନ ବ୍ୟବସ୍ଥାକୁ ଆଧୁନିକୀକରଣ କରାଯାଇ ପାରିବ ନାହିଁ କାହିଁକି ?**

ଅସ୍ୱଚ୍ଛତା ସବୁ ସ୍ଥାନରେ ଦୁର୍ନୀତିକୁ ଜନ୍ମ ଦିଏ, ତାହା ସରକାରୀ ବିଭାଗ ହେଉ, ରାଜନୈତିକ ଦଳଗୁଡ଼ିକର ପାଣ୍ଠି ହେଉ କିମ୍ବା ଧାର୍ମିକ ଟ୍ରଷ୍ଟ ହେଉ । ଯେତେବେଳେ ମେସିନଗୁଡ଼ିକ ପଇସା ଗଣି ପାରୁଛନ୍ତି ଏବଂ ରସିଦ ଦେଇ ପାରୁଛନ୍ତି, ଯେତେବେଳେ ଏଟିଏମ୍ ପ୍ରତ୍ୟେକ କାରବାରକୁ ରେକର୍ଡ କରିପାରୁଛି, ତେବେ ଧର୍ମସ୍ଥଳୀଗୁଡ଼ିକରେ ଦାନ ବ୍ୟବସ୍ଥାକୁ ଆଧୁନିକୀକରଣ କରାଯାଇ ପାରିବ ନାହିଁ କାହିଁକି ?

**ନୟାଗଡ଼,**
**ମୋ-୯୪୩୭୬୪୨୯୪୭**

## ଆମ ସଂସ୍କୃତିରେ ଦୁବ

**ବୈଷ୍ଣବ ଚରଣ ଦାଶ**

ହିନ୍ଦୁ ଧର୍ମରେ କ୍ଷୁଦ୍ର ଘାସ ଠାରୁ ଆରମ୍ଭ କରି ବୃହତ୍ ବୃକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ଥାନିତ କରାଯାଇଛି । ସାଧାରଣ ଦୁବ ଠାରୁ ବୃହଦାକାର ଅଶ୍ୱତ୍ଥ ବୃକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଗ୍ରହଣ କରାଯାଇଛି ଏକ ପବିତ୍ର ବସ୍ତୁ ରୂପେ । ଦୁବ ଏକ ବହୁବର୍ଷଜୀବୀ ସବୁଜ ଘାସ, ଯାହା ଭାରତର ପ୍ରାୟ ସମସ୍ତ ଅଞ୍ଚଳରେ ଦେଖାଯାଏ । ଏହା ଘାସ ଜାତୀୟ ଉଦ୍ଭିଦ ହୋଇଥିଲେ ମଧ୍ୟ ଏହାର ଔଷଧୀୟ, ଧାର୍ମିକ ଏବଂ ପରିବେଶଗତ ମହତ୍ତ୍ୱ ବହୁତ ଅଧିକ । ଏହାକୁ ଓଡ଼ିଆରେ 'ଦୁବ' ବା 'ଦୂର୍ବା' ବୋଲି କୁହାଯାଏ । ଏହା ମାଟି ଉପରେ ଲତା ପରି ବିସ୍ତାର ହୋଇ ବଢ଼ିଥାଏ । ଏହାର ପତ୍ର ଛୋଟ, ସରୁ ଏବଂ ସବୁଜ ରଙ୍ଗର ହୋଇଥାଏ । ଅଳ୍ପ ପାଣି ଓ ଅନୁକୂଳ ପରିବେଶ ନଥିଲେ ମଧ୍ୟ ଏହା ସହଜରେ ବଞ୍ଚି ରହିପାରେ । ହିନ୍ଦୁ ଧର୍ମରେ ଦୁବର ବିଶେଷ ମହତ୍ତ୍ୱ ରହିଛି ଏବଂ ବିଭିନ୍ନ ପୂଜା-ପାର୍ବଣରେ ଏହା ବ୍ୟବହୃତ ହୁଏ, ବିଶେଷକରି ଭଗବାନ ଗଣେଶଙ୍କ ପୂଜାରେ ଏହାକୁ ବ୍ୟବହାର କରାଯାଇଥାଏ । ଯଜ୍ଞ, ହୋମ ଓ ବିଭିନ୍ନ ବ୍ରତ-ପୂଜାରେ ଦୁବର ବ୍ୟବହାର ହୁଏ । ପୁରାଣରେ ଦୂର୍ବାକୁ ଶୁଦ୍ଧତା, ଦୀର୍ଘାୟୁ ଓ ମଙ୍ଗଳର ପ୍ରତୀକ ଭାବରେ ବର୍ଣ୍ଣନା କରାଯାଇଛି । ଓଡ଼ିଶାର ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କ ଟାହିଆରେ ମଧ୍ୟ ଦୁବ ସ୍ଥାନ ପାଇଥାଏ । ପହଣ୍ଡି ସମୟରେ ଦୁବର ଦୋଳନ ଭକ୍ତ ମନକୁ ଆହ୍ଲାଦିତ କରିଥାଏ । ମା' ଲକ୍ଷ୍ମୀଙ୍କ ପୂଜାରେ ମଧ୍ୟ ଦୁବ ନିହାତି ଆବଶ୍ୟକ । ଦୁବ ସମସ୍ତ ପାପକୁ ଖଣ୍ଡନ କରିଥାଏ । କର୍ମକାଣ୍ଡରେ ତା'ର ମନ୍ତ୍ର ରହିଛି 'କାଣ୍ଡାତ୍ କାଣ୍ଡାତ୍ ପ୍ରରୋହନ୍ତି ପରୁଷ ପୁରଷେ ସ୍ୱରି, ଏବାନ ଦୂର୍ବେ ପ୍ରତନୁ ସହସ୍ରେଣ ଶତେନ ଚ ।' ନବଗ୍ରହଙ୍କ ମଧ୍ୟରେ ରାହୁ ମହାଗ୍ରହଙ୍କ ସମିଧ ଭାବେ ଦୁବକୁ ଗ୍ରହଣ କରାଯାଏ ।

ଦୁବ ଘାସ ଏକ ଉତ୍କୃଷ୍ଟ ଔଷଧୀୟ ଉଦ୍ଭିଦ । ଆୟୁର୍ବେଦରେ ଏହାର ଅନେକ ଔଷଧୀୟ ଗୁଣ ବର୍ଣ୍ଣନା କରାଯାଇଛି । ଦୁବ ଘାସର ମୂଳ, କାଣ୍ଡ ଓ ପତ୍ର ସବୁ ଔଷଧୀୟ ଗୁଣରେ ଭରପୂର । ଆୟୁର୍ବେଦ ଅନୁସାରେ ଦୁବ ରକ୍ତସ୍ରାବ ବନ୍ଦ କରିବା, ମୂତ୍ର ସମସ୍ୟା ଦୂର କରିବା, ଶରୀରକୁ ଶୀତଳ ରଖିବା ଏବଂ ଘା' ସୁସ୍ଥ କରିବାରେ ସାହାଯ୍ୟ କରେ । ଦୁବର ରସ ପିଇବା ଦ୍ୱାରା ଶରୀରର ଅନେକ ରୋଗରୁ ଉପଶମ ମିଳିଥାଏ ବୋଲି ପାରମ୍ପରିକ ଭାବେ ବିଶ୍ୱାସ କରାଯାଏ । ଏହା ଶରୀରର ଉତ୍ତାପ କମାଇବାରେ ସାହାଯ୍ୟ କରେ । କ୍ଷତ ଓ ଘା' ଶୀଘ୍ର ଭଲ ହେବାରେ ସହାୟକ ହୋଇଥାଏ ।

ପରିବେଶ ଦୃଷ୍ଟିରୁ ମଧ୍ୟ ଦୁବ ଘାସ ବହୁତ ଉପକାରୀ । ଏହା ମାଟିକୁ ବାନ୍ଧି ରଖି କ୍ଷୟ ରୋକିଥାଏ ଏବଂ ଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ଘରର ବଗିଚା, ପାର୍କ ଏବଂ ଖେଳ ପଡ଼ିଆରେ ଦୁବ ଘାସ ଲଗାଯାଏ । ଦୁବ ଘାସ ବହୁତ ଶୀଘ୍ର ବୃଦ୍ଧି ପାଏ । ଏହା ଅତ୍ୟଧିକ ଖରା ଏବଂ ବର୍ଷା ଉଭୟକୁ ସହ୍ୟ କରିପାରେ । ମାଟି ଉପରେ ବିସ୍ତାର ହୋଇ ବଢୁଥିବାରୁ ଭୂମିକ୍ଷୟକୁ ରୋକିଥାଏ । ବର୍ଷସାରା ସବୁଜ ରହୁଥିବାରୁ ଏହାକୁ ଲନ୍ ଓ ପାର୍କରେ ଲଗାଯାଏ । ଅନେକ ଗୃହପାଳିତ ପଶୁଙ୍କ ପାଇଁ ଏହା ଉତ୍ତମ ଖାଦ୍ୟ । ଗୃହପାଳିତ ପଶୁଙ୍କ ପାଇଁ ଏକ ପୌଷ୍ଟିକ ଚାରା । ପଶୁମାନେ ଏହାକୁ ଖାଇବାକୁ ବହୁତ ପସନ୍ଦ କରନ୍ତି । ଦୁବ କାର୍ବନ ଶୋଷଣ କରି ପରିବେଶ ସନ୍ତୁଳନ ରକ୍ଷାରେ ମଧ୍ୟ ସହଯୋଗ କରେ । ଏହା ମାଟିର ଆର୍ଦ୍ରତା ରକ୍ଷା କରିବାରେ ସାହାଯ୍ୟ କରେ । କ୍ଷେତର ବନ୍ଧ କିମ୍ବା ପାହାଡ଼ିଆ ଅଞ୍ଚଳରେ ମାଟି ଧୋଇଯିବା ରୋକିବା ପାଇଁ ଦୁବ ଲଗାଯାଏ । ଏହାର ମୂଳ ପ୍ରଣାଳୀ ଶକ୍ତିଶାଳୀ ହୋଇଥିବାରୁ ଅତି ଶୀଘ୍ର ବିସ୍ତାର ହୁଏ । ଦୁବ ଘାସ ଉଷ୍ମ ଓ ଉପଉଷ୍ମ ଅଞ୍ଚଳରେ ଅଧିକ ବୃଦ୍ଧି ପାଏ ।

ଦୁବ ଘାସ ଆମକୁ ଧୈର୍ଯ୍ୟ, ସହନଶୀଳତା ଓ ନମ୍ରତାର ଶିକ୍ଷା ଦିଏ । ଯେତେଥର ଏହାକୁ କାଟି ଦିଆଯାଏ କିମ୍ବା ଚାପି ଦିଆଯାଏ, ସେତେଥର ଏହା ପୁଣି ନୂଆ ଜୀବନ ନେଇ ବଢ଼ିଉଠେ । ଦୁବ ଘାସ ଏକ ସାଧାରଣ ଉଦ୍ଭିଦ ହୋଇଥିଲେ ମଧ୍ୟ ଏହାର ଧାର୍ମିକ, ଔଷଧୀୟ ଏବଂ ପରିବେଶଗତ ଗୁରୁତ୍ୱ ଅତ୍ୟନ୍ତ ଅଧିକ । ତେଣୁ ଆମେ ଏହି ଉପକାରୀ ଉଦ୍ଭିଦର ସୁରକ୍ଷା ଓ ସଂରକ୍ଷଣ ପ୍ରତି ସଚେତନ ହେବା ଉଚିତ ।

**ବୀରଧନଞ୍ଜୟ ପୁର, ବୁଗୁଡ଼ା**
**ଗଞ୍ଜାମ, ମୋ-୯୭୭୬୫୩୪୯୩୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁବର୍ଣ୍ଣରେଖାରେ...

ଏବେ ନଦୀକୂଳିଆ ଲୋକଙ୍କ ମଧ୍ୟରେ ଛନକା ପଶିଛି । ସେପଟେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗାଲୁଡିହ ବ୍ୟାରେଜରୁ ଗତ ରାତି ପ୍ରାୟ ୩ଟା ସମୟରେ ୬ ହଜାର ୫ ଶହ କ୍ୟୁମେକ ପାଣି ଛଡ଼ାଯାଇଛି । ଏହି ପାଣି ସୁବର୍ଣ୍ଣରେଖା ନଦୀର ଜଳସ୍ତରକୁ ଆହୁରି ବଢ଼ାଇପାରେ ।

ବର୍ତ୍ତମାନ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ଥିବା ବେଳେ ଗାଲୁଡିହ ବ୍ୟାରେଜରୁ ଛଡ଼ାଯାଇଥିବା ପାଣି ଆସନ୍ତାକାଲି (ଗୁରୁବାର) ସୁଦ୍ଧା ପହଞ୍ଚିଲେ ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି । ବଡ଼ ବନ୍ୟା ଆସିଲେ ଉତ୍ତର ବାଲେଶ୍ୱରର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହ ଜନଜୀବନ ପ୍ରଭାବିତ ହୋଇପାରେ । ଅନ୍ୟପଟେ ଜଳକା ନଦୀର ବନ୍ୟାରେ ମଧ୍ୟ ଅଞ୍ଚଳ ପ୍ରଭାବିତ ହୋଇଛି । ଏଭଳି ସ୍ଥିତିରେ ସୁବର୍ଣ୍ଣରେଖାରେ ଯଦି ବନ୍ୟା ଆସେ, ତାହେଲେ ସମଗ୍ର ଉତ୍ତର ବାଲେଶ୍ୱର ପ୍ରଭାବିତ ହେବା ନେଇ ଆଶଙ୍କା ବଢ଼ିଛି । ତେଣୁ ନଦୀକୂଳିଆ ଓ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ସହ ପ୍ରଶାସନ ପକ୍ଷରୁ ଜାରି ହେଉଥିବା ସୂଚନା ଓ ନିର୍ଦ୍ଦେଶକୁ ପାଳନ କରିବା ଜରୁରୀ । ସୁବର୍ଣ୍ଣରେଖାର ଜଳସ୍ତର ଆଗକୁ କେଉଁ ରୂପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

## ଦେଶରେ...

ଚିନି ସଙ୍କଟ ନହେବ ଓ ମୂଲ୍ୟ ସ୍ଥିର ନଘଟିବ ସରକାରଙ୍କ ପାଇଁ ଆହ୍ୱାନ ହୋଇଛି । ଯେଉଁଠାରୁ ଚିନି ଉତ୍ପାଦନ ହେଉଥିଲା ସେଠାରେ ଏବେ ସଙ୍କଟ ଦେଖା ଦେଉଛି । ଇ-୨୦ର ଲକ୍ଷ୍ୟ ପୂରଣ ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ଆଖୁ ଗୁଡ଼ିକ ମୁଖ୍ୟତଃ ଏହାର ଉତ୍ପାଦନ ଉପରେ ବ୍ୟବହାର କରାଯାଉଛି । ସରକାର ମଧ୍ୟ କିଛି ବର୍ଷ ହେବ ଇଥାନଲ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନେଇଛନ୍ତି । ୪୯୯ ସ୍ଥାନରୁ ୨୦୨୫ ମଧ୍ୟଭାଗ ସୁଦ୍ଧା ୧୮୨୨ କୋଟି ଲିଟର ଇଥାନଲ ଉତ୍ପାଦନ ହେଉଛି । ଆଖୁରୁ ୩୦ରୁ ୩୫% ଇଥାନଲ ଉତ୍ପାଦନ ହେଉଥିବା ବେଳେ ମକା ଓ ଚାଉଳରୁ ମଧ୍ୟ ଉତ୍ପାଦନ କରାଯାଉଛି । ଇଥାନଲ ପାଇଁ ଆଖୁ ବ୍ୟବହାର ହେଉଥିବାରୁ ଚିନିର ମୂଲ୍ୟ ବଢୁଥିବାରୁ ପ୍ରଫେସର ତଥା କୃଷି ବିଶେଷଜ୍ଞ ସୁଧିର ପନୱାର କହିଛନ୍ତି । ୨୦୨୬ ଅଗଷ୍ଟ ମଧ୍ୟ ଭାଗ ସୁଦ୍ଧା ଚିନିର ମୂଲ୍ୟ ହୋଲସେଲ ୪୧ରୁ ୫୩ ଟଙ୍କା ମଧ୍ୟରେ ରହିଛି । ପ୍ରାୟ ୧୭ରୁ ୧୯% ବୃଦ୍ଧି ଘଟିଛି । ଚିନିର ମୂଲ୍ୟ ବୃଦ୍ଧିକୁ ନେଇ ରାଜନୈତିକ ସମାଲୋଚନା ମଧ୍ୟ ଆରମ୍ଭ ହୋଇଯାଇଛି ।

## ଡକ୍ଟର...

ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।

ଏହି ବିଚାର ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟକୁ ସ୍ଥାନ ପାଇଥିବା ସାତୋଟି ବହି ହେଉଛି- ଅର୍ପଣା ମହାନ୍ତିଙ୍କ 'ଅର୍ପଣା ମହାନ୍ତିଙ୍କ ପାଇଁ କବିତା', ପଦ୍ମଜ ପାଳଙ୍କ 'ତାରାଶ ପାଦ ଦାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିସ୍ମୟ ଦେ ପୃଥ୍ୱୀ', ଅର୍ଜ୍ଜନ ନାୟକଙ୍କ 'ସାତ', ବିଜୟ ନାୟକଙ୍କ 'ମାୟାବାର୍ତ୍ତା', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଏବଂ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ' । ୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, ଶ୍ରବ୍ୟଦୃଶ୍ୟ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା, ଯାହା ଚଳିତ ବର୍ଷର ସାହିତ୍ୟିକ କୃତିର ବିବିଧତା ଓ ଗଭୀରତାକୁ ଦର୍ଶାଉଛି । ପୁସ୍ତକ ମନୋନୟନ କମିଟିରେ ଡକ୍ଟର ଇତିରା ଦାଶ, ପ୍ରତୀକ୍ଷା ଜେନା, ଅମିୟ ବେହେରା, ପ୍ରଦୀପ କୁମାର ପଣ୍ଡା ଏବଂ ଅଭୟ ନାୟକ ସଦସ୍ୟ ଥିବାବେଳେ; ବିଚାରକ ମଣ୍ଡଳୀରେ ଡକ୍ଟର ସୁଚେତା ମିଶ୍ର, ଡକ୍ଟର ହୃଷୀକେଶ ମଲ୍ଲିକ, ଫଗୁନ ଜେନା, ସ୍ୱପ୍ନା ମିଶ୍ର, ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ସରୋଜିନୀ ସାହୁ ଏବଂ ଅଜୟ କୁମାର ମହାପାତ୍ର ସାମିଲ ଥିଲେ ।

ଏହା ବ୍ୟତୀତ, କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ଇମ୍ପାକ୍ଟ' ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୬ ବର୍ଷ ପାଇଁ ଘୋଷଣା କରାଯାଇଛି । ଓଡ଼ିଶୀ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ । ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ । ପ୍ରଦର୍ଶନ କଳା ପାଇଁ ଗୁରୁ ପୁଷ୍ପିତା ମିଶ୍ର, ଡକ୍ଟର ନାଜିଆ ଆଲାମ ଓ ସୁରମଣି ଅଭିରାମ ନନ୍ଦ

ବିଚାରକ ଥିବା ବେଳେ ଦୃଶ୍ୟ କଳାପାଇଁ ପଞ୍ଚମୀ ମାନୁ ଉକିଲ, ସଙ୍ଗୀତା ପଟ୍ଟନାୟକ ଏବଂ ବୈଜୟନ୍ତ କୁମାର ଦାଶ ବିଚାରକ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ । ୧୯୮୦ ମସିହାରେ ଇଲା ପଣ୍ଡା ଏବଂ ଡକ୍ଟର ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ), ଓଡ଼ିଆ ସାହିତ୍ୟ ଏବଂ ରାଜ୍ୟର ସମୃଦ୍ଧ ସାଂସ୍କୃତିକ କଳା, ସଙ୍ଗୀତ ଓ ନୃତ୍ୟର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି । ଏହା ସହିତ ୧୯୯୩ ମସିହାରେ ଟ୍ରଷ୍ଟ ପକ୍ଷରୁ 'ଏକଲବ୍ୟ ପୁରସ୍କାର' ମଧ୍ୟ ପ୍ରତିଷ୍ଠା କରାଯାଇଥିଲା, ଯାହା ଜାତୀୟ ସ୍ତରର ପୁରସ୍କାର ଭଳି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ପୁରସ୍କାର ଭାବେ ପରିଗଣିତ ହୋଇଛି ।

## ରଣକ୍ଷେତ୍ର...

ଗୋଡାଇ ଗୋଡାଇ ଲାଠିମାଡ କରିଥିଲା, ପରିସ୍ଥିତିକୁ ଆୟତ୍ତ କରିବା ପାଇଁ । ହେଲେ ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଥିବାରୁ ସେମାନେ ରାସ୍ତାରେ ଅଟକି ରହିଥିବା ଆମ ବସ୍ ଉପରକୁ ଟେକାପଥର ମାଡ କଲେ । ଯାହା ଫଳରେ ୧୪ଟି ଆମ ବସ୍‌ର କାଚ ପ୍ରଭୃତି ଭାଙ୍ଗିରୁଜି ଛାରଖାର ହୋଇଯାଇଛି । ମାଷ୍ଟରକ୍ୟାଣ୍ଟିନ ଜନପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଗଲା ।

ପୋଲିସ ଲାଠିମାଡ କରିବା ସହ ଗୋଡାଇ ଗୋଡାଇ ଆନ୍ଦୋଳନକାରୀଙ୍କୁ ଧରି ପୋଲିସ ଗାଡିରେ ନେଇଥିଲା । ସେମାନଙ୍କ ମଧ୍ୟରୁ ବିଶୃଙ୍ଖଳା ସୃଷ୍ଟି କରିଥିବା ୮୦ଜଣଙ୍କୁ ଗିରଫ କରାଯାଇଥିବା ଖବର ମିଳିଛି । ରାସ୍ତା ଉପରେ ଗଦା ହୋଇ ରହିଥିବା ଶହ ଶହ ଗାଡିକୁ ପୋଲିସ ଓ ଟ୍ରାଫିକ୍ କର୍ମଚାରୀ ମିଶି ରିଜର୍ଭ ପଡିଆକୁ ନେବାକୁ ଚେଷ୍ଟା କରିଥିଲେ । ଶତାଧିକ ଗାଡି ପୋଲିସ ପଡ଼ିଆକୁ ଯାଇଥିବା ବେଳେ ଆଉ ବହୁ ଗାଡିକୁ ରାସ୍ତା ପାର୍ଶ୍ୱକୁ ସାଇଜ୍ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି । ସନ୍ଧ୍ୟା ପର୍ଯ୍ୟନ୍ତ ଫୋର୍ସ ସହ ଘଟଣାସ୍ଥଳରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମିନା ଓ ଟ୍ରାଫିକ୍ ଡିସିପି ତପନ ମହାନ୍ତି ପ୍ରଭୃତି ଉପସ୍ଥିତ ରହି ରାସ୍ତାରୁ ଗାଡି କାଢିବା କାର୍ଯ୍ୟକୁ ମନିଟରିଂ କରୁଥିଲେ । ଭୁବନେଶ୍ୱର ଡିସିପିଙ୍କ କହିବାନୁଯାୟୀ ଅନ୍‌ଲାଇନ୍ ଗାଡିଚାଳକଙ୍କ ହିଂସ୍ର ଆନ୍ଦୋଳନକୁ ନେଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାସ୍ତା ଉପରେ ଯେଉଁ ଗାଡି ସବୁ ରଖାଯାଇ ପଥଚାରୀଙ୍କୁ ଯାତାୟାତରେ ବାଧା ସୃଷ୍ଟି କରାଯାଇଥିଲା ସେହି ଗାଡିଗୁଡିକୁ ଜବତ କରାଯିବ । ଯେଉଁମାନେ ଆଇନକୁ ହାତକୁ ନେଲେ ସେମାନଙ୍କ ବିରୋଧରେ ଏତଲା କରାଯାଇ ଗିରଫ କରାଯିବ । ତାଙ୍କୁ କୋର୍ଟଚାଲାଣ କରାଯିବ ଓ ଯେଉଁ ଗାଡିଗୁଡିକୁ ଜବତ କରାଯିବ ସେହି ଗାଡିଗୁଡିକୁ ସେମାନେ କୋର୍ଟରୁ ଅର୍ଡର ଆଣି ନେବେ ବୋଲି ଶ୍ରୀ ମିନା କହିଛନ୍ତି । ଅନ୍‌ଲାଇନ୍ ଟ୍ୟାକ୍ସି ଚାଳକ ସଂଘ ଦାବି ଅଯଥାର୍ଥ । ଏଥିରେ ସରକାରଙ୍କର କିଛି କରିବାର ନାହିଁ । ସେମାନେ ଘରୋଇ କମ୍ପାନୀ ସହ ସମ୍ପୃକ୍ତ । ଦିନକ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଅନୁମତି ଦିଆଯାଇଥିଲା । ତୃତୀୟ ଦିନରେ ସେମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରୁଛନ୍ତି । ଯେଉଁମାନେ ଟେକାପଥର ମାଡ କଲେ ଓ ଗାଡି ପ୍ରଭୃତି ଭଙ୍ଗାରୁଜା କରିଛନ୍ତି, ତାଙ୍କ ବିରୋଧରେ ଏତଲା କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାଷ୍ଟରକ୍ୟାଣ୍ଟିନ ଛକ ପାଖ ରାସ୍ତାରେ ବହୁ ଗାଡି ପଡିରହିଛି । ଆସନ୍ତାକାଲି ସେଗୁଡିକୁ ରିଜର୍ଭକୁ ଅଣାଯିବ ବୋଲି ପୋଲିସ କହିଛି । ଅଟୋଗୁଡିକ ତାଲା ପଡିଥିବାରୁ ତାକୁ କ୍ରେନ ସାହାଯ୍ୟରେ ଘୋଷାଡି ରାସ୍ତାରୁ ହଟାଇବାରେ ବହୁ କଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଛି । କାରଣ ଅଟୋ ଓ ଟ୍ୟାକ୍ସି ଛାଡି ଆନ୍ଦୋଳନକାରୀମାନେ କେଉଁଆଡେ ଖସିଯାଇଛନ୍ତି । ମାଷ୍ଟରକ୍ୟାଣ୍ଟିନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଫୋର୍ସ ପଇଁତରା ମାରୁଛନ୍ତି । ଦିନତମାମ ମାଷ୍ଟରକ୍ୟାଣ୍ଟିନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା ।

## ଏସ୍‌ସିବିରେ...

କାର ପାର୍କିଂ ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି । ମେଡିକାଲ ପରିସରକୁ ଆସୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଡାକ୍ତରମାନଙ୍କ ପାଇଁ ଯାତାୟାତ ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବା ଏହି ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ । ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପ୍ରକଳ୍ପ ଅଧୀନରେ ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ । ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏଥିସହିତ ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି । ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଏହି ସମୀକ୍ଷା ସମୟରେ ବାଟିକା ପରିସର ମଧ୍ୟରେ ଚାଲିଥିବା ଏବଂ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ଆଧ୍ୟାତ୍ମିକ ସଂରଚନାର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବାଟିକାର ପବିତ୍ରତା ଓ ପ୍ରାକୃତିକ ପରିବେଶକୁ ଅକ୍ଷୁଣ୍ଣ ରଖି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ କରିବାକୁ କୁହାଯାଇଛି । ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୀକ୍ଷା ସମୟରେ ବାଟିକା ପରିସର ମଧ୍ୟରେ ଚାଲିଥିବା ଏବଂ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ଆଧ୍ୟାତ୍ମିକ ସଂରଚନାର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବାଟିକାର ପବିତ୍ରତା ଓ ପ୍ରାକୃତିକ ପରିବେଶକୁ ଅକ୍ଷୁଣ୍ଣ ରଖି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ କରିବାକୁ କୁହାଯାଇଛି । ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ବୈଠକରେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ କଟକ ମହାନଗର ନିଗମ କମିଶନର କିରନ୍‌ଦୀପ କୌର ସାହୋଟା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ରାଜ୍ୟ...

କାର୍ଯ୍ୟ ଚାଲିଥିଲା । ଏଥିରେ ଖଣି ଟିକସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସଂସଦରେ ଏମଏମଡିଆର ସଂଶୋଧିତ ଆଇନ ପାରିତ ହୋଇଛି । ଏହା ଓଡ଼ିଶାବାସୀଙ୍କର ବହୁତ କ୍ଷତି ହେବାକୁଯାଉଛି । ବିନା ଆଲୋଚନାରେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ କେନ୍ଦ୍ର ସରକାର ପାରିତ କଲେ । ବିଜେଡି ସାଂସଦମାନେ ରାଜ୍ୟସଭାରେ ଏହାକୁ ବିରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଅନୁରୋଧ କରିଛି । ଦଳ ନୁହେଁ ମାଟିର ସ୍ୱାର୍ଥ ପାଇଁ ଏକାଠି ହେବାକୁ ପଡିବ । ସଂଶୋଧିତ ବିଲଟି ଖଣି ଉପରେ ଆମର ଅଧିକାରକୁ ଶେଷ କରିଦେଇଛି । ଓଡ଼ିଶାକୁ ପ୍ରଚୁର ଖଣିଜ ସମ୍ପଦ ରହିଛି ଆମ ଲୋକଙ୍କ କଲ୍ୟାଣ ପାଇଁ ଖଣିରୁ କାହିଁକି ଟିକସ ଆଦାୟ କରିପାରିବୁ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ୨୦୨୪ରେ ରାଜ୍ୟରେ ପରିବର୍ତ୍ତନ ହୋଇ ନୂଆ ସରକାର ଆସିଲା । ଦୁଇ ବର୍ଷ ଭିତରେ ସବୁ ପରିବର୍ତ୍ତନ ହୋଇଗଲା କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ପଡିବ । ଓଡ଼ିଶାର ୨୦ ଜଣ ସାଂସଦ ଥିଲେ ବି କେହି ପାଟି ଖୋଲିଲେ ନାହିଁ । ଏହି ସଂଶୋଧିତ ଟିକସ ଦ୍ୱାରା କମିବ । ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ସହିବ । ଜେନଜିଙ୍କ ଭବିଷ୍ୟତ କଣ ହେବ ବୋଲି ନବୀନ ପ୍ରଶ୍ନ କରିଛନ୍ତି ।

## ଦାରା...

କରିଛନ୍ତି । ସେପ୍ଟେମ୍ବର ୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଆପଣ ନିଷ୍ପତ୍ତି ନିଅନ୍ତୁ ନଚେତ ଆମେ ନିଷ୍ପତ୍ତି ନେବୁ ।

## ଓଡ଼ିଶାକୁ...

ଯୋଗାଯୋଗ ସୁଗମ ହେବ । ପର୍ଯ୍ୟଟନ ବିକାଶ ସହ ସ୍ଥାନୀୟ ଅଞ୍ଚଳରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ହେବ । ପିଏମ୍ ଗତିଶକ୍ତି ମାଷ୍ଟର ପ୍ଲାନ୍ ଅଧୀନରେ ଓଡ଼ିଶାର ବିକାଶ ପାଇଁ ମଧ୍ୟ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ମଞ୍ଜୁରୀ ପ୍ରକଳ୍ପ ମଧ୍ୟରେ ରହିଛି ଖଡଗପୁର-ଭଦ୍ରକ (ରାଣୀତାଲ) ୧୭୩ କିମି ଚତୁର୍ଥ ଲାଇନ୍, ଭଦ୍ରକ-ହରିଦାସପୁର ଚତୁର୍ଥ ଲାଇନ୍ ୭୫ କିମି, କଟକ-ପାରାଦ୍ୱୀପ (ବଡବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ ୭୨ କିମି ।

## ଏଣିକି...

ବିଭାଗର ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ଅଭିଯୋଗ ସମାଧାନ ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ହ୍ୱାଟ୍ସଆପ୍ ଜରିଆରେ ନିଜ ଅଭିଯୋଗର ଉପଯୁକ୍ତ ବିଭାଗ ଚୟନ କରି ଆବଶ୍ୟକୀୟ ବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରିପାରିବେ । ଅଭିଯୋଗ ଦାଖଲ ହେବା ପରେ ତାହାର ଆବଶ୍ୟକତା ଓ ବିଭାଗ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ । ଏହି ଡିଜିଟାଲ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ନାଗରିକଙ୍କୁ ପ୍ରତ୍ୟେକ ପର୍ଯ୍ୟାୟରେ ସୂଚନା ପ୍ରଦାନ କରିବା । ଅଭିଯୋଗ ଦାଖଲ, ଅଗ୍ରଗତି, ଯାଞ୍ଚ, ଉଚ୍ଚସ୍ତରକୁ ପ୍ରେରଣ, ସମାଧାନ କିମ୍ବା ପ୍ରତ୍ୟାଖ୍ୟାନ ଭଳି ପ୍ରମୁଖ ପର୍ଯ୍ୟାୟ ସମ୍ପର୍କରେ ଅଭିଯୋଗକାରୀଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଅବଗତ କରାଯିବ ।

ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ନୂତନ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ, ଏହି ଅଭିଯୋଗ ପରିଚାଳନା ବ୍ୟବସ୍ଥାରେ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କର ସିଧାସଳଖ ତଦାରଖ ତଥା ତତ୍ତ୍ୱାବଧାନ ରହିବା ଫଳରେ ପ୍ରଶାସନିକ ଅଧିକାରୀବୃନ୍ଦ ଅଧିକ ଦାୟିତ୍ୱ ସଂପନ୍ନ ଏବଂ ସମ୍ବେଦନଶୀଳ ହୋଇ ଜନସାଧାରଣଙ୍କ ଅଭିଯୋଗ ସମାଧାନ କରିବା ନିମନ୍ତେ ଅଧିକ ଯତ୍ନବାନ୍ ହେବେ । ସଧାରଣ ରାଜସ୍ୱ ଅଭିଯୋଗ କ୍ଷେତ୍ରରେ ତହସିଲଦାର ପ୍ରାଥମିକ ଭାବେ ଅଭିଯୋଗର ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ନେବେ । କ୍ଷେତ୍ରସ୍ତରରେ ଯାଞ୍ଚ, ଅତିରିକ୍ତ ତଥ୍ୟ କିମ୍ବା ଫିଲ୍ଡ ରିପୋର୍ଟର ଆବଶ୍ୟକତା ଥିଲେ ତହସିଲଦାର ଅଭିଯୋଗଟିକୁ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ ନିକଟକୁ ପଠାଇପାରିବେ । ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ପରେ ଅଭିଯୋଗଟି ପୁନର୍ବାର ତହସିଲଦାରଙ୍କ ନିକଟକୁ ଫେରିବ । ହ୍ୱାଟସଆପ୍‌ରେ ୯୪୩୭୨୯୨୦୦୦ ନମ୍ବର୍ ମାଧ୍ୟମରେ ଆବେଦନ କରି ଜନସାଧାରଣ ମ୍ୟୁଟେସନ୍, ଜମିର କିସମ ପରିବର୍ତ୍ତନ, ବିବାହ ପଞ୍ଜୀକରଣ, ସୋସାଇଟି ପଞ୍ଜୀକରଣ, ପଞ୍ଜୀକରଣ ସମ୍ବନ୍ଧୀୟ ବିବରଣୀ, ପଞ୍ଜୀକୃତ ଦଲିଲମାନଙ୍କର ସାର୍ଟିଫାଏଡ୍ କପି, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ବିବିଧ ପ୍ରମାଣପତ୍ର ଆଦି ରାଜସ୍ୱ ସେବା ପାଇ ପାରୁଛନ୍ତି । ବର୍ତ୍ତମାନ ଏହି ସବୁ ରାଜସ୍ୱ ସେବା ସହିତ ଆମ ସାଥୀ ହ୍ୱାଟସଆପ୍ ଚାଟବଟରେ ନୂତନ ଭାବେ ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି ୯ ଜମିଜମା, ରେକର୍ଡ଼ ଅଫ୍ ରାଇଟ୍ସ, ମ୍ୟୁଟେସନ୍, କଲମ୍ ୨ ସଂଶୋଧନ, କନଭରସନ୍ (ଜମି କିସମ ପରିବର୍ତ୍ତନ), ପାର୍ଟିସନ୍ (ବିଭାଜନ), ଏନକ୍ରୋଚମେଣ୍ଟ (ଜବରଦଖଲ), ଡିମାର୍କେସନ୍, ଓଏଲଆର ୨୨ ଓ ୨୩, ରେଗୁଲେସନ ୨.୦, ଜମି ଖଜଣା (ପାଉତି), ପଞ୍ଜୀକରଣ ଏବଂ ଷ୍ଟାମ୍ପ ଡ୍ୟୁଟି, ବିପର୍ଯ୍ୟୟ ଏବଂ ରିଲିଫ୍, ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ରାଜସ୍ୱ ବିଭାଗ ସମ୍ବନ୍ଧିତ ଅଭିଯୋଗ ସମାଧାନ ନିମନ୍ତେ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରଯାଇଛି । ଏହି ବ୍ୟବସ୍ଥା ଓଡ଼ିଶାର ରାଜସ୍ୱ ପ୍ରଶାସନକୁ ନୂତନ ସ୍ୱୀକୃତି ଦେବା ସହ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ହୋଇ ସେମାନଙ୍କ ସମସ୍ୟାର ସମାଧାନକୁ ତ୍ୱରାନ୍ୱିତ ତଥା ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି ।


### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

13001/1564/2627

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www:oshb.org.

ପତ୍ର ସଂଖ୍ୟା ୧୨୦ **ବିଜ୍ଞାପନ** ତା : ୦୬.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ... (DDL-107) ... [illegible]

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0205

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

13001/1559/2627

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୨୩ **ବିଜ୍ଞାପନ** ତା : ୦୬.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ... [illegible]

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| | ନାମ- ସ୍ୱର୍ଗତ ସୁରେଶ ଚନ୍ଦ୍ର ତ୍ରିପାଠୀ, ପିତା- ସ୍ୱର୍ଗତ କାହ୍ନୁ ଚରଣ ତ୍ରିପାଠୀ, ସା- ... ଥାନା- ଅନୁଗୁଳ ସଦର, ଜିଲ୍ଲା- ଅନୁଗୁଳ | ଏଚ୍.ଆଇ.ଜି-୧୧୨ HIG- 112, ... ଚନ୍ଦ୍ରଶେଖରପୁର, ... ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧. ମନୋଜ କୁମାର ତ୍ରିପାଠୀ- (ପୁତ୍ର) ୨. ରାଜାରାମ ତ୍ରିପାଠୀ- (ପୁତ୍ର) ୩. ସ୍ୱାଧିନୀ ତ୍ରିପାଠୀ- (ସ୍ତ୍ରୀ) ୪. ମୌସୁମୀ ତ୍ରିପାଠୀ- (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0202

### ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ

ଇ-ଟେଣ୍ଡର ନୋଟିସ୍ ନଂ.: ଏନଆଇବି/୧୧/୨୬/୨୪, ତାରିଖ:- ୦୫.୦୮.୨୦୨୬

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ, ବିଳାସପୁର ଡିଭିଜନର ବରିଷ୍ଠ ବିଭାଗୀୟ ସାମଗ୍ରୀ ପ୍ରବନ୍ଧକ ନିମ୍ନଲିଖିତ ଜିନିଷଗୁଡ଼ିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

| କ୍ର. | ଟେଣ୍ଡର ନଂ | ଧାର୍ଯ୍ୟ ତାରିଖ | ନିର୍ଦ୍ଧାରିତ ସମୟ | ଟେଣ୍ଡର ମୂଲ୍ୟ ଟ. | ଇଏମଡି ଟ. |
|---|---|---|---|---|---|
| ୧. | ୧୧୨୫୬୬୬୩ | ୦୬.୦୯.୨୦୨୬ | ୧୦.୩୦ | ୦୦ | ୨,୫୬,୬୨୦.୦୦ |

ବର୍ଣ୍ଣନା: – ... https://www.ireps.gov.in ... [illegible]

CPR/10/PH/337 ସିନିୟର ଡିଭିଜନାଲ. ସାମଗ୍ରୀ ପରିଚାଳକ ବିଳାସପୁର

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ @secrail

### OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR.760 004, GANJAM, ODISHA.

10001/473/2627

Tel. 0680.2292746, FAX: 0680.2292809 //
E.mail: mkcgmc.bam@gmail.com Website: www.mkcgmch.org

No. 10008 // MCB-2026/Welfare/Dt. Berhampur the 17th August, 2026.

**CORRIGENDUM**

The Sealed Quotations/Tenders was invited for hiring of Electric Vehicle vide Tender Call Notice No.9343 Dt.28-7-2026, in which the last date for receipt of Tender documents was 12-8-2026. No tender has been received till the last date.

| Sl. No. | Vehicle Model | Maximum hiring charge per month excluding Taxes | Quantity |
|---|---|---|---|
| 1 | Tata Tigor EV etc. or equivalent Electric Vehicle | Rs.50,000/- | 01 |

The above models of vehicles are only indicative. The details terms of reference can be obtained from the official website of MKCG MCH i.e www.mkcgmch.org. The last date of submission of Tender is hereby extended up to 5-9-2026 by 5 PM. The other terms & conditions remains unchanged. The authority reserves the right to accept/cancel the tender without assigning any reasons thereof.

Sd/- Dean & Principal MKCG medical College, Brahmapur

OIPR : 10001/10013/1/26-27/0006

### OFFICE OF THE EXECUTIVE ENGINEER RURAL WORKS DIVISION, MOHANA

25001/970/2627

No. 3631 Date 18.08.2026

**1st CORRIGENDUM**

In continuation to this office bid identification No.**Online Tender 07/MOHANA/2026-27** Invited vide this office letter no.3091 dtd 22.07.2026, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt. 07.08.2026 at 11.00 A.M. to Dt. 17.08.2026 Up to 5.00 P.M. | Dt. 18.08.2026 at 11.00 A.M. to Dt. 28.08.2026 Up to 5.00 P.M. |
| 2 | Date & time of seeking tender clarification if any | Dt. 14.08.2026 up to 5.00 P.M. | Dt. 25.08.2026 Up to 5.00 P.M. |
| 3 | Date & time of opening of tender (Price Bid) | Dt. 18.08.2026 at 11.00 A.M. | Dt. 29.08.2026 at 11.00 A.M. |

All other terms and conditions are remain unchanged.

Sd/- Executive Engineer, RW Division, Mohana

OIPR : 25001/25148/1/26-27/0013

### AFFIDAVIT

By virtue of an affidavit sworn before The Notary Public, Bhubaneswar dated 19.08.2026 1. **Mr. Sanuja Nayak**, Address At- Nuapada, Kerenda Tangi, Chandapur, Ps- Ranapur, Dist- Nayagarh, Odisha-752024 declare that I have changed my Son's name from **Happy Nayak to Swaraj Kumar Nayak** Henceforth, he shall be known as **Swaraj Kumar Nayak** for all purposes.

Sd/- Mr. Sanuja Nayak

### AFFIDAVIT

I, Nirlipta Giri, W/o- Aditya Kumar Sahoo, D/o-Bijaya Kumar Giri, R/o-Khirod Sahoo lane, Junuspatana, Unit No-24, College Chhaka-3, Nuapada, P.s-Malgodown, Dist-Cuttack, declare by this affidavit that, by virtue of my marriage, I have changed my surname from **Giri** to **Sahoo** as per my husband's surname. Henceforth, I shall be known as **Nirlipta Sahoo** for all future purposes.

### OFFICE OF THE PANCHAYAT SAMITI, CHAMPUA

19001/207/2627

Gmail: ori-champua@od.gov.in

**INVITATIONS FOR BIDS(I.F.B.)**
**e- Procurement Notice**
**IDENIFICATION No, E-Bid No.02 Champua (KJR/2026-27)**

**Lt No.:4828 Date: 18.08.2026**

1) Panchayat Samiti Champua invities Percentage Rate bid in Double Cover System(Part-I: General & Technical Bid, Part-II: Financial Bid) in ONLINE MODE for the construction of Building works (Civil+EI) as Detailed in the Detailed Tender Call Notice (D.T.C.N) from the eligible class of contractors.
2) No. of Works:- **01 (One) Nos.**
3) Cost of Tender Paper:- **Rs. 10000/- (Ten thousands) only**
4) Class of Contractor:- **"B" Class Govt. Contractor**
5) Date & Time available in web site & receipt online :- **12:00 Hrs of 28-08-2026 to 17:00 Hrs of 09-09-2026.**
6) Date of opening of Bid:- **10-09-2026 at 12:00 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website **https://tendersodisha.gov.in only.**

Sd/- (SMRUTI RANJAN SAHU, OAS)
Block Development Officer
Champua

OIPR : 19001/19121/1/26-27/0003

### GOVERNMENT OF ODISHA OFFICE OF THE PANCHAYAT SAMITI, TELKOI, KEONJHAR

19001/205/2627

At/P.O-Telkoi,Dist -Keonjhar PIN- 758019 E-Mail: ori-telkoi@nic.in

**Invitation For Bids**
**e-Procurement Notice**
**Bid Reference No. Dev. 1/2026-27**
**No. 3487/Dev Date. 19.08.2026**

1. **Panchayat Samiti Telkoi invites Percentage Rate bid in Double** Cover System (Part-1:General & Technical Bid Part-II Financial Bid) in ONLINE MODE for the construction of Building works (Civil + EI) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works :- **01(One) Nos.**
3. Cost of Tender Paper :- **Rs. 10000/- (Ten thousands) only.**
4. Class of Contractor :- **"B" Class Govt..Contractor.**
5. Date & Time available in web site & receipt online. **12.00 Hrs of 24-08-2026 to 17:00 Hrs of 03- 09-2026**
6. Date of opening of Bid:- **05-09-2026 at 11:00 Hrs**
7. The Bidders have to participate in ONLINE bidding only .Further details can be seen from the State Govt. Portal website **http:// tendersodisha.gov.in**
8. Any corrigendum / addendum will be displayed in the website **http://tendersodisha.gov.in only.**

Sd/- Block Development Officer
Telkoi

OIPR : 19001/19192/1/26-27/0001

### GOVERNMENT OF ODISHA SUPERINTENDING ENGINEER, BOUDH (R&B) DIVISION, BOUDH

34001/654/2627

E-mail- eeboudhrb@gmail.com

No. 4142 Date. 19.08.2026

**INVITATIONS FOR BIDS (IFB)**
**2nd corrigendum to tender call Notice no. SE BDH-08/2026/27 dated 12.08.2026.**

The following changes are made in respect of the bid identification No. BDH. 08/2026-27 dated 12.08.2026 for Sl. No. 01 i.e., **"STMC of Link road to Mahanadi bridge junction from 0/000 Km to 1/612 Km in the district of Boudh"**, Sl. No. 02 ie., **"STMC for Dumalpali-Similijhor road from 0/000 Km to 4/000 Km in the district of Boudh"** & Sl. No. 03 ie., **"STMC for Tilakmal-Semilijora-Naranprasad-Dedhelmal-Ambagaon road from 19/000 Km to 27/147 Km in the district of Boudh".**

1. Date & Time of availability of Bid documents in the portal : From 24.08.2026, 10.00 AM to 02.09.2026, 5.00 PM
2. Last date/time for seeking of Tender Clarification : 02.09.2026 up to 1.00 P.M
3. Last date/time for receipt of bids in the portal : up to 5.00 P.M. of dated 02.09.2026
4. Date & time of opening of tender/Bid : 03.09.2026 at 11.30 A.M

Sd/- Superintending Engineer,
Boudh (R&B) Division, Boudh

OIPR : 34001/34134/1/26-27/0017

### PANCHAYAT SAMITI, SARASKANA
### TENDER CALL NOTICE

19001/206/2627

**BDO, Saraskana invites sealed tender on behalf of Govt. of Odisha for the following works in conformity with the DTCN.**

**BID Identification No. 2/2026-27/BDO, SARASKANA**

**Name of the work:**

1. Construction of Kalyan Mandap at Jharpokharia under Saraskana Block.
2. Construction of Additional Class Room (ACR) of Chandra Mohan High School at Dighi in Paktia GP
3. Construction of Additional Class Room (ACR) of Kasidihi Primary School in Pokharidiha GP
4. Construction of Additional Class Room (ACR) of Ghuma Primary School in Sankhabhanga GP
5. Construction of Additional Class Room (ACR) of Sankhabhanga Primary School in Sankhabhanga GP

Date of Receipt of Tender : 20.08.2026, 10.00 A.M to 08.09.2026, 5.00 PM via Drop Box at Block Office.

Date of Opening of Tender : 09.09.2026, 11.00 A.M in the Conference Hall of BDO, Saraskana.

Terms and Conditions : Details of the Tender Call Notice can be downloaded from the official website of the district (www.mayurbhanj.nic.in) from 20.08.2026, 10.00 A.M to 08.09.2026, 5.00 PM. All the terms and conditions can be seen from the above website.

Sd/- Block Development Officer
Saraskana

OIPR : 19001/19352/1/26-27/0002



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ଆନ୍ଥେ ୨୦୨୬ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ପକ୍ଷରୁ ଆକାଶ ନ୍ୟାଶନାଲ ଟାଲେଂଟ ହଂଟ ଏଗ୍‌ଜାମ, ଆନ୍ଥେ ୨୦୨୬ ଉନ୍ମୋଚିତ ହୋଇଛି। ଏହାର ଆରମ୍ଭ ପରଠାରୁ ୧ କୋଟିରୁ ଅଧିକ ଛାତ୍ରଛାତ୍ରୀ ଆନ୍ଥେ ପାଇଁ ପଞ୍ଜୀକରଣ କରିଥିବା ବେଳେ ଏହି ପରୀକ୍ଷା ଭାରତର ଅନ୍ୟତମ ସର୍ବବୃହତ ଓ ଦୀର୍ଘତମ ଷ୍ଟୁଡେଣ୍ଟ ଆସେସମେଣ୍ଟ ପ୍ଲାଟଫର୍ମରେ ପରିଣତ ହୋଇଛି। ଆନ୍ଥେ ୨୦୨୬ ପାଇଁ ପଞ୍ଜୀକରଣ ଏବେ ଅଫିସିଆଲ ଆନ୍ଥେ ପୋର୍ଟାଲ ଏବଂ ଦେଶବ୍ୟାପୀ ଆକାଶ ସେଣ୍ଟରଗୁଡିକ ମାଧ୍ୟମରେ ଖୋଲା ରହିଛି। ଅନ୍‌ଲାଇନ ପରୀକ୍ଷା ଆସନ୍ତା ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୧ ତାରିଖ ୨୦୨୬ ପର୍ଯ୍ୟନ୍ତ ପରିଚାଳିତ ହେବ, ସେହିପରି ଅଫ୍‌ଲାଇନ ପରୀକ୍ଷା ଆସନ୍ତା ଅକ୍ଟୋବର ୧୧ ଓ ୨୫ ତାରିଖ ଏବଂ ନଭେମ୍ବର ୧ ତାରିଖ ୨୦୨୬ରେ ଅନୁଷ୍ଠିତ ହେବ। ଆନ୍ଥେର ମହତ୍ୱ ସମ୍ପର୍କରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ)ର ଏମ୍‌ଡି ଓ ସିଇଓ, ଚନ୍ଦ୍ର ଶେଖର ଗରିସା ରେଡ୍ଡୀ କହିଛନ୍ତି, ଗତ ୧୬ ବର୍ଷ ମଧ୍ୟରେ ୧ କୋଟିରୁ ଅଧିକ ଛାତ୍ରଛାତ୍ରୀ ନିଜକୁ ମାପିବା ଏବଂ ସେମାନଙ୍କର ସ୍ଥିତି କ'ଣ ତାହାକୁ ବୁଝିବା ପାଇଁ ଆନ୍ଥେକୁ ଏକ ସୁଯୋଗ ଭାବେ ବିଶ୍ୱାସ କରିଆସିଛନ୍ତି। ଏହି ଅବସରରେ ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍‌ର ରିଜିଓନାଲ୍ ଡାଇରେକ୍ଟର, ଅଜୟ ବାହାଦୁର ସିଂହଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# କିଟ୍‌ରେ କଳିଙ୍ଗ ଗ୍ଲୋବାଲ୍ ଫଟୋଗ୍ରାଫି ଫେଷ୍ଟିଭାଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ କିଟ୍ ସ୍କୁଲ୍ ଅଫ୍ ଫିଲ୍ମ ଆଣ୍ଡ ମିଡିଆ ସାଇନ୍ସ ପକ୍ଷରୁ କଳିଙ୍ଗ ଗ୍ଲୋବାଲ୍ ଫଟୋଗ୍ରାଫି ଫେଷ୍ଟିଭାଲ୍ ୨୦୨୬ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଛାତ୍ରଛାତ୍ରୀ ଓ ଯୁବ ଫଟୋଗ୍ରାଫରମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ସେ କହିଲେ, ଫଟୋଗ୍ରାଫି କେବଳ ଏକ କଳା ନୁହେଁ, ବରଂ ସମୟ ଓ ସ୍ମୃତିକୁ ସାଇତି ରଖିବାରେ ଏକ ଶକ୍ତିଶାଳୀ ମାଧ୍ୟମ । ସମୟକୁ କେହି ବାନ୍ଧି ରଖିପାରନ୍ତି ନାହିଁ, କିନ୍ତୁ ଫଟୋଗ୍ରାଫରମାନେ ନିଜ କ୍ୟାମେରା ମାଧ୍ୟମରେ ସମୟକୁ ସ୍ମୃତି କରି ରଖିପାରନ୍ତି ବୋଲି ସେ କହିଥିଲେ ।କିଟ୍ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅବଦାନକୁ ପ୍ରଶଂସା କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ, ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରୟାସ ଓ ସଂଘର୍ଷ ଯୋଗୁଁ କିଟ୍ ଆଜି ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଯୁବପିଢ଼ିଙ୍କୁ ସମ୍ବୋଧିତ କରି ସେ କହିଲେ, ବର୍ତ୍ତମାନ ହେଉଛି ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତାର ଯୁଗ । ଦେଶ ଓ ରାଜ୍ୟର ବିକାଶ ପାଇଁ ଯୁବଶକ୍ତିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିର ସଦୁପଯୋଗ କରିବାକୁ ହେବ । ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ସାକାର କରିବାରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ସେ ଆଶା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କହିଲେ, ଆଜିର ଗୋଟିଏ ଫଟୋ କାଲିର ଇତିହାସ । ଶବ୍ଦଠୁ ଅଧିକ ବୁଝିପାରିଲା ଭଳି ଫଟୋ ଉତ୍ତୋଳନ ହେଉଛି ପ୍ରକୃତ ଫଟୋଗ୍ରାଫି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଠାରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ଭଲ ମଣିଷଭାବେ ଗଢ଼ି ତୋଳିବାର ଏକ ସୁନ୍ଦର ପ୍ରୟାସ କରିଛନ୍ତି ବୋଲି ସେ କହିଥିଲେ ।



ଭୁବନେଶ୍ୱର ଓପିଜିସି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏମ୍‌ଡି କେଦାର ରଞ୍ଜନ ପାଣ୍ଡୁ, ଡାଇରେକ୍ଟର ଫାଇନାନ୍ସ ଗଗନ ବିହାରୀ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସାମାଜିକ ସଦଭାବନା, ଓଡ଼ିଆ ଭାଷାର ଉତ୍‌ଥାନ ଲାଗି ଆହ୍ୱାନ

ଭୁବନେଶ୍ୱର(ସବ୍ୟୁ): ସାପ୍ତାହିକ ସମ୍ବାଦପତ୍ର "ରାଜ୍ୟ କାହାଣୀ'ର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଭୁବନେଶ୍ୱର ବୁଦ୍ଧମନ୍ଦିର ଠାରେ ଅନୁଷ୍ଠିତ ହୋଇଛି । କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ କର । ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପବିତ୍ର ମହାରଥା, ବିଶେଷ ଅତିଥି ଭାବେ ବିଜେପି ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଏବଂ ସାହିତ୍ୟିକ ଡକ୍ଟର ଚକ୍ରଧର ଦାସ ପ୍ରମୁଖ ଯୋଗ ଦେଇଥିଲେ । ସାମ୍ବାଦିକ ହୃଷିକେଶ ଗୌଡ଼ ଗ୍ରାମାଞ୍ଚଳ ସାମ୍ବାଦିକତା ଉପରେ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଶେଷରେ ରାଜ୍ୟକାହାଣୀ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ବ୍ରାଣ୍ଡେଡ଼ ମଞ୍ଚଗୁଡ଼ିକର ସମ୍ପ୍ରସାରଣ କରିଛି କ୍ରମ୍ପଟନ

ଭୁବନେଶ୍ୱର, (ସବ୍ୟୁ) : କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍‌ଟ୍ରିକାଲ ଲିମିଟେଡ଼, ବୁଧବାର ତାର ନୂତନ ମାଷ୍ଟର ବ୍ରାଣ୍ଡ ଆଇଡ଼େଣ୍ଟିଟିର ଉନ୍ମୋଚନ କରିଛି । ଗତ ଦଶନ୍ଧି ମଧ୍ୟରେ, କ୍ରମ୍ପଟନ ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦ ନବସୃଜନରେ ଏହାର ନିରନ୍ତର ନିବେଶ ମାଧ୍ୟମରେ ତାର ମୂଳ ବର୍ଗଗୁଡ଼ିକରୁ ଆଗକୁ ବଢ଼ି ସମ୍ପ୍ରସାରିତ ହୋଇଛି। ଏହି ନୂତନ ବ୍ରାଣ୍ଡ ପରିଚୟ କମ୍ପାନୀର ବ୍ୟବସାୟିକ ବିକାଶକୁ ପ୍ରଦର୍ଶିତ କରିବା ସହିତ ଏକୀକୃତ ମଞ୍ଚସୃଷ୍ଟି ତଥା କମ୍ପାନୀର ପରବର୍ତ୍ତି ପର୍ଯ୍ୟାୟର ନବସୃଜନକାରୀ ସୁପରପ୍ରିମିୟମ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧିକୁ ସହାୟତା କରୁଛି।କ୍ରମ୍ପଟନର ଏହି ସତେଜଭରା ନୂତନ ପରିଚୟର ମୂଳ ଆକର୍ଷଣ ହେଉଛି 'ସେଫାୟାର' (ଯାହାର ଉଚ୍ଚାରଣ ସାଫ୍-ଫାୟାର) ଯାହା କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍‌ଟ୍ରିକାଲ ଲିମିଟେଡ଼ର ନୂତନ ପ୍ରତୀକ ବା ଏମ୍ବ୍ଲେମ୍ ଏବଂ ଏହାର ପ୍ରାଥମିକ ଦୃଶ୍ୟମାନ ପରିଚୟ। ଏହି ସେଫାୟାର ନାମଟି ଦୁଇଟି ଶକ୍ତିଶାଳୀ ଉତ୍ସରୁ ପ୍ରେରଣାପ୍ରାପ୍ତ ହୋଇଛି ଯଥା -ନୀଳକାନ୍ତ ମଣିର ଗଭୀର, ସ୍ଥାୟୀ, ନୀଳରଙ୍ଗ ଏବଂ ଗ୍ରୀକ୍ ପବନ ଜେଫାଇରସର ମୃଦୁ୍ୟମୂଳୟ। ଏହା ଯତ୍ନ, ଗୁଣବତା, ପରିଚ୍ଛନ୍ନତା ଏବଂ କାଳଜୟୀତାକୁ ସହଜ ଶାଳୀନତା ଓ ଶାନ୍ତ ଉର୍ଜା ସହିତ ପ୍ରତୀଫଳିତ କରେ। ସେଫାୟାରକ୍ରମ୍ପଟନର ଏକ ଅଗ୍ରଣୀ ଡ଼ିଜାଇନ ପ୍ରତିବଦ୍ଧତା, ସହଜତା ଏବଂ ସୌନ୍ଦର୍ଯ୍ୟଗତସୂକ୍ଷ୍ମ ପରିଚର୍ଯ୍ୟାକୁ ଦର୍ଶାଇଥାଏ। ୧୨ଟି ବୃତ୍ତକୁ ବ୍ୟବହାର କରି ସେଫାୟାରର ନିର୍ମାଣ ସମାନ ଭାବରେ ଅର୍ଥପୂର୍ଣ୍ଣ, ଯାହା ବର୍ଷର ପ୍ରତ୍ୟେକ ମାସକୁ ବୁଝାଇଥାଏ।




# ଭାରତ ମସଲା ପରିସରରେ ସ୍ୱାଧୀନତା ଦିବସ ପାଳିତ

କଟକ,(ସବ୍ୟୁ): ପବିତ୍ର ୮୦ତମ ସ୍ୱାଧୀନତା ଦିବସ ଭାରତ ମସଲା ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବରେ ଡି.କେ. ସାହୁ (ଅବସରପ୍ରାପ୍ତ ସେନା ଅଧିକାରୀ), ସମ୍ମାନିତ ଅତିଥି ଭାବରେ ସ୍ତମ୍ଭକାର ତଥା ସୁ-ଲେଖକ ବଳରାମ ସାହୁ, ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଜି.ଏମ୍ ବିପିନ୍ ରାଉତ, ଜେନେରାଲ ମ୍ୟାନେଜର(ଅପରେସନ୍) ଅରୁଣ କୁମାର ନାୟକ ଏବଂ କମ୍ପାନୀର ପ୍ରଡକ୍ସନ ମୁଖ୍ୟ ନବକୃଷ୍ଣ ପ୍ରଧାନ, ନିର୍ଦ୍ଦେଶକ ସୀମାନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା ଏବଂ ନିର୍ଦ୍ଦେଶିକା ଏସ.ଏନ୍. ମିଲେନିୟମ ପ୍ରମୁଖ ଉପସ୍ଥିତ ରହି ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଭାରତ ମସଲା ପକ୍ଷରୁ ବୃକ୍ଷରୋପଣ ଏବଂ କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥି ସହିତ ସମାଜସେବୀ ନରହରି ସାହୁ ଏବଂ କଲ୍ୟାଣ ସାହୁ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କମ୍ପାନୀ ପକ୍ଷରୁ ମିଷ୍ଟାନ୍ନ ବର୍ଣ୍ଟନ କରାଯାଇଥିଲା । କାର୍ଯ୍ୟରତ ବିଭିନ୍ନ କଳା ଓ କୌଶଳରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଆର.ଜେ ନଳିନୀ କାନ୍ତ ବିଶ୍ୱାଳ ।



# ଶିଶୁ ଶିକ୍ଷା ସଦନରେ ସ୍ୱାଧୀନତା ଦିବସ

ଜଟଣୀ, (ସବ୍ୟୁ) : କୁଦିଆରୀ ମହାତାବନଗର ସ୍ଥିତ ଶିଶୁ ଶିକ୍ଷା ସଦନ ଠାରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଅନନ୍ତ ପ୍ରସାଦ ପାଟଶାଣୀ ପତାକା ଉତ୍ତୋଳନ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ବଳିୟାରସିଂହ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଥିଲେ।



# ନୂଆବଜାର ସେଣ୍ଟ ଜାଭିୟର୍ସ ସିନିୟର୍ ସେକେଣ୍ଡାରୀ ବିଦ୍ୟାଳୟରେ ସ୍ୱାଧୀନତା ଦିବସ

କଟକ,(ସବ୍ୟୁ): ଉଦିମୂଳ ସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର୍ ସେକେଣ୍ଡାରୀ ବିଦ୍ୟାଳୟ ପରିସରରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ସମ୍ବାମି ଭାରତର ସମ୍ପାଦିକା ତଥା ସଦଗୁରୁ ନର୍ସି କଲେଜର ଟ୍ରଷ୍ଟି ନନ୍ଦିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଛାତ୍ର ଛାତ୍ରୀ ମାନଙ୍କୁ ନିଜ ଦେଶ , ଜାତି ତଥା ଅଞ୍ଚଳର ନାଗରିକଙ୍କୁ ତ୍ରିରଙ୍ଗା ଭଳି ଉଚ୍ଚ ରଖିବାକୁ ଉପଦେଶ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ସେଣ୍ଟ ଜାଭିୟର୍ସ ଏଜୁକେସନଲ ଟ୍ରଷ୍ଟର ଚିଫ ମ୍ୟାନେଜିଙ୍ଗ ଟ୍ରଷ୍ଟି , ସମ୍ୟକ ମହାନ୍ତି ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ନାଗରିକ ତଥା ଛାତ୍ର ଛାତ୍ରୀ ଦେଶର ଦରିଦ୍ରତା ଦୂରୀକରଣ ନିମନ୍ତେ ପ୍ରଚେଷ୍ଟା କଲେ ଆମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନତା ପ୍ରାପ୍ତ କରିପାରିବୁ ବୋଲି ମତବ୍ୟକ୍ତ କରିଥିଲେ । ଏହା ପରେ ବିଦ୍ୟାଳୟର ଏନସିସି ଓ ସ୍କାଉଟ ଗାଇଡ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେମାତରମ, ବିରସାମୁଣ୍ଡା , ପଞ୍ଜାବୀ ନୃତ୍ୟ , ଆର୍ମି ଡ୍ୟାନ୍ସ ଆଦି ଦେଶଭକ୍ତି ମୂଳକ ନୃତ୍ୟ ଗୀତ ପରିବେଷଣ ଖୁବ ଚିତାକର୍ଷକ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ପ୍ରଦୀପ କୁମାର ତ୍ରିପାଠୀ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ସଂକ୍ରାନ୍ତରେ ଅବଗତ କରେଇବା ସଙ୍ଗେ ସଙ୍ଗେ ନିଜକୁ ସୁନାଗରିକ ରୂପେ ଗଢି ତୋଳିବାକୁ ଉପଦେଶ ଦେଇଥିଲେ। ପରିଶେଷରେ ବିଦ୍ୟାଳୟର ହେଡ ଗାର୍ଲ ଓ ଜେନେରାଲ ସେକ୍ରେଟାରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ମିଠା ବର୍ଣ୍ଟନ କରାଯାଇଥିଲା।



# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ

ଜଟଣୀ, (ସବ୍ୟୁ) : ଜଟଣୀ ସ୍ଥିତ ସେଞ୍ଚୁରିଆନ୍ ୟୁନିଭର୍ସିଟି କ୍ୟାମ୍ପସରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଦେଶପ୍ରେମର ଉଦ୍ଦୀପନା, ଛାତ୍ରଛାତ୍ରୀଙ୍କ ଆକର୍ଷଣୀୟ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମାଜ ସେବାର ଏକ ନିଆରା ଝଲକ ଏହି ଅବସରରେ ଦେଖିବାକୁ ମିଳିଥିଲା। ବନ୍ଦେ ମାତରମ୍ ଗାନ କରାଯିବା ପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସୁପ୍ରିୟା ପଟ୍ଟନାୟକ ଏବଂ କ୍ରୀଡ଼ା ବିଭାଗର ସନ୍ତରଣ ପ୍ରଶିକ୍ଷକ ସାନିଆ କୁଇଣ୍ଟାଲ ମିଳିତ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କୁଳପତି ଡକ୍ଟର ସୁପ୍ରିୟା ପଟ୍ଟନାୟକ ଅତୀତର ବଳିଦାନ ଏବଂ ଭବିଷ୍ୟତର ବୈଷୟିକ ଜ୍ଞାନକୌଶଳର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।ଏହାପରେ ୩୧ଟି ପ୍ଲାଟୁନକୁ ନେଇ ଏକ ଚିତ୍ତାକର୍ଷକ ସେରିମୋନିଆଲ୍ ପରେଡ୍ ଅନୁଷ୍ଠିତ ହୋଇଥିଲା। ପରେଡ୍ କମାଣ୍ଡର, ଗାର୍ଡ ଅଫ୍ ଅନର, ଘୋଷ ଟିମ୍, ପରେଡ୍ ସଂଯୋଜକ ଏବଂ ଉପସ୍ଥାପକଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିବା ପରେ ମିଷ୍ଟାନ୍ନ ବର୍ଣ୍ଟନ କରାଯାଇଥିଲା।



## ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ପକ୍ଷରୁ

# ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା "ରଙ୍ଗତୁଳୀ-୨୦୨୬'


ଭୁବନେଶ୍ୱର, (ସବ୍ୟୁ) : ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ପକ୍ଷରୁ ଏହାର ପ୍ରମୁଖ ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା "ରଙ୍ଗତୁଳୀ-୨୦୨୬' ର ପଞ୍ଚମ ସଂସ୍କରଣ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ରେ ସଫଳତାର ସହ ଆୟୋଜିତ ହୋଇଛି। ଭୁବନେଶ୍ୱରର ୧୦୦ରୁ ଅଧିକ ବିଦ୍ୟାଳୟର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପଞ୍ଚମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଦୁଇଟି ବର୍ଗରେ ଅଂଶଗ୍ରହଣ କରିଥିଲେ। ପଞ୍ଚମରୁ ସପ୍ତମ ଶ୍ରେଣୀ ପାଇଁ ବିଷୟ ଥିଲା "ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନା କୁହନ୍ତୁ, ଯେତେବେଳେ ଅଷ୍ଟମରୁ ଦଶମ ଶ୍ରେଣୀ ପାଇଁ ବିଷୟ ଥିଲା "ଡିଜିଟାଲ୍ ଇଣ୍ଡିଆ ମୋ ସ୍ମାର୍ଟ ଗ୍ରାମଦ୍ଧ। ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱରର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରୋଟାରୀ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ, ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଯୁବ ଶିଳ୍ପୀମାନେ ନିଜର କଳ୍ପନାଶକ୍ତି, ସୃଜନଶୀଳତା ଓ ଶିଳ୍ପୀସୁଲଭ ପ୍ରତିଭାର ଅନନ୍ୟ ପରିଚୟ ଦେଇଥିଲେ। ରଙ୍ଗିନ ଚିତ୍ର ମାଧ୍ୟମରେ ସେମାନେ ପରିବେଶ ସୁରକ୍ଷା, ଡିଜିଟାଲ୍ ପରିବର୍ତ୍ତନ ଓ ଏକ ଉନ୍ନତ ଭବିଷ୍ୟତ ପାଇଁ ନିଜର ଚିନ୍ତାଧାରାକୁ ପ୍ରକାଶ କରିଥିଲେ। ଏହି ବିଷୟଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ସମସାମୟିକ ସମସ୍ୟାଗୁଡ଼ିକୁ ବୁଝିବା ସହିତ ନିଜର ଚିନ୍ତାକୁ ସୃଜନଶୀଳ ଭାବରେ ପ୍ରକାଶ କରିବାର ସୁଯୋଗ ଦେଇଥିଲା। ପୁରସ୍କାର ବିତରଣ ସମାରୋହରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ, ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତାମାନଙ୍କୁ ମୋଟ ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର, ପ୍ରମାଣପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହିତ ପ୍ରତ୍ୟେକ ବର୍ଗରେ ୧୦ଟି ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍‌ର ସଭାପତି ରୋଟାରିଆନ୍ ବିକାଶ ଗରାବଡୁ କହିଥିଲେ ଯେ, ରଙ୍ଗତୁଳୀ କେବଳ ଏକ ଚିତ୍ରକଳା ପ୍ରତିଯୋଗିତା ନୁହେଁ, ବରଂ ଯୁବ ମନକୁ ଚିନ୍ତା କରିବା, କଳ୍ପନା କରିବା ଓ ନିଜର ଭାବନାକୁ ପ୍ରକାଶ କରିବା ପାଇଁ ଏକ ଅନନ୍ୟ ମଞ୍ଚ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଅତିଥିମାନଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା।




## ସବୁଜ ଶକ୍ତି କ୍ଷେତ୍ରରେ ଟିପିଡବ୍ଲୁଓଡିଏଲ୍‌ର ନୂଆ ରେକର୍ଡ

# ଜୁଲାଇ ମାସରେ ୮,୦୦୦ରୁ ଅଧିକ ନୂତନ ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ

ବୁର୍ଲା, (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଫଳରେ କମ୍ପାନୀ ଏକ ବଡ଼ ସଫଳତା ହାସଲ କରିପାରିଛି । କମ୍ପାନୀ ପକ୍ଷରୁ ଗତ ଜୁଲାଇ ମାସରେ ସର୍ବାଧିକ ୮,୨୯୮ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇ ଏକ ନୂଆ ରେକର୍ଡ ସୃଷ୍ଟି କରାଯାଇ ପାରିଛି । ଏହି ସଫଳତାରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ୩,୩୯୫ଟି ଏବଂ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଚଳିତ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଜରିଆରେ ୪,୯୦୩ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ସାମିଲ ରହିଛି । କେବଳ ୟୁଏଲ୍‌ଏ ମଡେଲ୍ ଅଧୀନରେ ଜୁଲାଇ ମାସରେ ୪,୯୦୩ଟି ରୁଫ୍‌ଟପ୍ ସୋଲାର ସଂଯୋଗ କରାଯାଇଛି, ଯାହା ମେ ମାସର ୩,୫୧୮ ରେକର୍ଡକୁ ପଛରେ ପକାଇ ଏହି ମଡେଲର ସଫଳତା ପ୍ରମାଣିତ କରିଛି । ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, "ଗୋଟିଏ ମାସରେ ୮,୨୯୮ଟି ରୁଫ୍‌ଟପ୍ ସୋଲାର ସଂଯୋଗ ସ୍ଥାପନ କରିବା ଆମ ପାଇଁ ଏକ ମାଇଲଖୁଣ୍ଟ । ଏହା ରୁଫ୍‌ଟପ୍ ସୋଲାର ପ୍ରତି ଉପଭୋକ୍ତାଙ୍କ ବଢ଼ୁଥିବା ବିଶ୍ୱାସର ପ୍ରତୀକ । ଉପଭୋକ୍ତାଙ୍କ ସକ୍ରିୟ ଅଂଶଗ୍ରହଣ, ଆମ ଫିଲ୍ଡ ଟିମ୍, ସବୁଜ ଶକ୍ତି ଅଧିକାରୀ ଏବଂ ସହଯୋଗୀମାନଙ୍କ ନିରନ୍ତର ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ବିଶେଷ କରି ଅଧିକ ସଂଖ୍ୟକ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହେବା ପ୍ରମାଣ କରୁଛି ଯେ, ରୁଫ୍‌ଟପ୍ ସୋଲାର ସାଧାରଣ ଘରୋଇ ଖର୍ଚ୍ଚ କମାଇବାରେ କେତେ ପ୍ରଭାବଶାଳୀ । ଆମେ ପଶ୍ଚିମ ଓଡ଼ିଶାରେ ସୌରଶକ୍ତି ଆପଣାଇବା ପ୍ରକ୍ରିୟାକୁ ଆହୁରି ସହଜ କରି ଭାରତର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଅଧିକରୁ ଅଧିକ ଘରକୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିବୁ । ଜିଲ୍ଲାସ୍ତରୀୟ ପ୍ରଦର୍ଶନରେ ନୂଆପଡ଼ା ଜିଲ୍ଲା ଶୀର୍ଷରେ ରହିଛି । ଜୁଲାଇ ମାସରେ ନୂଆପଡ଼ାରେ ୧,୫୦୯ଟି ରୁଫ୍‌ଟପ୍ ସୋଲାର ସଂଯୋଗ ହୋଇଛି, ଯାହା ମେ ମାସର ୧,୪୮୯ ରେକର୍ଡକୁ ଅତିକ୍ରମ କରିଛି । ଜୁଲାଇ ୨୦୨୬ ସୁଦ୍ଧା ନୂଆପଡ଼ା ଜିଲ୍ଲାରେ ମୋଟ ୭,୬୪୩ ଉପଭୋକ୍ତା ରହିଥିବା ବେଳେ ସେଥିମଧ୍ୟରୁ ୟୁଏଲ୍‌ଏ ମଡେଲ୍ ଅଧୀନରେ ୫,୫୧୯ଟି ସଂଯୋଗ ହୋଇ ଏହା ସମଗ୍ର ପଶ୍ଚିମ ଓଡ଼ିଶାରେ ଅଗ୍ରଣୀ ଜିଲ୍ଲା ପାଲଟିଛି ।



# ସ୍କାଏ କିଡ୍ସ ପ୍ଲେ ସ୍କୁଲରେ ଫ୍ୟାନ୍ସି ଡ୍ରେସ୍ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ସିଡିଏ ସେକ୍ଟର-୧୧ ସ୍ଥିତ ସ୍କାଏ କିଡ୍ସ ପ୍ଲେ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ପାର୍ଥସାରଥୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପୋଲିସ ଅଧିକାରୀ ଅଭୟ କୁମାର ସାହୁ ଏବଂ ସାମ୍ବାଦିକ ପ୍ରଦୀପ୍ତ କୁମାର ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସ୍କୁଲର ପ୍ରିନ୍ସିପାଲ ସୌଦାମିନୀ ପଟ୍ଟନାୟକ, ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଗହଣରେ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ଏବଂ ଫ୍ୟାନ୍ସି ଡ୍ରେସ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିସହିତ ଫ୍ୟାନ୍ସି ଡ୍ରେସ୍ କାର୍ଯ୍ୟକ୍ରମରେ ପିଲାମାନେ ବିଭିନ୍ନ ଦେଶପ୍ରେମୀ ଚରିତ୍ର ଓ ମହାନ ବ୍ୟକ୍ତିତ୍ୱଙ୍କ ବେଶଭୂଷାରେ ସଜି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍କୁଲ ପରିବାର ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ, ଶିକ୍ଷୟିତ୍ରୀ ଏବଂ ପ୍ରିୟ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।



# ଚୋର ଗିରଫ, ବାଇକ ଜବତ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଥାନା ପୁଲିସ ବୁଧବାର ଦିନ ଜଣେ ବାଇକ ଚୋରକୁ ଗିରଫ କରିବା ସହିତ ତା ନିକଟରୁ ଚୋରି ବାଇକକୁ ଜବତ କରିଛି। ଗିରଫ ଚୋର ଜଣକ ଧାମନଗର ଥାନା ନୂଆପଡା ଗ୍ରାମର ଉମାକାନ୍ତ ଦାସଙ୍କ ପୁଅ ବଳରାମ ଦାସ (୨୦)ବୋଲି ଜଣାପଡିଛି। ଗତ ମାସରେ ଧର୍ମଶାଳା ଥାନା ମୁରାରୀପୁର ଗ୍ରାମର ହିମାଂଶୁ ଶେଖର ସେଠୀ କୌଣସି କାମରେ ଯାଇ ନିକଟସ୍ଥ ରେଳଷ୍ଟେସନ ନିକଟରେ ନିଜର ବାଇକ ଓଡି- ୦୪-ଭି-୩୦୫୧ ନମ୍ବର ହୁଣ୍ଡାୟୁନିକର୍ଣ୍ଣ ବାଇକକୁ ରଖିଥିବା ବେଳେ କେହି ଦୁର୍ବୃତ ବାଇକକୁ ଚୋରି କରିନେଇଯାଇଥିଲା। ଏନେଇ ବାଇକ ମାଲିକ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୩୧୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଚୋରି ହୋଇଥିବା ବାଇକ ସମ୍ପର୍କରେ ଧର୍ମଶାଳା ପୁଲିସ ସନ୍ଧାନ ପାଇଥିଲା।

## ଅପରେସନ୍ ସିନ୍ଦୂର' ଡକ୍ୟୁମେଣ୍ଟାରୀ

# ପାକିସ୍ତାନକୁ ଘାରିଲା ଚିନ୍ତା




**ନୂଆଦିଲ୍ଲୀ:**'ଅପରେସନ୍ ସିନ୍ଦୂର' ଉପରେ ଭାରତର ଏକ ଡକ୍ୟୁମେଣ୍ଟାରୀ ପାକିସ୍ତାନରେ ହଇଚଇ ସୃଷ୍ଟି କରିଛି। 'ଅପରେସନ ସିନ୍ଦୂର'ବେଳେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ଡକ୍ୟୁମେଣ୍ଟାରୀ ସିରିଜ୍ ଉପରେ ପାକିସ୍ତାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଡକ୍ୟୁମେଣ୍ଟାରୀକୁ ଏକପାଖିଆ ବୋଲି କହିଛି। ପାକିସ୍ତାନ ଅଭିଯୋଗ କରିଛି ଯେ, ଡକ୍ୟୁମେଣ୍ଟାରୀରେ ଘଟଣାଗୁଡ଼ିକୁ ଅତ୍ୟଧିକ ନାଟକୀୟ ଭାବରେ ଉପସ୍ଥାପନ କରାଯାଇଛି। 'ଦ ଡିସ୍କଭରୀ ଡକ୍ୟୁସେରିଜ୍ 'ଡିକ୍ଲାସିଫାଏଡ୍: ଅପରେସନ୍ ସିନ୍ଦୂର' ନାମକ ଡକ୍ୟୁମେଣ୍ଟାରୀ ଅଗଷ୍ଟ ୧୫ ତାରିଖରେ ପ୍ରିମିୟର ହୋଇଥିଲା। ଏହା ଉପରେ ପାକିସ୍ତାନ ସେନାର ପ୍ରବକ୍ତା ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ୍ ରାତି ୨ଟାରେ ତାଙ୍କ ବକ୍ତବ୍ୟ ଜାରି କରି ଏହାକୁ ଦୁଃଖଦ ଓ ହାସ୍ୟାସ୍ପଦ ବୋଲି କହିଛନ୍ତି।ମଙ୍ଗଳବାର ଭୋର ସମୟରେ 'ଏକ୍ସ'ରେ ଏକ ପୋଷ୍ଟରେ ସରିଫ ଅଭିଯୋଗ କରିଛନ୍ତି ଯେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ଭାରତୀୟ ସଶସ୍ତ୍ର ବାହିନୀର ଶୀର୍ଷ ନେତୃତ୍ୱଙ୍କୁ ଦର୍ଶାଯାଇଥିବା ଡକ୍ୟୁମେଣ୍ଟାରୀରେ ଗମ୍ଭୀରତାର ଅଭାବ ରହିଛି ଓ ଏହାକୁ ବଲିଉଡ୍ ଶୈଳୀରେ ନାଟକୀୟ ଭାବେ ପ୍ରସ୍ତୁତ କରାଯାଇଛି। 'ଅପରେସନ ସିନ୍ଦୂର' ସମୟର ଘଟଣାବଳୀକୁ ଭାରତ ନିଜ ଶୈଳୀ ଓ ରଙ୍ଗ ଦେଇଛି ବୋଲି ପାକିସ୍ତାନ ଅଭିଯୋଗ କରିଛି। ଏହାବ୍ୟତୀତ ପାକିସ୍ତାନୀ ସେନା ଡକ୍ୟୁମେଣ୍ଟାରୀରେ 'ଅପରେସନ ସିନ୍ଦୂର'କୁ ଭାରତୀୟ ସାମରିକ ସଫଳତା ଭାବରେ ଚିତ୍ରଣ କରାଯିବା ଉପରେ ପ୍ରଶ୍ନ ଉଠାଇଛି। ପାକିସ୍ତାନ ଦାବି କରିଛି ଯେ, ଏହା ଏକପାଖିଆ ସୂଚନା ପ୍ରଦାନ କରୁଛି। ଭାରତ ସରକାର ଏପର୍ଯ୍ୟନ୍ତ ପାକିସ୍ତାନୀ ବିବୃତିର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା। ଏହାର ଜବାବରେ ୭ ମେ, ୨୦୨୫ରେ ଭାରତ ପକ୍ଷରୁ 'ଅପରେସନ ସିନ୍ଦୂର' ଆରମ୍ଭ ହୋଇଥିଲା।

## ଇମ୍ରାନଙ୍କୁ ଭେଟିଲେ ଭଉଣୀ ଓ ପତ୍ନୀ

# ୧୫ ମିନିଟ୍‌ର ସାକ୍ଷାତ

**ଇସଲାମାବାଦ:** ପାକିସ୍ତାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ତାଙ୍କ ଭଉଣୀ ନୌରିନ ନିୟାଜି ଓ ପତ୍ନୀ ବୁଶରା ବିବି ରାୱଲପିଣ୍ଡିର ଆଡିୟାଲା ଜେଲରେ ଭେଟିଥିଲେ। ନଅ ମାସ ପରେ ଭଉଣୀ ନୌରିନ ଇମ୍ରାନ ଖାନଙ୍କୁ ଭେଟିଥିଲେ। ୧୫ ମିନିଟର ଏହି ସାକ୍ଷାତ ସମୟରେ ପରିବାର ଲୋକ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଚିକିତ୍ସା ପାଇଁ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଇମ୍ରାନ ପତ୍ନୀ ବୁଶରା ବିବିଙ୍କୁ ପାଖାପାଖି ୩୦ରୁ ୩୫ ମିନିଟ ଧରି ଭେଟିଥିଲେ। ସାକ୍ଷାତ ପରେ ନୌରିନ୍ ଇମ୍ରାନଙ୍କୁ ଭେଟିଥିବା ସ୍ପଷ୍ଟ କରିଛନ୍ତି। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଣମାଧ୍ୟମ ସହିତ ସେ କଥା ହୋଇନଥିଲେ। ନୌରିନ୍ ତାଙ୍କ ଭଉଣୀ ଅଲିମା ଖାନ ଓ ଉଜମା ଖାନଙ୍କ ସହ ଆଡିୟାଲା ଜେଲକୁ ଯିବା ବାଟରେ ଦହଗଲ ଚେକପଏଣ୍ଟରେ ପହଞ୍ଚିଥିଲେ। ପୁଲିସ ତିନି ଜଣଙ୍କୁ ଅଟକାଇ ଦେଇଥିଲା। ପରେ କେବଳ ନୌରିନ୍‌ଙ୍କୁ ଇମ୍ରାନଙ୍କୁ ଭେଟିବା ପାଇଁ ଜେଲ ଭିତରକୁ ଅନୁମତି ଦିଆଯାଇଥିଲା। ୧୫ ମିନିଟ୍ର ସାକ୍ଷାତ ପରେ ନୌରିନ୍ ଇମ୍ରାନଙ୍କୁ ଭେଟିବା ନିଶ୍ଚିତ କରିଥିଲେ।ତେବେ କୋର୍ଟଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ସେ ଗଣମାଧ୍ୟମ ସହିତ କଥା ହୋଇ ନଥିଲେ। ସୁପ୍ରିମକୋର୍ଟ ମଙ୍ଗଳବାର ଇମ୍ରାନ ଖାନଙ୍କ ପରିବାରକୁ ସପ୍ତାହକୁ ଥରେ ଭେଟିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ କହିଛନ୍ତି ଯେ, ଇମ୍ରାନଙ୍କୁ ତାଙ୍କ ପରିବାର ଭେଟିବା ଏକ ଅନୁଗ୍ରହ ନୁହେଁ ବରଂ ଏକ ମୌଳିକ ଅଧିକାର। କୋର୍ଟ ଗତ ତିନି ବର୍ଷ ମଧ୍ୟରେ ଇମ୍ରାନ ଖାନ ଓ ତାଙ୍କ ଭଉଣୀମାନଙ୍କ ମଧ୍ୟରେ ହୋଇଥିବା ସାକ୍ଷାତର ରେକର୍ଡ ମଧ୍ୟ ମାଗିଥିଲେ। ଏହା ସହିତ ତାଙ୍କ ପୁଅମାନଙ୍କ ସହ ହୋଇଥିବା କଥାବାର୍ତ୍ତା ଓ ଫୋନ୍ କଲ୍ ବିଷୟରେ ବିସ୍ତୃତ ବିବରଣୀ ମଧ୍ୟ ମାଗିଥିଲେ। ଇମ୍ରାନ୍ ଖାନ୍ ୨୦୧୮ରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୨୨ ମସିହାରେ ସଂସଦୀୟ ଅନାସ୍ଥା ଭୋଟ ମାଧ୍ୟମରେ ତାଙ୍କୁ ବହିଷ୍କାର କରାଯାଇଥିଲା। ତେବେ ଇମ୍ରାନଙ୍କ ବିରୋଧରେ ଲାଗିଥିବା ମାମଲାଗୁଡ଼ିକ ରାଜନୈତିକ ଭାବରେ ପ୍ରେରିତ ବୋଲି ତାଙ୍କ ସମର୍ଥକ କହିଛନ୍ତି। ଇମ୍ରାନ ଅଗଷ୍ଟ ୨୦୨୩ ରୁ ଜେଲରେ ଅଛନ୍ତି, ପ୍ରଥମେ ୧୯୦ ନିୟୁତ ପାଉଣ୍ଡ ଦୁର୍ନୀତି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଇମ୍ରାନଙ୍କୁ ମେ ୯, ୨୦୨୩ ର ପ୍ରତିବାଦକୁ ନେଇ ପାକିସ୍ତାନରେ ଆତଙ୍କବାଦ ବିରୋଧୀ ଆଇନ ଅନୁଯାୟୀ ବିଚାରାଧୀନ ମାମଲାର ମଧ୍ୟ ସାମ୍ନା କରିବାକୁ ପଡ଼ିଛି।

## ତାମିଲନାଡୁରେ ବିଧାୟକଙ୍କୁ କାର ଉପହାର

**ଚେନ୍ନାଇ:**ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି.ଯୋଶେଫ ବିଜୟ ରାଜ୍ୟର ୨୩୪ ବିଧାୟକଙ୍କ ପାଇଁ ଏକ ବଡ଼ ଉପହାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ, ପ୍ରତ୍ୟେକ ବିଧାୟକଙ୍କୁ ଏକ ସରକାରୀ କାର୍, ମାସିକ ଇନ୍ଧନ ଏବଂ ରକ୍ଷଣାବେକ୍ଷଣ ଭତ୍ତା ଏବଂ ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା କଭରେଜ୍ ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଶାସକ ଦଳ ଏବଂ ଅନ୍ୟ ବିଧାୟକ ଖୋଲାଖୋଲି ଭାବରେ ସ୍ୱାଗତ କରିଛନ୍ତି। ବିଧାୟକମାନଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀରେ ସାଧାରଣ ସେବା କାର୍ଯ୍ୟକୁ ସହଜ କରିବା ପାଇଁ ପ୍ରତ୍ୟେକଙ୍କୁ ଏକ ସରକାରୀ ଗାଡ଼ି ଯୋଗାଇ ଦିଆଯିବ। ଡ୍ରାଇଭର, ଇନ୍ଧନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ ସରକାର ପ୍ରତି ମାସରେ ୭୫ ହଜାର ଟଙ୍କାର ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବେ। ସରକାରୀ କାର୍ଯ୍ୟ ପରିଚାଳନା ପାଇଁ ଜଣେ ସଚିବଙ୍କୁ ନିଯୁକ୍ତି ଦେବା ପାଇଁ ଅତିରିକ୍ତ ୨୫ ହଜାର ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯିବ। ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କଭର ୫ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

## ହୋଟେଲରେ ଅଗ୍ନିକାଣ୍ଡ: ୯ ବାଂଲାଦେଶୀଙ୍କ ମୃତ୍ୟୁ

**କୋଲକାତା:** କୋଲକାତାର ମିର୍ଜା ଗାଲିବ ଷ୍ଟ୍ରିଟରେ ଥିବା ଏକ ହୋଟେଲରେ ବୁଧବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣାରେ ଅତି କମରେ ୯ ଜଣ ବାଂଲାଦେଶୀ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ରାତି ପ୍ରାୟ ୨ଟା ସମୟରେ ହୋଟେଲରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ସମୟରେ ଅଧିକାଂଶ ହୋଟେଲ ଅତିଥି ଶୋଇଥିବାରୁ ଘଟଣା ଭୟାବହ ରୂପ ନେଇଥିଲା। ନିଆଁ ସହ ଘନ ଧୂଆଁ ସମଗ୍ର ହୋଟେଲରେ ବ୍ୟାପିଯିବାରୁ ଅତିଥିମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଖବର ପାଇବା ପରେ ଅଗ୍ନିଶମ ବାହିନୀର ଏକାଧିକ ଗାଡ଼ି ଏବଂ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର ଓ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଘନ ଧୂଆଁ ଯୋଗୁଁ ହୋଟେଲର ଉପର ମହଲାକୁ ପହଞ୍ଚିବା ଏବଂ ଭିତରେ ଥିବା ଲୋକଙ୍କୁ ଉଦ୍ଧାର କରିବାରେ ଅଗ୍ନିଶମ କର୍ମଚାରୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦୀର୍ଘ ସମୟର ଉଦ୍ଧାର ଅଭିଯାନ ପରେ ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲା।ଘଟଣାସ୍ଥଳରୁ ୯ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ୬ ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଛି। ମୃତକମାନେ ବାଂଲାଦେଶୀ ନାଗରିକ ଏବଂ ଚିକିତ୍ସା ପାଇଁ କୋଲକାତା ଆସିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ତେବେ ହୋଟେଲରେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଝାଡ଼ଖଣ୍ଡରେ ୨୨ ନିଯୁକ୍ତି ପରୀକ୍ଷା ବାତିଲ: ଛାତ୍ର ଆନ୍ଦୋଳନ ଜାରି



**ରାଞ୍ଚି:** ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଛାତ୍ର ଆନ୍ଦୋଳନ ଜାରି ରହିଥିବାବେଳେ ଝାଡ଼ଖଣ୍ଡ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଚାଲିଥିବା ଅପରାଧ ତଦନ୍ତ ବିଭାଗ (ସିଆଇଡି) ତଦନ୍ତର ତଥ୍ୟ ଆଧାରରେ ଜେପିଏସ୍ସି ଓ ଜେଏସ୍ଏସ୍ସି ଦ୍ୱାରା କରାଯାଇଥିବା ମୋଟ ୨୨ଟି ନିଯୁକ୍ତି ପରୀକ୍ଷା ବାତିଲ କରାଯାଇଛି। ମଙ୍ଗଳବାର ବିଳମ୍ବିତ ସମୟରେ ରାଜ୍ୟ କାର୍ମିକ ବିଭାଗ ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରିଛି।ସୋମବାର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଅଧ୍ୟକ୍ଷତାରେ ବସିଥିବା ସ୍ୱତନ୍ତ୍ର କ୍ୟାବିନେଟ୍ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଥିଲା। ୨୦୧୪ରୁ ଏପର୍ଯ୍ୟନ୍ତ ହୋଇଥିବା ଆଉ ୧୭ଟି ପରୀକ୍ଷାକୁ ମଧ୍ୟ ତଦନ୍ତ ପରିସରକୁ ଆଣିଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ପାରଦର୍ଶିତା ଓ ଅନିୟମିତତା ଅଭିଯୋଗର ଯାଞ୍ଚ ପାଇଁ ସିଆଇଡି ତଦନ୍ତ ଚାଲିଛି। ଏହି ପଦକ୍ଷେପରେ ଜେଏସ୍ଏସ୍ସିର କମ୍ବାଇଣ୍ଡ୍ ଗ୍ରାଜୁଏଟ୍ ଲେଭଲ୍ ବା ଜେଏସ୍ଏସ୍ସି-ସିଜିଏଲ୍ ପରୀକ୍ଷା ମଧ୍ୟ ସାମିଲ ଅଛି। ଏହାଛଡ଼ା ଟିଏସ୍ଆର୍ ଡାଟା ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍ (ଟିଡିପିଏଲ୍) ନାମକ ଘରୋଇ ସଂସ୍ଥା ଦ୍ୱାରା ୨୦୧୪ରୁ କରାଯାଇଥିବା ପରୀକ୍ଷାଗୁଡ଼ିକୁ ମଧ୍ୟ ସରକାର ବାତିଲ କରିଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟର ଅଣ-ଶିକ୍ଷକ ପଦ ପାଇଁ ହୋଇଥିବା ପରୀକ୍ଷା ଏବଂ ଝାଡ଼ଖଣ୍ଡ କମ୍ବାଇଣ୍ଡ ସିଭିଲ୍ ସର୍ଭିସେସ୍ ପରୀକ୍ଷା-୨୦୨୫ର ନିୟମିତ ଓ ବ୍ୟାକଲଗ୍ ପରୀକ୍ଷା ମଧ୍ୟ ରହିଛି।ତେବେ ସରକାରଙ୍କ ନିଷ୍ପତ୍ତି ପରେ ନୂଆ ସମସ୍ୟା ଦେଖାଦେଇଛି। ବାତିଲ ହୋଇଥିବା ଜେଏସ୍ଏସ୍ସି-ସିଜିଏଲ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ପାଇଥିବା ପ୍ରାୟ ୧,୯୫୦ ଜଣଙ୍କ ସମେତ ୨,୭୦୦ରୁ ଅଧିକ ନିଯୁକ୍ତ କର୍ମଚାରୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତ ହୋଇପଡ଼ିଛି। ଏମାନଙ୍କ ମଧ୍ୟରେ ସିଭିଲ୍ ସର୍ଭିସ୍, ଫରେଷ୍ଟ ରେଞ୍ଜ୍ ଅଫିସର, ଶିଶୁ ବିକାଶ ଅଧିକାରୀ ଓ ଖାଦ୍ୟ ଯୋଗାଣ ଅଧିକାରୀ ଭଳି ପଦରେ ନିଯୁକ୍ତ ଲୋକ ଅଛନ୍ତି। ଅଧିକାଂଶ ଏବେ ଚାକିରିର ପ୍ରୋବେସନ୍ ପର୍ଯ୍ୟାୟରେ ଅଛନ୍ତି। ଅନ୍ୟପଟେ, ଛାତ୍ରମାନଙ୍କ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନକାରୀମାନେ ନିଯୁକ୍ତି ପରୀକ୍ଷାରେ ଅନିୟମିତତାର ନିରପେକ୍ଷ ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି (ସିବିଆଇ)ର ତଦନ୍ତ ଦାବି କରୁଛନ୍ତି। ସରକାର ଜେଏସ୍ଏସ୍ସି-ସିଜିଏଲ୍ ସହ ଅନେକ ପରୀକ୍ଷା ବାତିଲ କରି ଆନ୍ଦୋଳନକାରୀଙ୍କ ଏକ ପ୍ରମୁଖ ଦାବି ମାନିଥିଲେ ମଧ୍ୟ, ଏହି ନିଷ୍ପତ୍ତିକୁ ନେଇ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀମାନେ ପୃଥକ୍ ଭାବେ ପ୍ରତିବାଦ ଆରମ୍ଭ କରିଛନ୍ତି।

## ଛାତ୍ର ଆନ୍ଦୋଳନକୁ ସମର୍ଥନ, ତେଜସ୍ୱୀ ଅଟକ

**ପାଟନା:** ବିହାରର ସିୱାନରେ ଛାତ୍ର ଆନ୍ଦୋଳନ ସମୟରେ ଏକେ-୪୭ ରୁ ଗୁଳିଚାଳନା ପ୍ରସଙ୍ଗକୁ ନେଇ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ବୁଧବାର ରାସ୍ତାକୁ ଓହ୍ଲାଇଛି। ଆର୍ଜେଡି ପାଟନାର ଜେପି ଗୋଲମ୍ବରରୁ ଲୋକଭବନ ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ। ଆର୍ଜେଡି କର୍ମୀଙ୍କୁ ରାସ୍ତାରୁ ହଟେଇବାକୁ ପୁଲିସ ଅନେକ ସ୍ଥାନରେ ବ୍ୟାରିକେଡ କରିଥିଲା। କିନ୍ତୁ ଆର୍ଜେଡି କର୍ମୀ ପୁଲିସ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ିଥିଲେ। କେତେକ କର୍ମକର୍ତ୍ତା ରାସ୍ତା ଉପରେ ଶୋଇପଡ଼ିଥିଲେ। ପୁଲିସ ପ୍ରଦର୍ଶନକାରୀଙ୍କୁ ଘଉଡ଼େଇବାକୁ ପାଣି ତୋପ ମାଡ଼ କରିଥିଲା।ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ିଥିଲେ। ଅପରାହ୍ଣରେ ପୁଲିସ ତେଜସ୍ୱୀ, ମିସା ଭାରତୀଙ୍କ ସମେତ ଅନେକ ଆର୍ଜେଡି କର୍ମୀଙ୍କୁ ଅଟକ ରଖିଛି। ପୁଲିସ ତେଜସ୍ୱୀଙ୍କୁ ସଚିବାଳୟ ପୁଲିସ ଷ୍ଟେସନକୁ ନେଇଯାଇଛି। ସିୱାନରେ ଛାତ୍ରଙ୍କ ପ୍ରତିବାଦ ସମୟରେ ଏକେ-୪୭ ରାଇଫଲ୍ ବ୍ୟବହାରକୁ ନେଇ ବିବାଦର ପୃଷ୍ଠଭୂମିରେ ଏହି ଶୋଭାଯାତ୍ରା କରାଯାଇଛି। ବିହାର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ, ଭିଡ଼ରେ ଫସିଯିବା ପରେ ଜଣେ ପୁଲିସ କନଷ୍ଟେବଲ ଏକ ଏକେ-୪୭ ରୁ ଆକାଶକୁ ଚାରି ରାଉଣ୍ଡ ଗୁଳି ଚଳାଇଥିଲେ।ସରକାର କହିଛନ୍ତି ଯେ, ଗୁଳିଚାଳନା ସମୟରେ କୌଣସି ପ୍ରଦର୍ଶନକାରୀ ଆହତ ହୋଇନାହାନ୍ତି ଓ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ମାର୍ଚ୍ଚରେ ଅଂଶଗ୍ରହଣ କରିଥିବା ଆର୍ଜେଡି ସାଂସଦ ମୀସା ଭାରତୀ ସିୱାନରେ ଛାତ୍ର ପ୍ରତିବାଦ ସମୟରେ ଏକେ-୪୭ ବ୍ୟବହାର ହୋଇଥିବା ରିପୋର୍ଟ ଉପରେ ପ୍ରଶ୍ନ ଉଠାଇଥିଲେ। ସେ ଅଭିଯୋଗ କରିଥିଲେ ଯେ ବିହାର ସରକାର ଛାତ୍ରମାନଙ୍କ ଭବିଷ୍ୟତକୁ ହତ୍ୟା କରୁଛନ୍ତି।ପଦଯାତ୍ରାରେ ଯୋଗ ଦେଇଥିବା ଆର୍ଜେଡି ସାଂସଦ ମନୋଜ ଝା କହିଛନ୍ତି ଯେ, ସାରା ଦେଶରେ ବିଶେଷକରି ବିହାରରେ, ଛାତ୍ର ଓ ଯୁବକମାନେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ବେକାରୀକୁ ନେଇ କ୍ରୋଧିତ। ସେମାନେ ଭାଷଣବାଜି ନୁହେଁ, ସମାଧାନ ଚାହୁଁଛନ୍ତି।

## ମଧ୍ୟାହ୍ନ ଭୋଜନରେ ଡିଟରଜେଣ୍ଟ: ୨୦ ଛାତ୍ର ଅସୁସ୍ଥ

**ପାଟନା:**ବିହାରର ନାଳନ୍ଦା ଜିଲ୍ଲାର ଏକ ସରକାରୀ ସ୍କୁଲରେ ମଙ୍ଗଳବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ୨୦ରୁ ଅଧିକ ଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ନୁର୍ସରାଇ ଥାନା ଅଞ୍ଚଳର ପାରାସିର ମଧ୍ୟମା ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଅସୁସ୍ଥ ଛାତ୍ରମାନଙ୍କୁ ବିହାରଶରିଫ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିଭିଲ୍ ସର୍ଜନ ଡାକ୍ତର ଜୟ ପ୍ରକାଶ ସିଂହ ହସ୍ପିଟାଲ ପରିଦର୍ଶନ କରି ଛାତ୍ରମାନଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ।ସମସ୍ତ ପିଲା ବିପଦମୁକ୍ତ ଥିବା ଡାକ୍ତର ସିଂହ କହିଛନ୍ତି।ପ୍ରଧାନଶିକ୍ଷକ ଶୈଳେନ୍ଦ୍ର କୁମାର ସିଂହ କହିଛନ୍ତି ଯେ, ନିର୍ଦ୍ଧାରିତ ମେନୁ ଅନୁଯାୟୀ ଏକ ଏନଜିଓ ଦ୍ୱାରା ସୋୟାବିନ୍ ଭାତ ସହିତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇଥିଲା। କିଛି ଛାତ୍ର ଖାଦ୍ୟ ଖାଇସାରିଥିବାବେଳେ ଅନ୍ୟମାନେ ଖାଇବାରେ ଲୁଣ ପଡ଼ିନାହିଁ ବୋଲି ଅଭିଯୋଗ କରିଥିଲେ। ରୋଷେଇ ଘରେ ଲୁଣ ଓ ଡିଟରଜେଣ୍ଟ ପାଉଡର ପାଖାପାଖି ରଖାଯାଇଥିଲାବେଳେ ରୋଷେୟା ଡିଟରଜେଣ୍ଟକୁ ଭୁଲବଶତଃ ଲୁଣ ଭାବି ଖାଦ୍ୟରେ ମିଶାଇ ଦେଇଥିଲେ ବୋଲି ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଖାଦ୍ୟ ଖାଇବାର କିଛି ସମୟ ପରେ ଅନେକ ଛାତ୍ର ମୁଣ୍ଡ ବୁଲାଇବା ଓ ବାନ୍ତି ହେବା ଅଭିଯୋଗ କରିଥିଲେ।

## ନିଟ୍ ପରୀକ୍ଷା ସମ୍ପୂର୍ଣ୍ଣ ସୁରକ୍ଷିତ

# ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ନିଟ୍-ୟୁଜି ପରୀକ୍ଷା ପରିଚାଳନା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ ହେରଫେର୍ କରିବା କଷ୍ଟକର। ତେବେ ସରକାର ଏହା ସ୍ୱୀକାର କରିଛନ୍ତି ଯେ ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ମଧ୍ୟ ଜଡିତ। ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ପ୍ରଶ୍ନପତ୍ର କିପରି ଚୟନ କରାଯାଏ ତାହା ବୁଝାଇଥିଲେ। ୧୦୦ଟି ପ୍ରଶ୍ନ ସହିତ ଏକ ପଦାର୍ଥ ବିଜ୍ଞାନ ପତ୍ରର ଉଦାହରଣ ଦେଇ, ମେହେଟ୍ଟା ପ୍ରକ୍ରିୟା ବ୍ୟାଖ୍ୟା କରିଥିଲେ। ଅନେକ ମୋଡରେଟର ଗୋଷ୍ଠୀ ପ୍ରଥମେ ୫୦୦ଟି ପ୍ରଶ୍ନର ଏକ ବ୍ୟାଙ୍କ ତିଆରି କରନ୍ତି।ବ୍ୟାଙ୍କରୁ, ଅନ୍ୟ ମୋଡରେଟରମାନେ ପ୍ରତ୍ୟେକ ୧୦୦ ଟି ପ୍ରଶ୍ନ ଚୟନ କରନ୍ତି ଏବଂ ୪ ଟି ଭିନ୍ନ ଭିନ୍ନ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି। ଏହା ପରେ, ଏନଟିଏର ମହାନିର୍ଦ୍ଦେଶକ ସେହି ଚାରୋଟି ପେପରରୁ ଦୁଇଟି ପେପର ଚୟନ କରନ୍ତି। ତା'ପରେ ପେପରକୁ ସିଲଡ୍ ବାକ୍ସରେ ସିସିଟିଭି ଏବଂ ସିଆଇଏସଏଫ ସୁରକ୍ଷାରେ ଦୁଇଟି ଭିନ୍ନ ପ୍ରିଣ୍ଟିଂ ପ୍ରେସ୍କୁ ପଠାଯାଏ। ବାକ୍ସର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପାଖରେ ଏକ ଡିଜିଟାଲ୍ ଚାବି ଥାଏ। ପ୍ରିଣ୍ଟିଂ ପ୍ରେସ୍ ମାଲିକ ଏନଟିଏ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରି କୋଡ୍ ପାଇଲେ ହିଁ ବାକ୍ସଟି ଖୋଲାଯାଇପାରିଥାଏ। ବାକ୍ସଟି ଖୋଲିବା ପରେ,କୌଣସି ବାହାର ବ୍ୟକ୍ତିଙ୍କୁ ପ୍ରିଣ୍ଟିଂ ପ୍ରେସ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଥାଏ।ମୁଦ୍ରଣାଳୟରେ କଡ଼ା ସୁରକ୍ଷା ଏବଂ ଗୋପନୀୟତା ବଜାୟ ରଖାଯାଇଥାଏ। ପ୍ରିଣ୍ଟିଂ ପ୍ରେସ୍ କର୍ମଚାରୀମାନେ ମଧ୍ୟ ଜାଣି ନଥାନ୍ତି ପ୍ରଶ୍ନପତ୍ର କେଉଁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ପ୍ରଶ୍ନପତ୍ର ଏବଂ ଓଏମଆର ସିଟ୍ ଏକ ସିଲ୍ ଲଫାପାରେ ରଖାଯାଇଥାଏ। ଲଫାଫା ଖୋଲିବା ପାଇଁ ସିଲ୍ ଭାଙ୍ଗିବାକୁ ପଡିଥାଏ ବୋଲି ମେହେଟ୍ଟା କହିଛନ୍ତି।

## ବିଷାକ୍ତ ମଦ ପିଇ ଗୁଜରାଟରେ ୨ ମୃତ

**ଭାବନଗର:** ଗୁଜରାଟର ଭାବନଗର ଜିଲ୍ଲାରେ ବୁଧବାର ବିଷାକ୍ତ ମଦ ପିଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଓ ଅସୁସ୍ଥ ହୋଇଥିବା ଅନ୍ୟ ୧୯ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ୪ ଜଣ ମଦ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ଗୁଜରାଟରେ ମଦ ଉତ୍ପାଦନ, ବିକ୍ରି ଓ ପିଇବା ମନା ହୋଇଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି।ଭାବନଗର ଜିଲ୍ଲାପାଳ ମନୀଷ କୁମାର କହିଛନ୍ତି ଯେ, ଲୋକମାନେ ଭାରତ ନିର୍ମିତ ବିଦେଶୀ ମଦ ବ୍ରାଣ୍ଡର ନକଲି ବୋତଲରୁ ମଦ ପିଇଥିଲେ। ପୁଲିସ ଅଧିକ୍ଷକ (ଏସ୍ପି) ନିତେଶ ପାଣ୍ଡେ ସୂଚନା ଦେଇଛନ୍ତି ଯେ, କିଛି ଦିନ ପୂର୍ବେ ଖରକଡି ଗାଁରେ କିଛି ଲୋକ ଏକ ଭାରତ ନିର୍ମିତ ବିଦେଶୀ ମଦ ବ୍ରାଣ୍ଡର ନକଲି ବୋତଲରୁ ମଦ ପିଇଥିଲେ, ଯାହା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା, ଅନ୍ୟ ଛଅ ଜଣଙ୍କୁ ଚିକିତ୍ସା ପାଇଁ ଭାବନଗରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାର୍ ଟି ହସ୍ପିଟାଲରେ ସନ୍ଦେହଜନକ ପରିସ୍ଥିତିରେ ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ତାଙ୍କ ମୃତ୍ୟୁର ସଠିକ୍ କାରଣ ଯାଞ୍ଚ କରାଯାଉଛି ବୋଲି ନିଲମ ବାଗ୍ ପୁଲିସ ଷ୍ଟେସନ୍ ଇନ୍ସପେକ୍ଟର ଡିପି ଉଦଙ୍କଟ କହିଛନ୍ତି। ଭର୍ତେଜ୍ ଓ ସହରର ଅନ୍ୟାନ୍ୟ ପୁଲିସ ଷ୍ଟେସନ୍ ଅଞ୍ଚଳର ମଦ ବେପାରୀଙ୍କୁ ଅଟକ ରଖାଯାଇଛି ବୋଲି ଏସ୍ପି ପାଣ୍ଡେ ସାମ୍ବାଦିକମାନଙ୍କୁ କହିଛନ୍ତି।

## ବୃହତ ବିମାନ ଚାଳନା ବ୍ୟାଟେରୀ ଉତ୍ପାଦନ କରିବ ଡ୍ରିମଫ୍ଲାଇ ଇନୋଭେସନ୍ସ

**ବେଙ୍ଗାଲୁରୁ:** ଉନ୍ନତ ବିମାନ ଚାଳନା ବ୍ୟାଟେରୀ ପ୍ରଯୁକ୍ତିରେ ବିଶେଷଜ୍ଞ ଭାରତୀୟ ଡିପ୍-ଟେକ୍ କମ୍ପାନୀ, ଡ୍ରିମଫ୍ଲାଇ ଇନୋଭେସନ୍ସ ଉତର ବେଙ୍ଗାଲୁରୁରେ ୪୦,୦୦୦ ବର୍ଗଫୁଟର ଏକ ବିମାନ ଚାଳନା ବ୍ୟାଟେରୀ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛି। ଏହି କାରଖାନାର ପ୍ରାରମ୍ଭିକ ବାର୍ଷିକ ଉତ୍ପାଦନ କ୍ଷମତା ୧୦୦ ମେଗାୱାଟ୍ ଆୱାର୍ ରହିବ। ଏହା ଡ୍ରୋନ୍ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଭାରତର ଅନ୍ୟତମ ବୃହତ ବିମାନ ଚାଳନା ବ୍ୟାଟେରୀ ଉତ୍ପାଦନ କାରଖାନା ଭାବେ ପରିଗଣିତ ହେବ। ଏହି କାରଖାନାରେ ପ୍ରତିରକ୍ଷା, ନିରୀକ୍ଷଣ, ଯାଞ୍ଚ, କୃଷି କ୍ଷେତ୍ରରେ ସ୍ପ୍ରେ କରିବା, ଲଜିଷ୍ଟିକ୍ସ ଏବଂ ଏୟାର୍ ଟ୍ୟାକ୍ସି ଭଳି ଉଦୀୟମାନ ଏୟାର୍ ମୋବିଲିଟି ପ୍ଲାଟଫର୍ମ ସମେତ ବିଭିନ୍ନ ଡ୍ରୋନ୍ ପ୍ରୟୋଗ ପାଇଁ ଉନ୍ନତ ବିମାନ ଚାଳନା ବ୍ୟାଟେରୀ ଉତ୍ପାଦନ କରାଯିବ। ଏହି ନିବେଶ ମାଧ୍ୟମରେ ଅନ୍ୟାନ୍ୟ ଏରିଆଲ୍ ସିଷ୍ଟମର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉପାଦାନର ସ୍ଥାନୀୟ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବା ସହ ଭାରତର ଘରୋଇ ଡ୍ରୋନ୍ ଯୋଗାଣ ଶୃଙ୍ଖଳକୁ ଆହୁରି ସୁଦୃଢ଼କରିବ ବୋଲି ଆଶା କରାଯାଉଛି। କମ୍ପାନୀର ସଦ୍ୟତମ ଉତ୍ପାଦନ ପଦକ୍ଷେପ ସମ୍ପର୍କରେ ମତରଖି ଡ୍ରିମଫ୍ଲାଇ ଇନୋଭେସନ୍ସର ସହ-ପ୍ରତିଷ୍ଠାତା ତଥା ସିଇଓ, କାଜଲ ଶାହ କହିଛନ୍ତି, ପ୍ରତ୍ୟେକ କାର୍ଯ୍ୟଦକ୍ଷତା, ସୁରକ୍ଷା, ଦୀର୍ଘସ୍ଥାୟିତ୍ୱ ଏବଂ ବିଶ୍ୱସନୀୟତା ବ୍ୟାଟେରୀ ଉପରେ ନିର୍ଭର କରେ। ଭାରତର ଡ୍ରୋନ୍ ଅର୍ଥନୀତି ବୃଦ୍ଧି ପାଉଥିବାବେଳେ, ଡ୍ରୋନ୍ ପାଇଁ ବ୍ୟାଟେରୀ ନିର୍ମାଣରେ ଭାରତ ନିଜସ୍ୱ କ୍ଷମତା ବିକଶିତ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ।

## ସାଂସଦ ମହୁଆଙ୍କ ବିରୁଦ୍ଧରେ କୋର୍ଟ ଜାରି କଲେ ଗିରଫ ପରୱାନା



**କୋଲକାତା:** ଅଡୁଆରେ ତୃଣମୂଳ କଂଗ୍ରେସ ବା ଟିଏମସି ସାଂସଦ ମହୁ ମୋଇତ୍ରା। ତାଙ୍କ ବିରୋଧରେ କ୍ରିଷ୍ଣାନଗରର ଗୋଟିଏ କୋର୍ଟ ଜାରି କରିଛନ୍ତି ଗିରଫ ପରୱାନା। ଘୃଣା ସୃଷ୍ଟିକାରୀ ବୟାନ ଅଭିଯୋଗ ମାମଲାରେ କୋର୍ଟ ମହୁଆଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ବାରମ୍ବାର ସମନ କରିଥିଲେ। କିନ୍ତୁ ସେ ଏହାକୁ ବେଖାତିର କରି ଚାଲିଥିବାରୁ ଆଜି କୋର୍ଟ ବାଧ୍ୟ ହୋଇ ମହୁଆଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। କ୍ରିଷ୍ଣାନଗର କୋର୍ଟର ତୃତୀୟ ନ୍ୟାୟିକ ମାଜିଷ୍ଟ୍ରେ ଅତ୍ୟନ୍ତ ଅସନ୍ତୋଷ ପ୍ରକାଶ କରି ତତ୍କାଳ ପରୱାନା ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହାର କାର୍ଯ୍ୟକାରୀ କେତେଦୂର କରାଯାଇଛି, ତା'ର ରିପୋର୍ଟକୁ ଅଗଷ୍ଟ ୨୮ରେ ଦାଖଲ କରିବାକୁ କହିଛନ୍ତି। ମଙ୍ଗଳବାର ଶୁଣାଣି ବେଳେ କୋର୍ଟ ମହୁଆକୁ ବୁଧବାର ହାଜର ହେବାକୁ କହିଥିଲେ। କିନ୍ତୁ ଆଜିର ଶୁଣାଣି ବେଳେ ମଧ୍ୟ ତାଙ୍କର ଦେଖା ମିଳି ନଥିଲା। ମହୁଆଙ୍କ ଅନୁପସ୍ଥିତି ସମ୍ପର୍କରେ ପ୍ରଶ୍ନ ଉଠିବାରୁ ତାଙ୍କୁ ଓକିଲ ନିଜର ପକ୍ଷ କୋର୍ଟରେ ରଖିଥିଲେ। ସେ କହିଥିଲେ ଯେ ସାଂସଦ ମହୁଆ କୌଣସି ବି ପରିସ୍ଥିତିରେ ବ୍ୟକ୍ତିଗତ ଭାବେ ହାଜର ହୋଇପାରିବେ ନାହିଁ। କାରଣ କୋର୍ଟ ପରିସର ବାହାରେ ତାଙ୍କୁ ଦୁର୍ବ୍ୟବହାର ଓ ଠେଲାପେଲା କରାଯିବାର ଆଶଙ୍କା ରହିଛି।ହେଲେ କୋର୍ଟଙ୍କୁ ଏହି ଯୁକ୍ତି ଆଦୌ ପ୍ରଭାବିତ କରିପାରି ନଥିଲା। ବାରମ୍ବାର ସମନ ସତ୍ତ୍ୱେ ମହୁଆ ଅନୁପସ୍ଥିତ ରହୁଥିବାରୁ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ ଆଚରଣ କୋର୍ଟଙ୍କ ଆଦେଶ ପାଳନ ପ୍ରତି ଅପମାନ ବୋଲି କହିଛନ୍ତି। କୋର୍ଟ ନିର୍ଦ୍ଦେଶନାମାରେ କହିଛନ୍ତି ଯେ "କୋର୍ଟର ଆଦେଶକୁ ବାରମ୍ବାର ଅବମାନନା କରାଯିବା ଘଟଣାରୁ ଅଭିଯୁକ୍ତଙ୍କ ମଧ୍ୟରେ କୋର୍ଟଙ୍କ ଆଦେଶ ପାଳନ ପ୍ରତି ଉଦାସୀନ ମନୋଭାବ ସ୍ପଷ୍ଟ ହେଉଛି। ତେଣୁ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ବ୍ୟତୀତ ଏହି କୋର୍ଟ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ।"ମହୁଆଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଗୋଟିଏ ଭିଡିଓ ସହ ଜଡ଼ିତ। କ୍ରିଷ୍ଣାନଗରର ଟିଏମ୍ସି ସାଂସଦ ମହୁଆ କୋର୍ଟରେ ହାଜର ହେବାର ଖବର ସାମ୍ନାକୁ ଆସିବା ପରେ କିଛି ମହିଳା ଅଣ୍ଡା ଧରି ଏକାଠି ହୋଇଥିଲେ। ଏହାକୁ ନେଇ ମହୁଆ ଗୋଟିଏ ଭିଡିଓ ଜାରି କରିଥିଲେ। ଏଥିରେ ସେ ମହିଳାମାନଙ୍କୁ ଶରୀର ଘୋଡ଼ାଇ ରଖିବା ଭଳି ପୋଷାକ ପିନ୍ଧି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ।ପରେ ଏହି ଭିଡିଓ ସୋଶାଲ ମିଡିଆରେ ବେଶ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ମହୁଆଙ୍କ ବୟାନ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛି। ଦୁଇ ଧର୍ମକୁ ଅପମାନ କରିବା ସହ ଧାର୍ମିକ ଉତ୍ତେଜନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେ ବୟାନ ଦେଇଛନ୍ତି। ଏନେଇ ୨୦୨୬ ଜୁନ୍ ୧୭ ତାରିଖରେ କ୍ରିଷ୍ଣାନଗର କୋର୍ଟରେ ଏହି ଗୋଟିଏ ଆବେଦନ ଦାଖଲ ହୋଇଥିଲା।କ୍ରିଷ୍ଣାନଗର ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁସାରେ, ଭାରତୀୟ ନ୍ୟାୟ ସଂହିତାର ଧାରା ୭୯, ୧୯୬, ୨୯୯, ୩୫୧ ଓ ୩୫୩(୨) ଅଧୀନରେ ମାମଲା ରୁଜୁ ହୋଇଛି। ଏହି ଧାରାଗୁଡ଼ିକ ମହିଳାଙ୍କ ମର୍ଯ୍ୟାଦାକୁ ଅପମାନ କରିବା, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା, ଧାର୍ମିକ ଭାବନାକୁ ଆଘାତ ଦେବା, ଅପରାଧିକ ଧମକ ଓ ଘୃଣା ସୃଷ୍ଟି କରିବା ଭଳି ଅଭିଯୋଗ ସହ ଜଡ଼ିତ।ଏହି ଘଟଣାରେ କୋର୍ଟ ମହୁଆଙ୍କୁ ବାରମ୍ବାର ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଏହାକୁ ମାନି ନଥିଲେ। ଫଳରେ ମାଜିଷ୍ଟ୍ରେଟ୍ ତାଙ୍କ ବିରୋଧରେ ଆଜି ଗିରଫ ପରୱାନା ଜାରି କରିଛନ୍ତି।ବୁଧବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ତାଙ୍କୁ କୋର୍ଟରେ ହାଜର ହେବା ପାଇଁ ସମୟ ଦିଆଯାଇଥିଲା। ହେଲେ ସେ ହାଜର ହୋଇ ନଥିବାରୁ କୋର୍ଟ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। ଏବେ ଅଗଷ୍ଟ ୨୮ ତାରିଖ ସୁଦ୍ଧା ଗିରଫ ପରୱାନା କାର୍ଯ୍ୟକାରୀ ହୋଇଛି କି ନାହିଁ, ସେନେଇ ରିପୋର୍ଟ ଦାଖଲ କରିବାକୁ ମଧ୍ୟ କ୍ରିଷ୍ଣାନଗର କୋର୍ଟ ପୁଲିସକୁ କହିଛନ୍ତି।

## ହକି ବିଶ୍ୱକପ

# ପାକିସ୍ତାନକୁ ବିଦା କଲା ଭାରତ



ନୂଆଦିଲ୍ଲୀ,୧୯।୮ (ଏଜେନ୍ସି): ଏଫଆଇଏଚ ହକି ବିଶ୍ୱକପରେ ଭାରତୀୟ ପୁରୁଷ ହକି ଦଳ ବଡ଼ ବିଜୟଲାଭ କରିଛି। ଇଂଲଣ୍ଡଠାରୁ ୪-୨ରେ ହାରିଥିବା ଭାରତୀୟ ଦଳ ବୁଧବାର ପାକିସ୍ତାନ ବିପକ୍ଷରେ ନିଜର ଦମ ଦେଖାଇଛି। ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲରେ ଏକତରଫା ଭାବେ ପରାସ୍ତ କରିଦେଇଛି। ଏହି ବିଜୟ ସହ ଭାରତ ବିଶ୍ୱକପର ପରବର୍ତ୍ତୀ ରାଉଣ୍ଡକୁ ଯାଇଛି। ଗ୍ରୁପ୍ ଡି'ରୁ ପ୍ରଥମେ ଇଂଲଣ୍ଡ ଓ ଦ୍ୱିତୀୟରେ ଭାରତ ପରବର୍ତ୍ତୀ ରାଉଣ୍ଡକୁ ଯାଇଛି। ଏହି ଗ୍ରୁପରେ ଥିବା ପାକିସ୍ତାନ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଚଳିତ ହକି ବିଶ୍ୱକପରୁ ବିଦାୟ ନେଇଛି। ପାକିସ୍ତାନ ପ୍ରଥମ ମ୍ୟାଚରେ ଇଂଲଣ୍ଡ ଠାରୁ ହାରି ଥିଲା। ଭାରତ ପ୍ରଥମ ମ୍ୟାଚରେ ୱେଲ୍ସକୁ ୩-୧ରେ ହାରାଇଥିଲା। ପାକିସ୍ତାନ ସହ ୱେଲ୍ସ ମଧ୍ୟ ବିଶ୍ୱକପ ଗ୍ରୁପ ପର୍ଯ୍ୟାୟରୁ ଅଭିଯାନ ଶେଷ କରିଛି।

ପାକିସ୍ତାନ ସହ ମୁକାବିଲାରେ ହରମନପ୍ରୀତ ସିଂଙ୍କ ଭାରତ ଆରମ୍ଭରୁ ନିଜର ଦବଦବା ଦେଖାଇଥିଲା। ଘନ ଘନ ଆଟାକ ବଳରେ ପାକିସ୍ତାନକୁ ଅସ୍ଥିର କରିଥିଲେ ଭାରତୀୟ ଖେଳାଳି। ମ୍ୟାଚର ପଞ୍ଚମ ମିନିଟରେ ପ୍ରଥମ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଅଧିନାୟକ ହରମନପ୍ରୀତ ୧-୦ରେ ଦଳକୁ ଆଗୁଆ କରିଥିଲେ। ପ୍ରଥମ କ୍ୱାର୍ଟରରେ ଆଉ ଏକ ଚମତ୍କାର ଗୋଲ ଦେଖିବାକୁ ମିଳିଥିଲା। ଅଭିଶେକ ପ୍ରଥମ ଫିଲ୍ଡ ଗୋଲ ଦେଇଥିଲେ। ତେଣୁ ଭାରତ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୩ଟି ଗୋଲ ଦେଖିବାକୁ ମିଳିଥିଲା। ୨୧ତମ ମିନିଟରେ ହରମନପ୍ରୀତ ସିଂ ଗୋଲ କରିଥିବା ବେଳେ ୨୨ତମ ମିନିଟରେ ପାକିସ୍ତାନ ପକ୍ଷରୁ ହନାଦ ସହିଦ ପ୍ରଥମ ଗୋଲ ଦେଇଥିଲେ। ଅଭିଶେକ ଭାରତ ପାଇଁ ଚତୁର୍ଥ ଗୋଲ ଦେଇଥିଲେ। କିଛି ସେକେଣ୍ଡ ପରେ ପାକିସ୍ତାନର ସୁଫୟାନ ଖାନ ଆଉ ଏକ ଗୋଲ ଦେବାରୁ ସ୍ଥିତି ୪-୨ ହୋଇଥିଲା। ମ୍ୟାଚର ୩୫ତମ ମିନିଟରେ ପାକିସ୍ତାନ ଡି ଅଞ୍ଚଳରେ ଫାଉଲ କରିବାରୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ହାର୍ଦ୍ଦିକ ସିଂ ଗୋଲରେ ପରିଣତ କରି ଭାରତକୁ ୨-୦ରେ ଅଗ୍ରଣୀ କରିଥିଲେ। ପାକିସ୍ତାନର ହନାନ ସହିଦ ଚମତ୍କାର ଫିଲ୍ଡ ଗୋଲ କରି ବ୍ୟବଧାନକୁ ୫-୩ କରିଥିଲେ। ୪୬ତମ ମିନିଟରେ ଏହି ଗୋଲ ହୋଇଥିଲା। ଶେଷରେ ଭାରତ ୫-୩ ଗୋଲରେ ପାକିସ୍ତାନକୁ ହରାଇ ବିଶ୍ୱକପର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି।

## ଆୟୁଷ, ସିନ୍ଧୁ ପ୍ରି-କ୍ୱାର୍ଟରରେ; ଲକ୍ଷ୍ୟ, ଉନ୍ନତିଙ୍କ ହୃଦୟ ବିଦାରକ ପରାଜୟ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ପୂର୍ବତନ ଚାମ୍ପିଅନ୍ ପିଭି ସିନ୍ଧୁ ଏବଂ ଜାୟାଣ୍ଟ କିଲର୍ ଆୟୁଷ ଶେଟ୍ଟୀ ବୁଧବାର ଏଠାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିଅନସିପ୍ ୨୦୨୬ର ତୃତୀୟ ଦିନରେ ଘରୋଇ ଖେଳାଳିଙ୍କ ପାଇଁ ମିଶ୍ର ଫଳାଫଳର ଦିନରେ ନିଜ ଦ୍ୱିତୀୟ ରାଉଣ୍ଡର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇନଥିଲେ।

ନବମ ସିଡ୍ ସିନ୍ଧୁ ମହିଳା ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ କାନାଡାର ଝାଙ୍ଗ ୱେନ୍ ୟୁଙ୍କୁ୨୧-୧୬, ୨୧-୧୭ରେ ପରାସ୍ତ କରିଥିବାବେଳେ, ଆୟୁଷ ଶ୍ରୀଲଙ୍କାର ଦୁମିନ୍ଦୁ ଅବେୟବିକ୍ରମାଙ୍କୁ ମାତ୍ର ୨୬ ମିନିଟରେ ୨୧-୮, ୨୧-୧୦ରେ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କଲେ। ରାଉଣ୍ଡ ଅଫ୍ ୧୬ରେ ସିନ୍ଧୁ ଚୀନର ତୃତୀୟ ସିଡ୍ ୱାଙ୍ଗ ଜି ୟିଙ୍କୁ ଭେଟିବେ, ଯିଏ ଦିନର ଆରମ୍ଭରେ ମାଲେସିଆର କାରୁଓଥେଭାନ୍ ଲେଟ୍ଚାନାଙ୍କୁ ୨୧-୧୬, ୨୧-୯ରେ ପରାସ୍ତ କରିଥିଲେ। ଆୟୁଷ ମଧ୍ୟ ଇଣ୍ଡୋନେସିଆର ୧୧ତମ ସିଡ୍ ଅଲୱି ଫରହାନଙ୍କ ବିପକ୍ଷରେ ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲା ସ୍ଥିର କରିଛନ୍ତି। ୨୦୨୩ ବିଶ୍ୱ ଜୁନିୟର ଚାମ୍ପିଅନ୍ ଫିନଲ୍ୟାଣ୍ଡର ଜୋଆକିମ୍ ଓଲ୍ଡରଫ୍ଙ୍କ ବିପକ୍ଷରେ ନିଜ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ୨୧-୧୨, ୨୧-୯ରେ ସହଜରେ ଜିତିଥିଲେ। ଦୁଇଥର ବିଶ୍ୱ ଚାମ୍ପିଅନସିପ୍ ବ୍ରୋଞ୍ଜ ପଦକ ବିଜେତା ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟୀ ମଧ୍ୟ କୋର୍ଟକୁ ପ୍ରବେଶ ନକରି ରାଉଣ୍ଡ ଅଫ୍ ୧୬କୁ ଅଗ୍ରସର ହୋଇଥିଲେ, କାରଣ ଆଲେକ୍ସାଣ୍ଡର ଆହତ ହେବା ଯୋଗୁଁ ସ୍କଟଲ୍ୟାଣ୍ଡର ପ୍ରତିଦ୍ୱନ୍ଦ୍ୱୀମାନେ ସେମାନଙ୍କୁ ୱାକଓଭର ଦେଇଥିଲେ। ସିନ୍ଧୁ ଏବଂ ଆୟୁଷ ନିଜ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଶେଷ ଅସୁବିଧାରେ ପଡ଼ିନଥିବାବେଳେ, ଲକ୍ଷ୍ୟ ଏବଂ ଉନ୍ନତିଙ୍କ ପାଇଁ ହୃଦୟବିଦାରକ ପରାଜୟ ଆସିଥିଲା। ୧୪ତମ ସିଡ୍ ଲକ୍ଷ୍ୟଙ୍କୁ ୧୮ ବର୍ଷୀୟ ଆମେରିକାର ଗାରେଟ୍ ଟାନ୍ ଏକ ଘଣ୍ଟା ୧୩ ମିନିଟର ରୋମାଞ୍ଚକର ଲଢ଼େଇରେ୧୯-୨୧, ୨୧-୧୯, ୨୧-୧୭ରେ ପରାସ୍ତ କରିଥିବାବେଳେ, ଉନ୍ନତି କାନାଡାର ୧୩ତମ ସିଡ୍ ମିଶେଲ୍ ଲିଙ୍କ ବିପକ୍ଷରେ ଦୁଇଟି ମ୍ୟାଚ୍ ପଏଣ୍ଟକୁ ଜିତରେ ପରିଣତ କରିପାରିନଥିଲେ ଏବଂ ନିଜ ବିଶ୍ୱ ଚାମ୍ପିଅନସିପ୍ ଡେବ୍ୟୁରେ ୧୧-୨୧, ୨୧-୯, ୨୩-୨୧ରେ ହାରିଥିଲେ।

## ଏସିଆନ ଯୁବ ହ୍ୟାଣ୍ଡବଲ

# ଭାରତୀୟ ଦଳରେ ସ୍ୱସ୍ତିକ



ଭୁବନେଶ୍ୱର,୧୯।୮ (ସବ୍ୟୁ): ଚଳିତ ମାସ ୨୦ରୁ୩୧ ତାରିଖ ପର୍ଯ୍ୟନ୍ତ ଏଗାର ତମ ଯୁବ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତା ଜୋର୍ଡାନର ରାଜଧାନୀ ଆମନ ସହରରେ ଅନୁଷ୍ଠିତ ହେବାକୁ ଯାଉଛି ଏହି ଦଳରେ ଓଡିଶାର ଏକ ମାତ୍ର ଖେଳାଳି ସ୍ୱସ୍ତିକ ପତି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ଏହାର ଚୟନ ଶିବିର ଜୁଲାଇ ମାସ ୧୮-୧୯ ଦୁଇ ଦିନ ଧରି ଅନୁଷ୍ଠିସ୍ତ ହୋଇଥିଲା ଏବଂ ଏହାର ପ୍ରଶିକ୍ଷଣ ଶିବିର ଜୁଲାଇ ୨୦ରୁ ପାବନା ହ୍ୟାଣ୍ଡବଲ ଏକାଡେମୀ ହାତରସ ଠାରେ ଅନୁଷ୍ଠିତ ହୋଇଥିଲା ଏହି ପ୍ରଶିକ୍ଷଣ ଶିବିରରେ ସ୍ୱସ୍ତିକ ଉର୍ନତ ଖେଳ ପ୍ରଦର୍ଶନ କରି ଅଠର ଜଣିଆ ଭାରତୀୟ ଦଳରେ ସ୍ଥାନ ପକା କରିଥିଲେ ଏଠାରେ ସୂଚନାଯୋଗ୍ୟ ୨୦୨୨ ରେ ଓଡ଼ିଶାର ପ୍ରଥମ ଓ ତାରକା ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ଭାରତୀୟ ଦଳରେ ସ୍ଥାନ ପାଇ ଇତିହାସ ରଚିଥିଲେ ସ୍ୱସ୍ତିକ ବର୍ତ୍ତମାନ ଓଡିଶାର ପ୍ରଥମ ଆନ୍ତଜାତୀୟ କୋଚ ଗୌରୀ ଶଙ୍କର ମିଶ୍ରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି ସ୍ୱସ୍ତିକଙ୍କ ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଙ୍ଘ ର ସଭାପତି ବିପ୍ଳବ ଚୌଧୁରୀ ସମ୍ପାଦକ ଇଂ ମାନସ କୁମାର ସିଂ କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ ଭୁବନେଶ୍ୱର ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ କୋଚ ଗୌରୀ ଶଙ୍କର ମିଶ୍ର ସ୍ୱସ୍ତିକଙ୍କୁ ଶୁଭକାମନା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଗାଲେ ଟେଷ୍ଟ

# ଭାରତର ବଡ଼ ବିଜୟ



କଲମ୍ବୋ,୧୯।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଭାରତ ୧୬୫ ରନର ବଡ଼ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଭାରତ ପ୍ରଥମ ଇନିଂସରେ ୪୬୨ ଓ ଦ୍ୱିତୀୟ ଇନିଂସରେ ୧୯୩ ରନ କରିଥିଲା। ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୮୪ ରନ କରି ଇନିଂସ ପଛୁଆ ରହିଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୩୭୨ ରନର ବିଜୟଲକ୍ଷ୍ୟକୁ ଶ୍ରୀଲଙ୍କା ପିଛା କରି ୨୦୬ ରନ କରିବାକୁ ସକ୍ଷମ ହୋଇଥିଲା। ଦେବଦୂତ ପଡିକାଲଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ସେ ଦୁଇଟି ଇନିଂସରେ ୧୬୬ ଓ ୪୪ ରନ କରିଥିଲେ। ସବୁ ଦିଗରୁ ଜବରଦସ୍ତ ପ୍ରଦର୍ଶନ କରି ଭାରତୀୟ ଦଳ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିଲା ଭାରତ। ଦେବଦତ୍ତ ପଡ଼ିକାଲଙ୍କ ଶତକ ସହ ଲୋକେଶ ରାହୁଲ ତଥା ରିଷଭ ପନ୍ତଙ୍କ ଉପଯୋଗୀ ଇନିଂସ ବଳରେ ଦଳ ପ୍ରଥମ ଇନିଂସରେ ୪୬୨ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୮୪ ରନରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ କେବଳ ସୋନାଲ ଦିନୁଶା ଶତକୀୟ ଇନିଂସ ଖେଳିଥିଲେ। ଭାରତର ମାନବ ସୂତାର ୪ଟି ଏବଂ ରବିନ୍ଦ୍ର ଜାଡେଜା ୩ ୱିକେଟ ନେଇ ଘରୋଇ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟର ଭଲ ପ୍ରଦର୍ଶନ ଦେଖାଇ ପାରିନଥିଲେ। ମାତ୍ର ୧୯୩ ରନରେ ଭାରତ ଅଲଆଉଟ୍ ହୋଇଥିଲା। ରିଷଭ ପନ୍ତ ସର୍ବାଧିକ ୬୬ ରନ କରିଥିଲେ। ଏହାସହ ଶ୍ରୀଲଙ୍କାକୁ ବିଜୟ ପାଇଁ ୩୭୨ ରନର ଲକ୍ଷ୍ୟ ମିଳିଥିଲା। ଭାରତୀୟ ବୋଲର ପ୍ରଥମ ଇନିଂସ ଭଳି ଦ୍ୱିତୀୟରେ ମଧ୍ୟ ଦମଦାର ବୋଲିଂ କରିଥିଲା। ମାନବ ସୂତାରଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଯୋଡି ଶ୍ରୀଲଙ୍କା ବ୍ୟାଟରଙ୍କୁ ରନ ସଂଗ୍ରହ କରିବାକୁ ଦେଇନଥିଲେ। ଭାରତୀୟ ବୋଲରଙ୍କ ଜାଲରେ ଫଶି ଶ୍ରୀଲଙ୍କା କ୍ରମାନ୍ୱୟରେ ୱିକେଟ ହରାଇଥିଲା। ଫଳରେ ଘରୋଇ ଦଳ ୨୦୬ ରନ କରିପାରିଥିଲା। ଶ୍ରୀଲଙ୍କା ପକ୍ଷରୁ ଧନଞ୍ଜୟ ଡି ସିଲଭା ସର୍ବାଧିକ ୫୯ ଏବଂ ଦିନୁଶା ୮୪ ରନ କରିଥିଲେ। ଦଳ ବିଜୟଠୁ ୧୬୫ ରନ ପଛରେ ରହିଯାଇଥିଲା। ମାନବ ସୂତାର ସର୍ବାଧିକ ୬ ୱିକେଟ ଏବଂ ଏହି ମ୍ୟାଚରେ ମୋଟ ୧୦ ୱିକେଟ ଅକ୍ତିଆର କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଶ୍ରୀଲଙ୍କା ବିପକ୍ଷ ବଡ଼ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲରେ ଭାରତକୁ ବଡ଼ ସଫଳତା ମିଳିଛି। ଭାରତ ପୂର୍ବ ଭଳି ପଞ୍ଚମ ସ୍ଥାନରେ ରହିଥିଲେ ହେଁ ଦଳର ବିଜୟ ପ୍ରତିଶତ ପଏଣ୍ଟ ୫୩.୩୩କୁ ବୃଦ୍ଧି ପାଇଛି। ଶ୍ରୀଲଙ୍କା ଷଷ୍ଠ ସ୍ଥାନରେ ରହିଥିବା ବେଳେ ବିଜୟ ପ୍ରତିଶତ ପଏଣ୍ଟ ୩୩.୩୩କୁ ଖସିଛି। ଅଷ୍ଟ୍ରେଲିଆକୁ ଅପ୍ରତ୍ୟାଶିତ ଢ଼ଙ୍ଗରେ ବାଂଲାଦେଶ ପରାଜିତ କରି ୬୬.୬୭ ପଏଣ୍ଟ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୧ ନମ୍ବର, ଦ.ଆଫ୍ରିକା ୨ ନମ୍ବର ଓ ନ୍ୟୁଜିଲାଣ୍ଡ ୩ ନମ୍ବର ସ୍ଥାନରେ ରହିଛି। ଆଗାମୀ ୨୩ ତାରିଖରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଟେଷ୍ଟ କଲମ୍ବୋରେ ଆରମ୍ଭ ହେବ।

ଏଯାଏଁ ଭାରତ ୧୦ଟି ଟେଷ୍ଟରୁ ୪ଟି ହାରିଥିବା ବେଳେ ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଲାଗି ଅବଶିଷ୍ଟ ସମସ୍ତ ମ୍ୟାଚ କର ବା ମର ଭଳି ହୋଇଛି। ଶ୍ରୀଲଙ୍କା ଶୃଙ୍ଖଳା ପରେ ଭାରତ ନଭେମ୍ବର ନ୍ୟୁଜିଲାଣ୍ଡ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ଶେଷ ଶୃଙ୍ଖଳାରେ ଭାରତ ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ଭେଟିବ। ଦୁଇ ଦେଶ ମଧ୍ୟରେ ୨୦୨୭ ବର୍ଷ ଆରମ୍ଭରୁ ୫ଟି ମ୍ୟାଚ ଖେଳାଯିବ।

## ସେପ୍ଟେମ୍ବର ୧୮ ରୁ ଓଡ଼ିଶା ଟି-୨୦ ଲିଗ୍ ସିଜନ-୨




ମୋଟ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିବେ। ଚଳିତ ସଂସ୍କରଣର ପରିଚାଳନା ଦାୟିତ୍ୱ ଜିଅସ ୱାଲ୍ଡକାଷ୍ଟ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଛି। ଏତଦବ୍ୟତୀତ ଓଟିଟି ଏବଂ ଟେଲିଭିଜନରେ ପ୍ରତିଯୋଗିତାର ସିଧା ପ୍ରସାରଣ ହେବ।

ଭୁବନେଶ୍ୱର,୧୯।୮ (ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଓଡ଼ିଶା ଟି-୨୦ ଲିଗର ଦ୍ୱିତୀୟ ସିଜନ ତାରିଖ ଘୋଷଣା କରାଯାଇଛି। ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏହି ଲିଗ୍ ସେପ୍ଟେମ୍ବର ୧୮ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଆଇପିଏଲ ଢ଼ାଞ୍ଚାରେ ଖେଳାଯାଉଥିବା ପ୍ରତିଯୋଗିତାରେ

# ଜାତୀୟ ସିନିୟର ପେଞ୍ଚକ ସିଲାଟ ଚାମ୍ପିଅନସିପ: ଓଡ଼ିଶାକୁ ୭ ପଦକ




ଭୁବନେଶ୍ୱର,୧୯।୮ (ସବ୍ୟୁ): ମେଘାଳୟ ର ଶିଲଙ୍ଗ ଠାରେ ଅନୁଷ୍ଠିତ ହେଉ ଥିବା "୧୪ ତମ ଜାତୀୟ ସିନିଅର ପେଞ୍ଚକ ସିଲାଟ ଚାମ୍ପିଅନସିପ ରେ ୩୧ ଜଣ ଖେଳାଳୀ ମାନେ ଅଂଶ ଗ୍ରହଣ କରିବାକୁ ସୁଯୋଗ ପାଇଥିଲେ । ଏହି ପ୍ରତିଯୋଗିତାରେ, ଓଡ଼ିଶା ଟିମ୍ କୋଚ୍ ରାହୁଲ ସା ଙ୍କ ତତ୍ତ୍ୱାବଧାନରେ, ଓଡ଼ିଶା ରୁ ୩୧ ଜଣ ପ୍ରତିଭାବାନ ପିଲା ମାନେ ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାରେ ରେ ଓଡ଼ିଶା ର ଖେଳାଳି ମାନେ ୧ଟି ସ୍ୱର୍ଣ୍ଣ ପଦକ,୬ ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଉମାବତି ପାତ୍ର, ଗାୟତ୍ରୀ ପାତ୍ର ଗାଣ୍ଡା ପ୍ରତିଯୋଗିତା ରେ ସ୍ୱର୍ଣ୍ଣ ପଦକ, ଆକାଶ କୁମ୍ଭାର, ପ୍ରଦୀପ ମେହେର ପୁରୁଷ ଗାଣ୍ଡା ରେ କାଂସ୍ୟ ପଦକ, ସୋହିଲ ଗୁରୁଙ୍ଗ ପୁରୁଷ ତୁଙ୍ଗଲ ଓ ସୋଲୋ ରେ କାଂସ୍ୟ ପଦକ, ଅନନ୍ଦିତା ପାତ୍ର ଟେଣ୍ଡିଂ ପ୍ରତିଯୋଗିତା ରେ କାଂସ୍ୟ, ସୋହିଲ ଗୁରୁଙ୍ଗ ଓ ରାଜା ତାନ୍ତି ପୁରୁଷ ଟେଣ୍ଡିଂ ପ୍ରତିଯୋଗିତା ରେ କାଂସ୍ୟ ପଦକ ହାସଲ କରିଛନ୍ତି।ଏହି ଅଭୂତପୂର୍ବ ସଫଳତା ପଛରେ ଖେଳାଳିମାନଙ୍କର କଠିନ ପରିଶ୍ରମ, ଶୃଙ୍ଖଳା, ନିଷ୍ଠା, ପ୍ରଶିକ୍ଷକମାନଙ୍କର ନିରନ୍ତର ମାର୍ଗଦର୍ଶନ, ଟିମ୍ ଅଫିସିଆଲ, ସପୋର୍ଟ ଷ୍ଟାଫ୍ ଏବଂ ଓଡ଼ିଶା କ୍ରୀଡ଼ା ବିଭାଗ ର ସହଯୋଗ ରେ ଏହା ସମ୍ଭବ ହୋଇ ପାରିଛି ।ପ୍ରତିଯୋଗୀ ମାନେ ଓଡିଶା ତରଫରୁ ଯୋଗ ଦେଇ ପଦକ ଜିତି ଥିବାରୁ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ, ଓଡ଼ିଶା ସ୍ପୋର୍ଟସ ଡିପାର୍ଟମେଣ୍ଟ ର କମିଶନର ତଥା ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ,କ୍ରୀଡା ନିର୍ଦ୍ଦେଶକ ଡକ୍ଟର ଯେଦୁଲା ବିଜୟ,ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା,ଶ୍ରୀ ବିଜୟ କୁମାର ସ୍ୱାଇଁ,ଓଏସଡି ଶ୍ରୀ ଧୀରୋଜ କୁମାର ପଟ୍ଟନାୟକ ସମେତ ଯୁବ ସମାଜସେବୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧା ର ସଂପାଦକ ଜୀତେନ୍ଦ୍ର କୁମାର ରାଉତ ଓ ପେଞ୍ଚକ ସିଲାଟ ଆସୋସିଏସନ ଓଡିଶା ର ସଭାପତି ଶ୍ରୀ ତାପସ କୁମାର ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା , ବ୍ୟକ୍ତିଗତ ଉପଦେଷ୍ଟା ଶ୍ରୀମତୀ ସୁମନ ମୋଦି ,ଭବାନୀ କୁମାରୀ ସାହୁ ଆଦି ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଶୁଭକାମନା ଜଣାଇଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ... ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ... / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ... ରେ ଯୋଗାଯୋଗ କରନ୍ତୁ।

# ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ପାରା ଭଲିବଲ୍ ଚାମ୍ପିଅନସିପ୍




ଭୁବନେଶ୍ୱର,୧୯।୮ (ସବ୍ୟୁ): ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା (ପିଏସଏଓ) ପକ୍ଷରୁ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶା ରାଜ୍ୟ ପାରା ଭଲିବଲ୍ ଚାମ୍ପିଅନସିପ୍ ୨୦୨୬–୨୭ ଆସନ୍ତା ୪ରୁ ୬ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ସି-୧, ପୁରୁଣା କ୍ରୀଡ଼ା ବିଭାଗ କାର୍ଯ୍ୟାଳୟ ପରିସରର ଇଣ୍ଡୋର୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଏହି ଚାମ୍ପିଅନସିପ୍ ମାଧ୍ୟମରେ ଓଡ଼ିଶାର ପ୍ରତିଭାବାନ ପାରା ଭଲିବଲ୍ ଖେଳାଳିମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ଓ ରାଜ୍ୟସ୍ତରୀୟ ଚୟନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ଓଡ଼ିଶା ପୁରୁଷ ଓ ମହିଳା ସିଟିଂ ଭଲିବଲ୍ ଦଳ ପାଇଁ ଚୟନ କରାଯିବ। ଚୟନିତ ଖେଳାଳିମାନେ ଆଗାମୀ ପୁରୁଷ ଦଳ ନ୍ୟାସନାଲ ପାରା ଭଲିବଲ ଫେଡେରାଲ କପ ୨୦୨୬ ଏବଂ ନ୍ୟାସନାଲ ପୁରୁଷ ଏବଂ ମହିଳା ଭଲିବଲ ଚାମ୍ପିଅନସିପ ୨୦୨୬-୨୭ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ରାଜ୍ୟ ପାରା ଭଲିବଲ୍ ଚାମ୍ପିଅନସିପରେ ଅଣ୍ଟାରୁ ତଳ ଅଙ୍ଗକୁ ପ୍ରଭାବିତ କରୁଥିବା ଶାରୀରିକ ଦିବ୍ୟାଙ୍ଗତା ଓ ଗୋଡ଼ରେ ଥିବା ଦିବ୍ୟାଙ୍ଗତା ଯୋଗ୍ୟ ନୂତନ ଖେଳାଳିମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଅଂଶଗ୍ରହଣ କରିପାରିବେ। ଏହା ସହିତ ଓଡ଼ିଶା ରାଜ୍ୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପ୍ ୨୦୨୬–୨୭ ଆସନ୍ତା ୭ ସେପ୍ଟେମ୍ବର ୨୦୨୬ରେ କଳିଙ୍ଗ ଷ୍ଟାଡିୟମର ବାସ୍କେଟବଲ୍ ଗ୍ରାଉଣ୍ଡ, ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

ଇଚ୍ଛୁକ ଓ ଯୋଗ୍ୟ ଖେଳାଳିମାନେ ୨ ସେପ୍ଟେମ୍ବର ୨୦୨୬ ରାତି ୧୨ଟା ପର୍ଯ୍ୟନ୍ତ ନିଜ ନିଜ ଟିମ୍ ଫର୍ମ ଦାଖଲ କରି ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ଓ ଅଧିକ ସୂଚନା ପାଇଁ ସୁନିଲ ପ୍ରଧାନ ସଚିବ, ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ମୋବାଇଲ୍: ୯୮୬୧୦୦୯୩୯୬ ଇ-ମେଲ୍: entryparalympicodisha@gmail.com ଯୋଗାଯୋଗ କରିପାରିବେ। ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ରାଜ୍ୟର ସମସ୍ତ ଯୋଗ୍ୟ ପାରା ଖେଳାଳିଙ୍କୁ ଏହି ରାଜ୍ୟ ଚାମ୍ପିଅନସିପରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିବା ସହିତ ରାଜ୍ୟ ଦଳରେ ଚୟନ ହୋଇ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିବାକୁ ଆହ୍ୱାନ ଜଣାଇଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି